R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୬୯
ତିଥି : ଚତୁର୍ଥୀ
୦୪ ଜୁଲାଇ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 269
04 July 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଏସିଏମ୍‌ଇ, ଆଇଏଚ୍‌ଆଇ ସହ ସରକାରଙ୍କ ଏମ୍‌ଓୟୁ

## ଗ୍ଲୋବାଲ ଗ୍ରୀନ୍ ହବ୍ ହେବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୩।୭ (ସବ୍ୟୁ) : ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ଏବେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ସବୁଜ ଅର୍ଥନୀତି (ଗ୍ରୀନ୍ ଇକୋନୋମି) ଦ୍ୱାରା ପରିଚାଳିତ ହେବ ବୋଲି ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ, ଜାପାନୀ ଶିଳ୍ପ ବ୍ୟବସାୟିକ ପ୍ରତିନିଧି ମଣ୍ଡଳଙ୍କ ସହିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ କହିଛନ୍ତି ଯେ, ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗରେ ଓଡିଶାକୁ ଏକ 'ଗ୍ଲୋବାଲ୍ ଗ୍ରୀନ୍ ହବ୍' ରେ ପରିଣତ କରାଯିବ।




ଆଜି ଲୋକସେବା ଭବନର କନଭେନସନ୍ ସେଣ୍ଟରଠାରେ ଜାପାନର ବିଜିନେସ୍ ଡେଲିଗେଟ୍ ମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଓଡିଶାରେ ପୁଞ୍ଜି ନିବେଶ ସମ୍ପର୍କରେ ବିଶେଷକରି ସବୁଜ ଅର୍ଥନୀତିର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଛନ୍ତି।

ଏହି ଅବସରରେ ରାଜ୍ୟ ସରକାର ଏସିଏମ୍‌ଇ ଗ୍ରୁପ ଓ ଆଇଏଚ୍‌ଆଇ କର୍ପୋରେସନ୍ ସହିତ ଏକ ସହଯୋଗ ପତ୍ର ସ୍ୱାକ୍ଷର କରିଛନ୍ତି। ଏହାଦ୍ୱାରା ଏହି ଦୁଇଟି କମ୍ପାନୀ ଓଡିଶାରେ ସ୍ୱଚ୍ଛ ଶକ୍ତି ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପରେ ବ୍ୟାପକ ରୂପରେ ନିବେଶ କରିବା ପାଇଁ ଉଦ୍ୟମ କରିବେ। ଏହି ସହଯୋଗ ଦ୍ୱାରା ଟେକ୍ନୋଲୋଜି ଟ୍ରାନ୍ସଫର, ପରିବେଶ ଅନୁକୂଳ ଦୀର୍ଘସ୍ଥାୟୀ ଶିଳ୍ପାୟନ

**ଜାପାନରୁ ଆସିବ ୬୭ ହଜାର କୋଟି**

**୭ ୬୦୦ ନିଯୁକ୍ତି ସୁଯୋଗ ସୃଷ୍ଟି**

ସହିତ ଓଡିଶାରେ ବ୍ୟାପକ ନିଯୁକ୍ତି ଓ ଅର୍ଥନୈତିକ ସୁଯୋଗ ସୃଷ୍ଟି ହେବ।

ଏହି ଦୁଇଟି କମ୍ପାନୀ ଏସିଏମ୍‌ଇ ଓ ଆଇଏଚ୍ ଆଇ ଓଡିଶାରେ ୩ଟି ପ୍ରକଳ୍ପ ସ୍ଥାପନ କରିବା ପାଇଁ ସହଯୋଗର ହାତ ବଢାଇଛନ୍ତି। ଏହାର (୯ ପୃଷ୍ଠାରେ)

### ତୃତୀୟ ଦିନରେ ଡାକ୍ତରଙ୍କ ଆନ୍ଦୋଳନ

## ରୋଗୀ ସେବା ଠପ୍

### ଆଜିଠୁ ଘଣ୍ଟିକିଆ ଓପିଡି ବନ୍ଦ ଚେତାବନୀ

ଭୁବନେଶ୍ୱର, ୦୩।୭ (ସବ୍ୟୁ): ଡାକ୍ତର ଆନ୍ଦୋଳନ ଯୋଗୁ ସାରା ରାଜ୍ୟରେ ରୋଗୀ ସେବା ଠପ୍ ହୋଇଯାଇଛି । କେଉଁଠି ଶବ ଧରି ପୋଷ୍ଟମର୍ଟମ ଅପେକ୍ଷାରେ ସଂପର୍କୀୟ ତ ଆଉ କେଉଁଠି ମେଡ଼ିକାଲ୍ ବାରଣ୍ଡାରେ ରୋଗୀ ଛଟପଟ ହେଉଛନ୍ତି । ରାଜ୍ୟ ସରକାରଙ୍କ ନାଲିଆଖିକୁ ଡାକ୍ତରଙ୍କ ଖାତିର ନାହିଁ । କାର୍ଯ୍ୟରେ ଯୋଗ ଦେଉନଥିବା ଡାକ୍ତରଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ସତ୍ତ୍ୱେ ଆଜି(ଶୁକ୍ରବାର) ତୃତୀୟ ଦିନରେ ରାଜ୍ୟବ୍ୟାପି ଆନ୍ଦୋଳନ ଜାରି ରଖିଛନ୍ତି ଡାକ୍ତର । ଆସନ୍ତାକାଲି(ଶନିବାର) ଠାରୁ ଏକ ଘଣ୍ଟା ବର୍ହି ବିଭାଗ (ଓପିଡି) ବନ୍ଦ କରିବାକୁ ଡାକ୍ତରମାନେ ଚେତାବନୀ ଦେଇଛନ୍ତି ।

ରାଜ୍ୟର ବିଭିନ୍ନ ସ୍ଥାନରୁ ସ୍ୱାସ୍ଥ୍ୟସେବାର ଗୋଟିଏ ପରେ ଗୋଟିଏ ବିକଳ ଚିତ୍ର ଆସିବା ପରେ କଠୋର ହୋଇଛନ୍ତି ରାଜ୍ୟ ସରକାର । ଏସମା ବଳବତ୍ତର ଥିବା ସତ୍ତ୍ୱେ କାର୍ଯ୍ୟରେ ଯୋଗ ଦେଉନଥିବା ଡାକ୍ତରଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ସରକାରଙ୍କ ଏହି କଡ଼ା ଆଭିମୁଖ୍ୟ ଡାକ୍ତରଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନି । (୯ ପୃଷ୍ଠାରେ)

### ଆଜି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଓମ୍‌ସାର ଆଲୋଚନା

ଭୁବନେଶ୍ୱର, ୦୩।୭ (ସବ୍ୟୁ): ରାଜ୍ୟରେ ଚାଲିଥିବା ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ୍ (ଓମସା) ର ଆନ୍ଦୋଳନ ମଧ୍ୟରେ ସମାଧାନର ବାଟ ଖୋଜିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତ । ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓମସାର ସଭାପତି ଏବଂ ସାଧାରଣ ସମ୍ପାଦକଙ୍କୁ ଆଲୋଚନା ପାଇଁ ଆମନ୍ତ୍ରଣ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ ଆନୁଷ୍ଠାନିକ ଚିଠି ଜାରି କରାଯାଇଛି ।

ଆସନ୍ତାକାଲି (ଶନିବାର) ପୂର୍ବାହ୍ଣ ୧୧.୩୦ରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ । ଚିଠିରେ ଓମାସକୁ ଚାଲିଥିବା ଆନ୍ଦୋଳନ ବନ୍ଦ କରି ଆଲୋଚନାରେ ଯୋଗ ଦେବାକୁ ଆହ୍ୱାନ କରାଯାଇଛି । ଡାକ୍ତରମାନଙ୍କ ବିଭିନ୍ନ ଦାବି ଓ ସମସ୍ୟା ଉପରେ ଆଲୋଚନା କରି ପରସ୍ପର ସହମତି ଭିତ୍ତିରେ ସମାଧାନର ରାସ୍ତା ବାହାର କରିବାକୁ ସରକାର ଉଦ୍ୟମ କରୁଛନ୍ତି । ବୈଠକରେ ଓମସା ପକ୍ଷରୁ କେଉଁ ସବୁ ପ୍ରସଙ୍ଗ ଉଠାଯିବ ଏବଂ ସରକାର କେଉଁ ପ୍ରସ୍ତାବ ରଖିବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

ଏହି ବୈଠକ ପରେ (୯ ପୃଷ୍ଠାରେ)

### ପାକିସ୍ତାନକୁ ଭାରତର ଜବାବ

## ଆତଙ୍କବାଦ ବନ୍ଦ ନହେଲେ ସିନ୍ଧୁ ଚୁକ୍ତି ସ୍ଥଗିତ

ନୂଆଦିଲ୍ଲୀ, ୦୩।୭ : ପାକିସ୍ତାନ ସୀମାପାର ଆତଙ୍କବାଦ ପ୍ରାୟୋଜିତରୁ ନିବୃତ୍ତ ନହେବା ଯାଏଁ ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରହିବ। ସୀମାପାର ଆତଙ୍କବାଦ ପାକିସ୍ତାନ ସମ୍ପୂର୍ଣ୍ଣ ବନ୍ଦ କରୁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହାଛଡ଼ା ଆଫଗାନିସ୍ତାନ ଉପରେ ପାକିସ୍ତାନର ଆକ୍ରମଣକୁ ଆମେରିକା ନିନ୍ଦା କରିଛି।

ସିନ୍ଧୁ ଚୁକ୍ତି ନେଇ ପାକିସ୍ତାନ ଭାରତକୁ ଚେତାବନୀ ଦେବାପରେ ଆଜି କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ ଭାରତର ଆଭିମୁଖ୍ୟ ସିନ୍ଧୁ ଜଳ ଚୁକ୍ତି ସମ୍ବନ୍ଧରେ ସ୍ପଷ୍ଟ ଓ ସମାନ ରହିଛି। ପାକିସ୍ତାନ ପକ୍ଷରୁ ସୀମାପାର ଆତଙ୍କବାଦକୁ ବନ୍ଦ କରିବାକୁ ପଡ଼ିବ। ଆତଙ୍କବାଦୀ କାର୍ଯ୍ୟକଳାପ ଯୋଗୁ ଏହି ଚୁକ୍ତିକୁ ସ୍ଥଗିତ ରଖାଯାଇଛି। ନିକଟରେ ପାକିସ୍ତାନର ମନ୍ତ୍ରୀ ମୁସାଦିକ ମଲ୍ଲିକ ଏକ ବୟାନ ଦେଇ କହିଛନ୍ତି, ସିନ୍ଧୁ ଜଳ ବନ୍ଦ କଲେ ହାତ କାଟିଦେବୁ। ଏହାର ଜବାବରେ ଶ୍ରୀ ଜୟସ୍ୱାଲ କହିଛନ୍ତି ଯେ ସିନ୍ଧୁ ଜଳ ଚୁକ୍ତି ନେଇ ଭାରତର ସ୍ଥିତି ଅପରିବର୍ତ୍ତିତ ରହିଛି। ଯେପର୍ଯ୍ୟନ୍ତ ଆତଙ୍କବାଦ ବନ୍ଦ ହୋଇନାହିଁ, ସେ ପର୍ଯ୍ୟନ୍ତ ଚୁକ୍ତି ସ୍ଥଗିତ ରହିବ। ଆଫଗାନିସ୍ତାନ ସମ୍ପର୍କରେ ସେ କହିଛନ୍ତି ଯେ ଆଫଗାନିସ୍ତାନକୁ ଆମର ସହଯୋଗ ଜାରି ରହିଛି। ଆମେ ସେଠାକୁ ମାନବିକ ଦୃଷ୍ଟିକୋଣରୁ ସହାୟତା ଦେଉଛୁ। ପହଲଗାମ ଆତଙ୍କ ଆକ୍ରମଣ ପରେ ୧୯୬୦ରେ ସିନ୍ଧୁ ନଦୀକୁ ନେଇ ଯେଉଁ ଚୁକ୍ତି ହୋଇଥିଲା, ତାହା ସ୍ଥଗିତ ରଖାଯାଇଛି। (୯ ପୃଷ୍ଠାରେ)

## ଲଗାଣ ବର୍ଷାରେ ବେହାଲ ରାଜ୍ୟ

ଭୁବନେଶ୍ୱର, ୦୩।୭ (ସବ୍ୟୁ) : ରାଜ୍ୟରେ ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ଗାଁଠୁ ସହର ଯାଏ ବେହାଲ କରିଛି। ସହରାଞ୍ଚଳରେ ଡ୍ରେନେଜ୍ ସମସ୍ୟା ଯୋଗୁ କୃତ୍ରିମ ବନ୍ୟା ଉପୁଜିଛି। ଘଣ୍ଟାଏ ଦୁଇଘଣ୍ଟା ବର୍ଷାରେ ଜଳାର୍ଣ୍ଣବ ହେବା ସହ ଘରେ ଆଣ୍ଠୁଏ ଉଚ୍ଚର ପାଣି ପଶୁଛି। ବରଗଡ଼ ଜିଲ୍ଲାର ଅମ୍ବାଭୋନାରେ ଗୋଟିଏ ଦିନରେ ୩୧୭ ମିମି ବର୍ଷା ରେକର୍ଡ଼ କରାଯାଇଥିଲାବେଳେ ବଲାଙ୍ଗୀରରେ ୧୪୭ ମିମି, ବୌଦ୍ଧର କଣ୍ଟାମାଳରେ ୧୨୭ ମିମି ଓ ସୋନପୁରର ବୀରମହାରାଜପୁରରେ ୧୧୭ ମିମି ବର୍ଷା ରେକର୍ଡ଼ କରାଯାଇଛି। ଆସନ୍ତାକାଲି ସମ୍ବଲପୁର, ଅନୁଗୋଳ, ସୋନପୁର, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି।



ପାଣିପାଗ ବିଭାଗର କହିବା ଅନୁସାରେ, ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ନିକଟବର୍ତ୍ତୀ ଉତ୍ତର ଓଡ଼ିଶା- ପଶ୍ଚିମବଙ୍ଗ ଉପକୂଳ ଉପରେ ଥିବା ଲଘୁଚାପ କ୍ଷେତ୍ର ଏବେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ ରହିଛି। ଏହାସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତନଠାରୁ ୭.୬ କିମି ପର୍ଯ୍ୟନ୍ତ ବ୍ୟାପିଛି ଓ ଦକ୍ଷିଣ-ପଶ୍ଚିମ ଦିଗକୁ ଉଚ୍ଚତା ସହିତ ଢଳି ରହିଛି। ଆଗାମୀ ଦୁଇଦିନ ମଧ୍ୟରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ଅଛି। ଫଳରେ ବର୍ଷା ପରିମାଣ ବଢ଼ିବ ବୋଲି ପୂର୍ବାନୁମାନ (୯ ପୃଷ୍ଠାରେ)

- ଅମ୍ବାଭୋନାରେ ୩୧୭ ମିମି ବର୍ଷା
- ସହରାଞ୍ଚଳ ଜଳାର୍ଣ୍ଣବ, ଘରେ ଆଣ୍ଠୁଏ ପାଣି
- ଆଉ ଦୁଇଦିନ ବର୍ଷା ସମ୍ଭାବନା
- ଆହୁରି ଘନୀଭୂତ ହେବ ଲଘୁଚାପ

### ଓଡ଼ିଶାରେ ଏସ୍‌ଆଇଆର୍ ସୁପରିଚାଳନା କରିବେ ଆଇଏଏସ୍

## ୧୦ ଅଧିକାରୀଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତି

ଭୁବନେଶ୍ୱର, ୦୩।୭ (ସବ୍ୟୁ): ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର) ପ୍ରକ୍ରିୟାକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ୧୦ ଜଣ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ଏହି ଅଧିକାରୀମାନଙ୍କୁ ବିଭିନ୍ନ ଜିଲ୍ଲାର ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ସଂଶୋଧନ ପ୍ରକ୍ରିୟା ପାଇଁ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି ।

ସେହିପରି ଏସଆଇଆର ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟର ସମାପ୍ତି ପରେ ଚିଠା ଭୋଟର ତାଲିକା ଆସନ୍ତା ଚଳିତମାସ ୫ ତାରିଖରେ ପ୍ରକାଶ କରାଯିବ । ଚିଠା ଭୋଟର ତାଲିକା ପ୍ରକାଶ ପାଇଲା ପରେ କୌଣସି ପ୍ରକାରର ଆପତ୍ତି କିମ୍ବା ଅଭିଯୋଗ ଥିଲେ ୫ ତାରିଖରୁ ଅଗଷ୍ଟ ୪ ମଧ୍ୟରେ ଆପତ୍ତି ଦାଖଲ (୯ ପୃଷ୍ଠାରେ)

- ଅତିକମ୍‌ରେ ୩ଥର ଗସ୍ତ କରି ସ୍ଥିତି ସମୀକ୍ଷା କରିବେ
- ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା
- ଅଗଷ୍ଟ ୪ ଯାଏଁ ଅଭିଯୋଗ କରିପାରିବେ


## ମିଳିଲାନି ମାଟି ୨୮ ଘଣ୍ଟା ପଡ଼ିରହିଲା ମୃତଦେହ

ରାୟଗଡା, ୦୩।୭ (ସବ୍ୟୁ): ରାୟଗଡ଼ା ଜିଲ୍ଲାର ଏକ ସୀମାନ୍ତ ଗାଁରେ ଘଟିଥିବା ଏକ ସମ୍ବେଦନଶୀଳ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିବା ଜଣେ ଆଦିବାସୀ ବୃଦ୍ଧଙ୍କ ଶେଷକୃତ୍ୟକୁ ନେଇ ମତଭେଦ ସୃଷ୍ଟି ହେବାରୁ ତାଙ୍କ ମୃତଦେହ ପ୍ରାୟ ୨୮ ଘଣ୍ଟା ଧରି ଘରେ ପଡ଼ିରହିଥିଲା । ପରେ ଆଲୋଚନା ମାଧ୍ୟମରେ ସମାଧାନ ବାହାରିବା ପରେ ସରକାରୀ ଜମିରେ (୯ ପୃଷ୍ଠାରେ)

### ସୌମ୍ୟ ହତ୍ୟା ମାମଲା

## ଓମ୍‌ର ସତମିଛ ପରୀକ୍ଷା

ଭୁବନେଶ୍ୱର, ୦୩।୭ (ସବ୍ୟୁ) : ଜିଆର୍‌ପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ମାମଲା ଭିନ୍ନମୋଡ ନେଇପାରେ। ସୌମ୍ୟ ସହ ବାଇକ୍ ଚଲାଉଥିବା ଓମ୍‌ପ୍ରକାଶ ମିଛ କହୁଥିବା କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଟିମ୍ ଜାଣିବା ପରେ ତା'ର ସତମିଛ ପରୀକ୍ଷା ହୋଇଛି । କୋର୍ଟ ନିର୍ଦ୍ଦେଶ ପରେ ସତମିଛ ପରୀକ୍ଷା ଶୁକ୍ରବାର ରସୁଲଗଡ ଫୋରେନ୍‌ସିକ୍ ଲାବ୍‌ରେ କରାଯାଇଛି । ୫ଘଣ୍ଟା ଧରି ବିଭିନ୍ନ ଦିଗକୁ ଆଧାର କରି ପ୍ରାୟ ଶତାଧିକ ପ୍ରଶ୍ନ ପଚରା ଯାଇଥିଲା । ସତମିଛ ପରୀକ୍ଷା ପାଇଁ ଉର୍ଦ୍ଦିଷ୍ଟ ଯନ୍ତ୍ରାସରେ



ଓମ୍‌ର ସବୁ ବୟାନ ରେକର୍ଡ ହୋଇଛି । ରିପୋର୍ଟ ମିଳିବା ପରେ ଓମ୍ ଯାହା କହୁଛି ସତ ନା ମିଛ ଜଣାପଡିବ । ଷଡଯନ୍ତ୍ର କରି ସୌମ୍ୟଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ପରିବାର ଅଭିଯୋଗ କରିଆସୁଛି । ଓମ୍‌ର ସତମିଛ ପରୀକ୍ଷା ହୋଇଥିବା ବେଳେ ଯେଉଁ ଦୁଇ ଯୁବତୀ ଦୁର୍ଘଟଣା ବାହାନା କରି ଦୁଷ୍କର୍ମ ଉଦ୍ୟମ ଅଭିଯୋଗ କରିଥିଲେ ତାଙ୍କର ସତମିଛ ପରୀକ୍ଷା ପାଇଁ ପରିବାର ଦାବି କରୁଛି । ସେହି ଦୁଇ ଯୁବତୀଙ୍କ ସହ ଓମ୍‌ର ସମ୍ପର୍କ ଥିବାରୁ ତାଙ୍କ ଗାଡି ସହ ଜାଣିଶୁଣି ବାଇକ୍ ଧକ୍କା କରାଇଥିଲା ସେ ବୋଲି ପରିବାର ଅଭିଯୋଗ କରିଆସୁଛି।

ମେ' ୭ ତାରିଖ ଦିନ ବାଲିଅନ୍ତା ଥାନା ଅଞ୍ଚଳରେ ଦୁର୍ଘଟଣା ଓ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ କରି ସୌମ୍ୟଙ୍କୁ ପିଟି ପିଟି ହତ୍ୟା କରିଥିଲେ ଦୁର୍ବୃତ୍ତ। ପ୍ରଥମେ ବାଲିଅନ୍ତାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ୮ଜଣଙ୍କୁ ଗିରଫ କରିଥିଲା । ପରେ (୯ ପୃଷ୍ଠାରେ)

### ସିଜେଆଇଙ୍କୁ ୨୩ ବିରୋଧୀ ଦଳର ଚିଠି

## ତଦନ୍ତକାରୀ ସଂସ୍ଥାର ହେଉଛି ଅପବ୍ୟବହାର

ନୂଆଦିଲ୍ଲୀ, ୦୩।୭ : ନିର୍ବାଚନରେ ଅନିୟମିତତା, ଇଡି ଓ ସିବିଆଇକୁ ବ୍ୟବହାର କରି ନିର୍ବାଚିତ ସରକାରକୁ ଭଙ୍ଗାଯାଉଛି। ଏହା ବିରୋଧରେ ୨୩ ବିରୋଧୀ ଦଳ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିଛନ୍ତି। ପ୍ରଧାନ ବିଚାରପତିଙ୍କୁ ଦିଆଯାଇଥିବା ଚିଠିରେ ଅନେକ ଘଟଣାର ଅବତାରଣା କରାଯାଇଛି।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କୁ ଲେଖାଯାଇଥିବା ଚିଠିରେ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି, ଆରଜେଡି, ତୃଣମୂଳ କଂଗ୍ରେସ, ଏନ୍‌ସିପି (ଏସ୍‌ପି), ଆପ୍, ଜେଏମ୍‌ଏମ୍, ସିପିଆଇଏମ୍, ଆଇୟୁଏମ୍‌ଏଲ୍, ଜେକେଏନ୍‌ସି, ପିଡିପି ଓ ଫରୱାର୍ଡ ବ୍ଲକ



ଅଛନ୍ତି। ସେମାନେ ଉଲ୍ଲେଖ କରିଛନ୍ତି ଯେ ଇଡି, ସିବିଆଇ ଓ ଏନ୍‌ଆଇଏ ଭଳି ତଦନ୍ତକାରୀ ସଂସ୍ଥାକୁ ବିରୋଧୀ ଦଳଗୁଡ଼ିକ ବିରୋଧରେ ବ୍ୟବହାର କରାଯାଇ ଟାର୍ଗେଟ୍ କରାଯାଉଛି। ନିର୍ବାଚିତ ସରକାରକୁ ଭଙ୍ଗାଯାଉଛି। ଏହା ଗଭୀର ଚିନ୍ତାର ବିଷୟ। ସରକାରୀ ସଂସ୍ଥାଗୁଡ଼ିକ କେବଳ ବିରୋଧୀ ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ଏହି ସଂସ୍ଥା ମଧ୍ୟ ନିର୍ବାଚନ ଫଳାଫଳକୁ ବଦଳାଉଛନ୍ତି ଏବଂ ନିର୍ବାଚିତ ସରକାରକୁ ଭାଙ୍ଗୁଛନ୍ତି। ୨୦୧୪ରୁ ଏ ସରକାର କ୍ଷମତାକୁ ଆସିବା ପରେ ଦେଖିବାକୁ ମିଳୁଛି। ନିର୍ବାଚନ ପୂର୍ବରୁ ଅନାବଶ୍ୟକ ଭାବେ ବିହାର, ପଶ୍ଚିମବଙ୍ଗ ଓ ତାମିଲନାଡୁରେ ଏସ୍‌ଆଇଆର କରାଗଲା। ସେହିଭଳି ଦିଲ୍ଲୀ, ହରିୟାଣା ଓ ମହାରାଷ୍ଟ୍ର ନିର୍ବାଚନରେ ବ୍ୟାପକ ଅନିୟମିତତା କରାଗଲା। ଇସିଆଇ ଓ ଅନ୍ୟ ନିଯୁକ୍ତିଗୁଡ଼ିକ (୯ ପୃଷ୍ଠାରେ)

- ଇଡି, ସିବିଆଇ ବ୍ୟବହାର କରି ନିର୍ବାଚିତ ସରକାରକୁ ଭଙ୍ଗାଯାଉଛି
- ନିର୍ବାଚନ ହେବାକୁ ଥିବା ରାଜ୍ୟରେ ଏସ୍‌ଆଇଆର ବନ୍ଦ ରହୁ

### ଫ୍ରାନ୍ସରେ ଗ୍ରୀଷ୍ମ ଲହରୀ

## ସପ୍ତାହରେ ଗଲାଣି ୨୦୨୫ ଜୀବନ

ନୂଆଦିଲ୍ଲୀ, ୦୩।୭ : ୟୁରୋପରେ ଗ୍ରୀଷ୍ମ ପ୍ରବାହ ରେକର୍ଡ଼ ଭାଙ୍ଗିଛି । ଫ୍ରାନ୍ସରେ ଗତ ସପ୍ତାହରେ ୨୦୨୫ ଜଣଙ୍କର ଗ୍ରୀଷ୍ମ ପ୍ରବାହ ଯୋଗୁ ମୃତ୍ୟୁ ହୋଇଥିବା ରେକର୍ଡ଼ କରାଯାଇଛି। ଜୁନ୍‌ର ଗତ ସପ୍ତାହ ତୁଳନାରେ ଶେଷ ସପ୍ତାହରେ ଗ୍ରୀଷ୍ମ ପ୍ରବାହ ଅଧିକ ରହିଥିଲା। ଜୁନ୍ ୨୨ରୁ ୨୮ ମଧ୍ୟରେ ଫ୍ରାନ୍ସ ଅତିରିକ୍ତ ୨୦୨୫ ମୃତ୍ୟୁ ହୋଇଥିବା ଫ୍ରାନ୍ସର ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ପୂର୍ବ ସପ୍ତାହ ତୁଳନାରେ ଗତ ସପ୍ତାହରେ ୨୯% ଅଧିକ ମୃତ୍ୟୁ ହୋଇଛି। ମୃତ୍ୟୁ ସଂଖ୍ୟା ଆଗକୁ ବଢ଼ିବାର ସମ୍ଭାବନା ରହିଛି। ପ୍ରାୟ ୪୫ରୁ ୬୪ ବର୍ଷ ବର୍ଗଙ୍କ ମଧ୍ୟରେ ମୃତ୍ୟୁ ସଂଖ୍ୟା ଅଧିକ ରହୁଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ୬୫ ବର୍ଷରୁ ଅଧିକ ଲୋକଙ୍କର ସର୍ବାଧିକ ମୃତ୍ୟୁ



ହୋଇଛି। ସମଗ୍ର ୟୁରୋପର ଦୁଇ ତୃତୀୟାଂଶ ଜନସଂଖ୍ୟା ଜୁନ ୧୫ରୁ ୩୦ ମଧ୍ୟରେ ୩୫ ଡିଗ୍ରୀ ସେଲ୍‌ସିୟସ୍‌ରେ ଆଉଟିପାଉଟି ହେଉଛନ୍ତି। ଫ୍ରାନ୍ସରେ ଜୁନ୍ ୨୪ରେ ସବୁଠୁ ଉତ୍ତପ୍ତ ସହର ହୋଇଥିଲା। ପ୍ୟାରୀସ୍‌ରେ ତାପମାତ୍ରା ୪୧ ଡିଗ୍ରୀ ଅତିକ୍ରମ କରିଥିଲା। ଏହି ରାଷ୍ଟ୍ରର ଅଧିକାଂଶ (୯ ପୃଷ୍ଠାରେ)

# ଥ୍ରିଡି ଛତା



କାନାଡାର ଜଣେ ଇଞ୍ଜିନିୟର ଏଭଳି ଏକ ସ୍ମାର୍ଟ ଉଡ଼ନ୍ତା ଛତା ପ୍ରସ୍ତୁତ କରିଛନ୍ତି, ଯାହାକୁ ବିନା ହାତରେ ଧରି ମଧ୍ୟ ଏହା ଆପେଆପେ ଆପଣଙ୍କ ମୁଣ୍ଡ ଉପରେ ଉଡ଼ିପାରିବ । ଏହି ଅଭିନବ ଛତା ଉଭୟ ଖରା ଓ ବର୍ଷାରୁ ସୁରକ୍ଷା ଦେବା ସହ ଉପଭୋକ୍ତା ଯେଉଁଆଡ଼େ ଯିବେ, ତାଙ୍କ ପଛେ ପଛେ ଗତି କରିବାର କ୍ଷମତା ରଖିଛି । ଏହି ଛତା ଭିତରେ ଡ୍ରୋନ୍ ଟେକ୍ନୋଲୋଜି ଲୁଚି ରହିଥିବା ବେଳେ ଏହାର ଉପରିଭାଗରେ ୪ଟି ପ୍ରୋପେଲର୍ ଲଗାଯାଇଛି, ଯାହା ଏହାକୁ ଶୂନ୍ୟରେ ଉଡ଼ାଇବାରେ ସାହାଯ୍ୟ କରିଥାଏ । ଏହାର ସ୍ୱତନ୍ତ୍ର ଫୋଲ୍ଡିଂ ଡିଜାଇନ୍ ଯୋଗୁଁ ଏହାକୁ ସହଜରେ ବନ୍ଦ କରି ଏକ ସାଧାରଣ ଛତା ଭଳି ମଧ୍ୟ ସାଇତି ରଖାଯାଇପାରିବ । ଏହାଛଡ଼ା, ଉପଭୋକ୍ତାଙ୍କର ଠିକ୍ ସ୍ଥିତିକୁ ଥ୍ରିଡି ରୂପରେ ଚିହ୍ନଟ କରିବା ପାଇଁ ଏଥିରେ ଏକ 'ଟାଇମ୍-ଅଫ୍-ଫ୍ଲାଇଟ୍ ଡେପ୍ଥ କ୍ୟାମେରା' ସଂଯୋଗ କରାଯାଇଛି । ଥ୍ରିଡି ପ୍ରିଣ୍ଟିଂ ଏବଂ କାର୍ବନ-ଫାଇବର ନାଇଲନ୍ ପାର୍ଟସ୍‌କୁ ନେଇ ଗଢ଼ାଯାଇଥିବା ଏହି ପ୍ରୋଜେକ୍ଟକୁ ସଫଳ କରିବା ପାଇଁ ପ୍ରାୟ ଏକ ବର୍ଷ ସମୟ ଲାଗିଥିଲା । ଯେଉଁଥିରେ ଅନେକ ସଫ୍ଟୱେର୍ ବିଫଳତା, ପାର୍ଟସ୍ ଭାଙ୍ଗିବା ଏବଂ ବାରମ୍ବାର ସିଷ୍ଟମ୍ ବଦଳାଇବା ଭଳି ଚାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା । ପରିଶେଷରେ ଏହି ଆଧୁନିକ ଉଡ଼ନ୍ତା ଛତା ସଫଳତାର ସହ ପ୍ରସ୍ତୁତ ହୋଇପାରିଛି ।



# ଭଉଣୀଙ୍କ ପାଇଁ ଗର୍ବିତ

ସୋସିଆଲ ମିଡିଆରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଡଲି ଜାଭେଦ ଏବେ ଖୁବ ଚର୍ଚ୍ଚାରେ । ବର୍ତ୍ତମାନ ତାଙ୍କୁ ନୂଆ ରିଆଲିଟି ସୋ 'ଆଲାୟନ୍ସ'ରେ ଜଣେ ଚର୍ଚ୍ଚିତ ପ୍ରତିଯୋଗୀ ଭାବେ ଦେଖିବାକୁ ମିଳୁଛି । ନିଜର ନିର୍ଭୀକ ସ୍ୱଭାବ, ଆତ୍ମବିଶ୍ୱାସ ଓ ସ୍ପଷ୍ଟବାଦିତା ପାଇଁ ଶୋରେ ସେ ଏକ ସ୍ୱତନ୍ତ୍ରସ୍ଥାନ ସୃଷ୍ଟି କରିପାରିଛନ୍ତି । ଘର ଭିତରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଡଲି, ଶୋ'କୁ ଜିତିବା ପାଇଁ ଏକ ଦୃଢ଼ ଦାବିଦାର ସାଜିଛନ୍ତି। ତେବେ ଶୋକୁ ଯିବା ଆଗରୁ ଭଉଣୀ ତଥା ଅଭିନେତ୍ରୀ ଉର୍ଫି ଜାଭେଦଙ୍କ ଭଉଣୀ ହୋଇଥିବାରୁ ସେ ଗର୍ବ କରନ୍ତି ବୋଲି ମତ ଦେଇଥିଲେ । ସେ ସବୁବେଳେ ଉର୍ଫିଙ୍କ ସଫଳତାକୁ ନେଇ ଖୁବ ଖୁସି ହେବା ସହ ଗର୍ବ ଅନୁଭବ କରନ୍ତି । ସେହିଭଳି ସେ ଉର୍ଫିଙ୍କୁ କିଛି ପରାମର୍ଶ ମଧ୍ୟ ଦେଇଥିଲେ । ଜୀବନରେ କିଭଳି ଆଗକୁ ବଢ଼ିବା ସହିତ ନିଜର ଧ୍ୟାନ ମଧ୍ୟ ରଖିବାକୁ ହେଇଥାଏ ସେନେଇ ଉର୍ଫିଙ୍କୁ କିଛି ଟିପ୍ସ ଦେଇଥିଲେ । ଆଗକୁ ଡଲି ଅଭିନୟ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ କରିବାକୁ ଆଶା ରଖି ଏହି ଶୋରେ ଯାଇଥିବା ପ୍ରକାଶ କରିଥିଲେ ।

## ସୋସିଆଲ କୋଟ୍ସ



କ୍ୟାରିୟର ଆରମ୍ଭରୁ ବଙ୍ଗାଳୀ ଥିଏଟରରେ କାମ କରିଥିଲି । ଏଥିରୁ ଅନେକ କିଛି ଶିଖିଛି । ସ୍ୱପ୍ନ ଥିଲା ଏନ୍‌ଏସ୍‌ଡିରେ ପଢ଼ିବି ।

**ଶାହିଦୁର ରହମାନ, ଅଭିନେତା**



ଜୀବନରେ ଖୁବ ସଂଘର୍ଷପୂର୍ଣ୍ଣ ଥିଲା । ସବୁଠାରୁ କଷ୍ଟଥିଲା ବାପାଙ୍କୁ ବି ହରାଇବା, ଯାହା ଜୀବନର ସବୁଠାରୁ ବଡ ଦୁଃଖ ଥିଲା ।

**ସୁନନ୍ଦା ଶର୍ମା, ସିଙ୍ଗର**




ମୁଁ ମୋ ବାପାଙ୍କୁ ଜୀବନରେ ଫ୍ୟାଶନ ପାଇଁ ବଞ୍ଚୁଥିବାର ଦେଖିଛି । ମୋତେ ଏତେ କଥା ଶିଖାଇଥିବାରୁ ବାପା ଆପଣଙ୍କୁ ଧନ୍ୟବାଦ । ଯାହା କିଛି ଫ୍ୟାଶନ ଶିଖିଛି ତାଙ୍କଠାରୁ ହିଁ ଶିଖିଛି ।

**ହ୍ରିତିକ୍ ରୋଶନ, ଅଭିନେତା**

# ୧୪୫୪ ଫୁଟ ଉଚ୍ଚତାରେ ନିର୍ବନ୍ଧ

ନିଉୟର୍କର ପ୍ରସିଦ୍ଧ ଏମ୍ପାୟାର୍ ଷ୍ଟେଟ୍ ବିଲ୍ଡିଂର ୧୪୫୪ ଫୁଟ୍ ଉଚ୍ଚତାରେ ଚଢ଼ି ଜଣେ ରୁଷୀୟ ଦମ୍ପତି ପରସ୍ପରକୁ ପ୍ରପୋଜ୍ କରିବା ସହ ନିର୍ବନ୍ଧ କରିଛନ୍ତି। ହେଲେ ବିଲ୍ଡିଂରୁ ତଳକୁ ଓହ୍ଲାଇବା କ୍ଷଣି ପୁଲିସ୍ ସେମାନଙ୍କୁ ଗିରଫ କରିଛି । ୩୨ ବର୍ଷୀୟ ଇଭାନ୍ ବିରକୁସ୍ ଏବଂ ୩୩ ବର୍ଷୀୟା ଏଞ୍ଜେଲା ନିକୋଲାଉ ବିନା କୌଣସି ଅନୁମତିରେ ଏହି ଗଗନଚୁମ୍ବୀ ଅଟ୍ଟାଳିକାର ସବୁଠାରୁ ଉପର ଭାଗକୁ ଚଢ଼ିଥିଲେ । ଯେଉଁଠି ଇଭାନ୍ ଏଞ୍ଜେଲାଙ୍କୁ ମୁଦି ପିନ୍ଧାଇ ପ୍ରପୋଜ୍ କରିଥିଲେ ଏବଂ ଦୁହେଁ ସେହି ଶୀର୍ଷରେ ପ୍ରାୟ ୧୦ ମିନିଟ୍ ସମୟ ବିତାଇଥିଲେ । ତେବେ ଏହି ବେଆଇନ ଅନୁପ୍ରବେଶ ଯୋଗୁଁ ଲୋକଙ୍କ ଜୀବନ ବିପଦରେ ପକାଇବା, ସମ୍ପତ୍ତି ନଷ୍ଟ କରିବା ଏବଂ ବିଶୃଙ୍ଖଳା ସୃଷ୍ଟି କରିବା ଭଳି ଅନେକ ସଙ୍ଗିନ ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଛି । ମୂଳତଃ ରୁଷର ବାସିନ୍ଦା ଏବଂ ବର୍ତ୍ତମାନ ଆମେରିକାର ନ୍ୟୁଜର୍ସିରେ ରହୁଥିବା ଏହି ଦମ୍ପତିଙ୍କର ଉଚ୍ଚ ଅଟ୍ଟାଳିକାରେ ଚଢ଼ିବାର ନିଶା ଓ ସେମାନଙ୍କ ସମ୍ପର୍କକୁ ନେଇ ୨୦୨୪ ମସିହାରେ ନେଟଫ୍ଲିକ୍ସରେ "ସ୍କାଇୱାକର୍ସ: ଅ ଲଭ୍ ଷ୍ଟୋରୀ" ନାମକ ଏକ ପ୍ରସିଦ୍ଧ ଡକ୍ୟୁମେଣ୍ଟାରୀ ମଧ୍ୟ ପ୍ରସ୍ତୁତ ହୋଇସାରିଛି ।





## ଇତିହାସ

୧୭୭୬- ଆମେରିକା ସ୍ୱାଧୀନ ହୋଇଥିଲା ।
୧୭୮୯- ପେଶୱା ଏବଂ ନିଜାମ ସହ ମିଶି ଟିପୁ ସୁଲତାନଙ୍କ ବିରୋଧରେ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ଚୁକ୍ତି ।
୧୮୧୯- ଆମେରିକାରେ ପ୍ରଥମ "ବ୍ୟାଙ୍କ ଅଫ୍ ସେଭିଙ୍ଗ୍ସ ଇନ୍ ନ୍ୟୁୟର୍କ'ର ଆରମ୍ଭ ।
୧୯୭୯- କୋଲକାତାରେ ବିଦ୍ୟାସାଗର ସେତୁର ନିର୍ମାଣକାର୍ଯ୍ୟ ଆରମ୍ଭ ।
୧୯୯୭- ଆମେରିକୀୟ ଯାନ ସୋଜନର୍ ମଙ୍ଗଳ ଗ୍ରହରେ ପହଞ୍ଚିଲା ।
୧୯୯୮- ବ୍ରିଟେନ୍‌ର ଏକ ପାୱାର୍‌ବୋଟ୍ "ଦି କେବଲ ଆଣ୍ଡ୍ ୱାୟାର୍‌ଲେସ୍ ଆଡ୍‌ଭେଞ୍ଚର' ୭୪ ଦିନ ୨୦ ଘଣ୍ଟା ଓ ୩୮ ମିନିଟ୍‌ରେ ଯାତ୍ରା ପୂରା କରି ସବୁଠୁ ଶୀଘ୍ର ବିଶ୍ୱ ଭ୍ରମଣର ରେକର୍ଡ ହାସଲ କଲା ।
୧୮୯୮- ଭାରତର ପୂର୍ବତନ କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ଗୁଲଜରିଲାଲ୍ ନନ୍ଦଙ୍କ ଜନ୍ମ ।
୨୦୦୧- ବନ୍ଦୀ ଥିବା ପାକିସ୍ତାନୀଙ୍କୁ ମୁକ୍ତ କରିବା ଲାଗି ଭାରତର ନିର୍ଦ୍ଦେଶ ।
୨୦୦୫- ଡଲଫିନ୍‌ର ନୂତନ ପ୍ରଜାତି "ସ୍ନବ୍‌ଫିନ୍'ର ସନ୍ଧାନ କଲା ଅଷ୍ଟ୍ରେଲିଆ ।
୨୦୦୭- ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ହେଲେ ମେକ୍ସିକୋର କାର୍ଲୋସ୍ ସ୍ଲିମ୍ ।

## ଛତୁ ଚଟପଟି



**ସାମଗ୍ରୀ-** ବଟନ ଛତୁ, କ୍ୟାପସି କମ୍, ପିଆଜ, ରସୁଣ, ଚିଲି ଫ୍ଲେକ୍ସ, ମଇଦା,କର୍ଣ୍ଣଫ୍ଲୋର , ଭିନେଗାର, ଧନିଆ ପତ୍ର, ଟମାଟୋ ସସ, ସୋୟାସସ, ଅରିଗାନୋ ।

**ପ୍ରଣାଳୀ-** ପ୍ରଥମେ ଛତୁର ନାଡ ଅଲଗା କରି ଏହାକୁ ଲୁଣ ଓ ଭିନେଗାର ଦେଇ ଅଳ୍ପସମୟ ପାଇଁ ସିଝାଇ ନିଅନ୍ତୁ । ଏହା ସିଝିବା ପରେ ଛତୁକୁ ଏକ ଶୁଖିଲା କପଡାରେ ପୋଛି ନିଅନ୍ତୁ, ଯେପରି ଅଧିକ ପାଣି ଛତୁରୁ ଶୁଖିଯିବ । ଏହାପରେ ଗୋଟିଏ ପାତ୍ରରେ ଅଧାକପ ମଇଦା, ଅଧାକପ କର୍ଣ୍ଣଫ୍ଲୋର, ଗୋଲମରିଚ ଗୁଣ୍ଡ ଗୋଳାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ସେହିଭଳି ଆଉ ଏକ ପାତ୍ରରେ ସେହିଭଳି ମଇଦା, କର୍ଣ୍ଣଫ୍ଲୋର, ଭିନେଗାର, ଅଳ୍ପ ଲୁଣ ଓ ଚିନି ଗୋଳାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ । ପ୍ରଥମେ ଛତୁକୁ ଉକ୍ତ ଶୁଖିଲା ମିଶ୍ରଣରେ ଗଡାନ୍ତୁ । ଯାହାପରେ ଉକ୍ତ ଛତୁକୁ ଘୋଳ ମିଶ୍ରଣରେ ବୁଡାଇ ଛତୁ ପକୋଡା ଛାଣନ୍ତୁ । ଏହାପରେ ପ୍ୟାନରେ ବଟର କିମ୍ବା ରିଫାଇନ ତେଲ ପକାଇ ସେଥିରେ କଟା ପିଆଜ ଓ ରସୁଣ ପକାଇ ଭାଜନ୍ତୁ । ଏହା ଭାଜି ହୋଇଯିବା ପରେ ଏଥିରେ କ୍ୟାପସିକମ ଓ ଛତୁ ପକୋଡା ପକାନ୍ତୁ । ବର୍ତ୍ତମାନ ଏଥିରେ ଦରକାର ଅନୁସାରେ ଲୁଣ ଓ ସମସ୍ତ ଗୁଣ୍ଡ ମସଲା ଓ ସସ୍ ପକାଇ ଗୋଳାଇ ନିଅନ୍ତୁ । ଶେଷରେ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ଛତୁ ଚଟପଟି ।



**ମେଷ:** ମାନସମ୍ମାନ ପ୍ରାପ୍ତି, ଉଚ୍ଚଆଶା ସଫଳ, ବ୍ୟବସାୟରେ ଉନ୍ନତି, ଶୁଭଖବର, ଦୂରଯାତ୍ରା ସଫଳ, ନୂତନ କାର୍ଯ୍ୟରେ ଲାଭ, ବ୍ୟକ୍ତିସହାୟତା, ଶୁଭ ଆଲୋଚନା, ଶରୀର ସୁସ୍ଥ, ବିଦ୍ୟାରେ ସଫଳ, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା-କୁବେର ଭଗବାନ ।

**ବୃଷ:** ଶୁଭକାର୍ଯ୍ୟରେ ଧନବ୍ୟୟ, ବନ୍ଧୁବିବାଦ, ଈଶ୍ୱରକାର୍ଯ୍ୟରେ ତତ୍ପର, ବ୍ୟବସାୟିକ ଖୁସି, କର୍ମକ୍ଷେତ୍ରେ ପରିଶ୍ରମ, ସ୍ୱଜନ ବିରୋଧ, ଜମିଗଣ୍ଡଗୋଳ, ବ୍ୟକ୍ତିସାହାଯ୍ୟ, ଦାମ୍ପତ୍ୟଖୁସି, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ମିଥୁନ:** ମାନସିକ ଶାନ୍ତି, ଲୋକସମ୍ପର୍କ, କାର୍ଯ୍ୟରେ ସଫଳତା, ବ୍ୟବସାୟ ବୃଦ୍ଧି, ଶୁଭସମାଚାର, ଅନୁଷ୍ଠାନରୁ ଲାଭ, ବିଦ୍ୟାରେ ସଫଳ, ଶରୀର ସୁସ୍ଥ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ମା' ଭୁବନେଶ୍ୱରୀ ।

**କର୍କଟ:** ଶରୀର ସୁସ୍ଥ, ଅର୍ଥଲାଭ, ହେବାକାର୍ଯ୍ୟ ବିଳମ୍ବ, ଶୁଭ ଆଲୋଚନା ଦାମ୍ପତ୍ୟଖୁସି, ଲୋକସମ୍ପର୍କ ବୃଦ୍ଧି, ବିବାଦ ସମାଧାନ, ପାରିବାରିକ ସହଯୋଗ, ଦୂରଯାତ୍ରା ସଫଳ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ସିଂହ:** ବ୍ୟବସାୟରେ ସ୍ୱଳ୍ପଲାଭ, କର୍ମକ୍ଷେତ୍ରେ ପରିଶ୍ରମ, ଅତିଥିଦର୍ଶନ, ସୁମିଷ୍ଟ ଭୋଜନ, ବିବାଦ ସମାଧାନ, ବିଶିଷ୍ଟ କାର୍ଯ୍ୟରେ ବିଳମ୍ବ, ଶତ୍ରୁସମସ୍ୟା, ଯାନବାହନେ ସତର୍କ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଲକ୍ଷ୍ମୀନାରାୟଣ ।

**କନ୍ୟା:** ଯାତ୍ରା ସଫଳ, କର୍ମକ୍ଷେତ୍ରେ ଶାନ୍ତି, ପଦୋନ୍ନତି, ଶରୀର ସୁସ୍ଥ, ଦେବଦର୍ଶନ, ଲୋକସମ୍ପର୍କ ବୃଦ୍ଧି, ସ୍ୱାସ୍ଥ୍ୟସମସ୍ୟା, ସନ୍ତାନଲାଭ, ଦାମ୍ପତ୍ୟଖୁସି, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୧୦, ଆରାଧନା-ମା' ବଗଳା ।

**ତୁଳା:** ସନ୍ତାନଚିନ୍ତା, ମାନସିକଶାନ୍ତି, ବିଶିଷ୍ଟ ବ୍ୟକ୍ତି ସହାୟତା, ଅନୁଷ୍ଠାନରୁ ଲାଭ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ଶାନ୍ତି, ବ୍ୟବସାୟ ଆରମ୍ଭ, ଅର୍ଥ ସମସ୍ୟା, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**ବିଛା:** ମାନସିକ କଷ୍ଟ, ଅଳ୍ପ ବିବାଦ, ବ୍ୟବସାୟରେ ସ୍ୱଳ୍ପଲାଭ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ଶାନ୍ତି, ସମ୍ପତ୍ତି ସମସ୍ୟା, ବିଶିଷ୍ଟ କାର୍ଯ୍ୟରେ ଲାଭ, ଗୃହେ ଉତ୍ସବ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** କର୍ମକ୍ଷେତ୍ରେ ଅପମାନ, ଶରୀର ସୁସ୍ଥ, ଅର୍ଥଲାଭ, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ଅନୁଷ୍ଠାନରୁ ଲାଭ, ପାରିବାରିକ ସମସ୍ୟା, ଦାମ୍ପତ୍ୟ କଳହ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ମହାଲକ୍ଷ୍ମୀ ।

**ମକର:** ବ୍ୟବସାୟରେ ସ୍ୱଳ୍ପଲାଭ, ଶରୀର ସୁସ୍ଥ, ବନ୍ଧୁଲାଭ, ଅର୍ଥଲାଭ, ଦୂରଯାତ୍ରାରେ ସତର୍କ, ଶତ୍ରୁସମସ୍ୟା, ଅଯଥା କଳହ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**କୁମ୍ଭ:** କର୍ମକ୍ଷେତ୍ରେ ପ୍ରଶଂସା, ଦେବକାର୍ଯ୍ୟରେ ଶାନ୍ତି, ସମ୍ମାନଲାଭ, ନୂତନ ନିଯୁକ୍ତି, ଦୂରଯାତ୍ରା ସଫଳ, ଶରୀର ସୁସ୍ଥ, ସ୍ୱାଦିଷ୍ଟ ଭୋଜନ ପ୍ରାପ୍ତି, ଶତ୍ରୁ ପରାଜିତ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୧୦, ଆରାଧନା-ଗାଈକୁ ଖାଇବାକୁ ଦିଅନ୍ତୁ ।

**ମୀନ:** ଯାତ୍ରାରେ ସମସ୍ୟା, କିଛିକାର୍ଯ୍ୟରେ ବିଳମ୍ବ, ଅର୍ଥସମସ୍ୟା, ପାରିବାରିକ ସହଯୋଗ, ଦାମ୍ପତ୍ୟଖୁସି, ବ୍ୟବସାୟିକ ଶତ୍ରୁତା, ସମ୍ପର୍କହାନି, ସମ୍ପତ୍ତିବିବାଦ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳାଚେକ୍, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**ଆଷାଢ଼ କୃଷ୍ଣପକ୍ଷ ଚତୁର୍ଥୀ**
**୪.୭.୨୦୨୬, ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

ସତ୍ୟମେବ ଜୟତେ

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ
ଭାରତ ସରକାର

# ଆଞ୍ଚଳିକ ବିମାନ ସଂଯୋଗୀକରଣର
# ଏକ ନୂତନ ଦଶନ୍ଧି ଆରମ୍ଭ



ଶ୍ରୀ ନରେନ୍ଦ୍ର ମୋଦୀ
ମାନ୍ୟବର ପ୍ରଧାନମନ୍ତ୍ରୀ

## ପରବର୍ତ୍ତୀ ପର୍ଯ୍ୟାୟର ଶୁଭାରମ୍ଭ

# ଉଡାନ
(ଉଡେ ଦେଶ କା ଆମ୍ ନାଗରିକ)

**ମୂଲ୍ୟ ପ୍ରାୟ ଟ୨୯,୦୦୦ କୋଟି**

ମାନ୍ୟବର ପ୍ରଧାନମନ୍ତ୍ରୀ

## ଶ୍ରୀ ନରେନ୍ଦ୍ର ମୋଦୀଙ୍କ

ଦ୍ୱାରା

### ଯୋଜନାର ବୈଶିଷ୍ଟ୍ୟ ଏବଂ ଲାଭ

- ୧୨,୧୫୯ କୋଟି ଟଙ୍କାରେ ୧୦୦ଟି ନୂତନ ଏରୋଡ୍ରମର ବିକାଶ, ଦୁର୍ଗମ ଏବଂ ଆଞ୍ଚଳିକ ବିମାନ ସଂଯୋଗୀକରଣକୁ ବୃଦ୍ଧି
- ଭାରତର ପାହାଡ଼ି ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ୩,୬୬୧ କୋଟି ଟଙ୍କାରେ ୨୦୦ଟି ହେଲିପୋର୍ଟ ନିର୍ମାଣ
- ସ୍ଥାୟୀ ଭାବରେ ଆଞ୍ଚଳିକ ରୁଟରେ ବିମାନ ପରିଚାଳନାକୁ ସମର୍ଥନ କରିବା ଏବଂ ସୁଲଭ ବିମାନ ଯାତ୍ରା ସୁନିଶ୍ଚିତ କରିବା ପାଇଁ ୧୦,୦୪୩ କୋଟି ଟଙ୍କାର ସମ୍ଭାବ୍ୟ ଗ୍ୟାପ୍ ପାଣ୍ଠି
- ସୁରକ୍ଷା, ଦକ୍ଷତା ଏବଂ ନିରନ୍ତର କାର୍ଯ୍ୟ ପାଇଁ ୨,୫୭୭ କୋଟି ଟଙ୍କାରେ ବିମାନ ଚଳାଚଳ ଏବଂ ସୁରକ୍ଷା ସହାୟତା
- ସ୍ୱଦେଶୀ ଆଞ୍ଚଳିକ ବିମାନ ଚଳାଚଳ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଏଚଏଏଲ ଧ୍ରୁବ ହେଲିକପ୍ଟର ଏବଂ ଡୋର୍ନିୟର ବିମାନର ଆତ୍ମନିର୍ଭର ବିମାନ ଅଧିଗ୍ରହଣ
- ବାଣିଜ୍ୟ, ପର୍ଯ୍ୟଟନକୁ ବୃଦ୍ଧି ଏବଂ ଆଞ୍ଚଳିକ ଅର୍ଥନୀତି, ନୂତନ ବିମାନ ସେବା ଏବଂ ବିମାନ ଚଳାଚଳ ଷ୍ଟାର୍ଟ-ଅପଗୁଡ଼ିକର ଅଭିବୃଦ୍ଧି ପାଇଁ ସୁଯୋଗ

### ଗରିମାମୟ ଉପସ୍ଥିତି

ଶ୍ରୀ ହରିଭାଉ କିଶାନରାଓ ବାଗଦେ
ରାଜ୍ୟପାଳ,ରାଜସ୍ଥାନ

ଶ୍ରୀ ଭଜନ ଲାଲ ଶର୍ମା
ମୁଖ୍ୟମନ୍ତ୍ରୀ,ରାଜସ୍ଥାନ

ଶ୍ରୀ କିଞ୍ଜାରାପୁ ରାମମୋହନ ନାଇଡୁ
କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

ଶ୍ରୀ ଗଜେନ୍ଦ୍ରସିଂ ଶେଖାଓ୍ୱତ
କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ

ଶ୍ରୀ ମୂରଲୀଧର ମୋହୋଳ
କେନ୍ଦ୍ର ବେସାମରିକ ବିମାନ ଚଳାଚଳ,
ଏବଂ ସମବାୟ ରାଷ୍ଟ୍ରମନ୍ତ୍ରୀ

**ଶନିବାର,୦୪ ଜୁଲାଇ,୨୦୨୬, | ୧୦:୪୫ଘଟିକା | ଯୋଧପୁର ବିମାନବନ୍ଦର,ରାଜସ୍ଥାନ**

DD NEWS ଡିଡି ନ୍ୟୁଜରେ ସିଧା ପ୍ରସାରଣ ଦେଖନ୍ତୁ



CBC 03111/13/0003/2627

Follow us on:- @AAI_Official | @AirportsAuthorityOfIndiaOfficial | @aaiofficial | @AirportsAuthorityofIndia | @airportsauthorityofindia








ଜାପାନର ପ୍ରମୁଖ ଶିଳ୍ପପତିମାନଙ୍କ ସହ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରୁଛନ୍ତି ।

# ସମବାୟ ବିଭାଗର ରାଜ୍ୟସ୍ତରୀୟ କୃତ୍ରିମ ବୁଦ୍ଧିମତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ ଓ ସମବାୟ ବିଭାଗର ଓଡ଼ିଶାର ମିଳିତ ଉଦ୍ୟମରେ, ସମବାୟ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ କୃତ୍ରିମ ବୁଦ୍ଧିମତାର ବ୍ୟବହାରିକ ଜ୍ଞାନ ଓ ସରକାରୀ କାର୍ଯ୍ୟରେ ଏହାର ପ୍ରୟୋଗ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଏକ ରାଜ୍ୟସ୍ତରୀୟ ଏ ଆଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର କନଫରେନ୍ସ ହଲ୍‌ରେ ହାଇବ୍ରିଡ୍ ମୋଡ୍‌ରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୬୦୦ରୁ ଅଧିକ ଅଧିକାରୀ ଓ କର୍ମଚାରୀ ଅନଲାଇନ୍ ମାଧ୍ୟମରେ ଯୋଗଦେଇଥିବା ବେଳେ, ସମବାୟ ବିଭାଗର ବରିଷ୍ଠ ଅଧିକାରୀମାନେ ଭୌତିକ ଭାବେ ଉପସ୍ଥିତ ରହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୃତ୍ରିମ ବୁଦ୍ଧିମତା ଓ ଜେନେରେଟିଭ୍ ଏଆଇର ମୌଳିକ ଧାରଣା, ସରକାରୀ ପ୍ରଶାସନ ଓ ସମବାୟ ଅନୁଷ୍ଠାନରେ ଇଓର ପ୍ରୟୋଗ, ବିଭିନ୍ନ ଏ ଆଇ ଟୁଲ୍ ମାଧ୍ୟମରେ କାର୍ଯ୍ୟଦକ୍ଷତା ବୃଦ୍ଧି, ଡକ୍ୟୁମେଣ୍ଟ ପ୍ରସ୍ତୁତି, ଡାଟା ବିଶ୍ଳେଷଣ, ନିଷ୍ପତ୍ତି ଗ୍ରହଣରେ



ଇଓର ସହାୟତା, ଦାୟିତ୍ୱପୂର୍ଣ୍ଣ ଓ ନୈତିକ ଏ ଆଇ ବ୍ୟବହାର ସହିତ ବିଭିନ୍ନ ବ୍ୟବହାରିକ ପ୍ରଦର୍ଶନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅଂଶଗ୍ରହଣକାରୀମାନଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ଏକ ଇଣ୍ଟରଆକ୍ଟିଭ୍ ପ୍ରଶ୍ନୋତ୍ତର ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା। ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ ପକ୍ଷରୁ ବରିଷ୍ଠ ପ୍ରକଳ୍ପ ପରିଚାଳକ ଡଃ ଅଂଶୁମାନ ସର, ଶଚିକାନ୍ତ ରାଉତ ଏବଂ ଅନ୍ୟ ସହଯୋଗୀ ପ୍ରଶିକ୍ଷକ ଭାବେ ଯୋଗଦେଇ ଏ ଆଇ ର ବିଭିନ୍ନ ବ୍ୟବହାରିକ ଦିଗ, ସରକାରୀ କାର୍ଯ୍ୟରେ ଏହାର ପ୍ରୟୋଗ ଓ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟକୁ କିପରି ଅଧିକ ଦ୍ରୁତ, ସଠିକ୍ ଓ କାର୍ଯ୍ୟକ୍ଷମ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମବାୟ ବିଭାଗର ସିନିୟର ଏ ଆର ସି ଏସ ଶ୍ରୀ ପ୍ରିୟବ୍ରତ ପଣ୍ଡା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ ।

## ବ୍ରାଉନସୁଗର ପାଇଁ ନାବାଳକଙ୍କୁ ଅପହରଣ କରି ମୁଣ୍ଡଜାମିନ, ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଶାନ୍ତିପଲ୍ଲୀ ବସ୍ତିରୁ ବିରିୟାନୀ କିଣିବାକୁ ସହିଦନଗର ଯାଉଥିବା ନାବାଳକ ସିଦ୍ଧାର୍ଥ ଜେନା (୧୭)ଙ୍କୁ ଦୁର୍ବୃତ୍ତମାନେ ଅପହରଣ କରିନେଇ ତାଙ୍କ ବଡଭଉଣୀଙ୍କୁ ୨୦ ହଜାର ଟଙ୍କା ମୁଣ୍ଡଜାମିନ ମାଗିଥିଲେ । ପ୍ରଥମେ ସିଦ୍ଧାର୍ଥଙ୍କୁ ବାଟରେ ଅଟକାଇ ବ୍ରାଉନସୁଗର ଆଣି ଦେବାକୁ କହିଥିଲେ । ସେ କହିଲେ ବ୍ରାଉନସୁଗର ମୁଁ କେଉଁଠୁ ଆଣିବି । ୪ ଦୁର୍ବୃତ୍ତ ତାଙ୍କୁ ଭଉଣୀ ପାଖରୁ ଆଣିବାକୁ କହିବାରୁ ସେ ଉତ୍ତରରେ କହିଥିଲେ ମୋ ଭଉଣୀ ବ୍ରାଉନସୁଗର ବିକେ ନାହିଁ । ତେଣୁ କେଉଁଠୁ ବ୍ରାଉନସୁଗର ଆଣି ତୁମକୁ ଦେବି । ସିଦ୍ଧାର୍ଥ ଠାରୁ ଏକଥା ଶୁଣିବା ପରେ ୪ ଦୁର୍ବୃତ୍ତ ତାଙ୍କ ପକେଟରୁ ୧୮୦୦ଟଙ୍କା ଛଡାଇ ନେବା ସହ ତାଙ୍କୁ ଅପହରଣ କରିନେଇଥିଲେ । ସିଦ୍ଧାର୍ଥଙ୍କ ଭଉଣୀକୁ ଦୁର୍ବୃତ୍ତମାନେ ସ୍ପେଶାଲ ସ୍କ୍ୱାଡ୍ କହି ୨୦ ହଜାର ଟଙ୍କା ଦାବି କରିଥିଲେ । କ'ଣ ପାଇଁ ମୋ ଭାଇକୁ ନେଇ ଆପଣ ରଖିଛନ୍ତି ବୋଲି ସିଦ୍ଧାର୍ଥଙ୍କ ଭଉଣୀ ଟେଲିଫୋନ୍‌ରେ ପଚାରିବାରୁ ସେମାନେ କହିଥିଲେ ତୁମ ଭାଇ ବ୍ରାଉନସୁଗର ବିକ୍ରି କରୁଥିଲା ଧରାହୋଇଛି । ଯଦି ୨୦ ହଜାର ଟଙ୍କା ନଦେବ ତୁମ ଭାଇକୁ ଆମେ କୋର୍ଟଚାଲାଣ କରିଦେବୁ । ଏକଥା ଜଣେ କହୁଥିବା ବେଳେ ଅନ୍ୟ ଜଣେ ସେହି ଫୋନ୍‌ରେ ମାରିଦେବୁ ବୋଲି କହିବାରୁ ସିଦ୍ଧାର୍ଥ ଭଉଣୀଙ୍କର ସନ୍ଦେହ ହୋଇଥିଲା । ସେ ସହିଦନଗର ଥାନାକୁ ଆସି ଅଭିଯୋଗ କରିବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଯେଉଁ ନମ୍ବରରୁ ସିଦ୍ଧାର୍ଥଙ୍କ ଭଉଣୀଙ୍କୁ କଲ ଆସିଥିଲା ସେହି ନମ୍ବରକୁ ଟ୍ରାକିଂ କରି ପୋଲିସ ତାରିଣୀ ବସ୍ତିରେ ପହଞ୍ଚିଥିଲା । ପୋଲିସ ପହଞ୍ଚିବା ବେଳକୁ ସିଦ୍ଧାର୍ଥଙ୍କୁ ଏକ ଅଟୋରେ ବସାଇ ଗିରଫ ୪ ଦୁର୍ବୃତ୍ତ ଘେରି ରହିଥିଲେ । ପୋଲିସ ଅପହୃତ ସିଦ୍ଧାର୍ଥଙ୍କୁ ଉଦ୍ଧାର କରିବା ସହ ୪ଜଣଙ୍କୁ ଗିରଫ କଲା ବୋଲି ଏସିପି ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ଗିରଫ ୪ ଅଭିଯୁକ୍ତ ହେଲେ ମାନସ ସିଂ ଓରଫ ମଣିଆ (୨୦), ମିଟୁ ନାୟକ ଓରଫ ମିଟୁ (୩୬), ମାନସ ରଞ୍ଜନ ସ୍ୱାଇଁ ଓରଫ ମୁନା (୩୦) ଓ ରାଜେଶ ସାହୁ (୨୦) । ସମସ୍ତଙ୍କ ଘର ପଥରବନ୍ଧ ବସ୍ତିରେ ।

### ସହରାଞ୍ଚଳରେ ଲଗାଣ ବର୍ଷା ଓ ବନ୍ୟା ଜନିତ

# ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାର ପରିଚାଳନା ସମ୍ପର୍କରେ ସମୀକ୍ଷା ବୈଠକ

ଭୁବନେଶ୍ୱର, (ସବ୍ୟୁ): ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ସହରାଞ୍ଚଳରେ ଲଗାଣ ବର୍ଷାଜନିତ ବନ୍ୟା ପରିସ୍ଥିତିର



ବନ୍ୟା ତଥା ବର୍ଷାଜଳ ପରିଚାଳନା ସମ୍ପର୍କରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ବିପର୍ଯ୍ୟୟ ପରିଚାଳନାକୁ ସୁଦୃଢ଼ କରିବା ଦିଗରେ ଉନ୍ନତ ବୈଷୟିକ କାର୍ଯ୍ୟପ୍ରଣାଳୀ ଏବଂ ସମୁଦାୟଭିତ୍ତିକ ସଚେତନତା ମାଧ୍ୟମରେ ବିପର୍ଯ୍ୟୟ ପ୍ରଶମନ କ୍ଷମତା ବୃଦ୍ଧି ଦିଗରେ ରାଜସ୍ୱ ପରିଚାଳନା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ଏବଂ ଆଇଆଇଟି ରୁର୍କୀ ମଧ୍ୟରେ ସ୍ୱାକ୍ଷର ହୋଇଥିବା ଏମଓୟୁ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଏ ସଂକ୍ରାନ୍ତରେ ଆଇଆଇଟି ରୁର୍କୀ ପକ୍ଷରୁ ପ୍ରସ୍ତୁତ ଡିପିଆର୍ ପ୍ରଦର୍ଶିତ ହୋଇଥିଲା । ଆଗାମୀ ଦିନରେ ନଗର ଉନ୍ନୟନ ବିଭାଗ ସହ ସମନ୍ୱୟରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ଟି ସହରାଞ୍ଚଳର ତାଲିକା କରି ସହରାଞ୍ଚଳ ବନ୍ୟା ପରିଚାଳନା ଏବଂ ବର୍ଷାଜଳ ନିଷ୍କାସନ ଦିଗରେ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦିଆଯିବା ନେଇ ଆଲୋଚନା ହୋଇଥିଲା । ଭୁବନେଶ୍ୱର ଏବଂ ଅନ୍ୟ ସହର ମାନଙ୍କରେ ବର୍ଷାଜଳ ଡ୍ରେନେଜ୍ ବ୍ୟବସ୍ଥାର ସୁପରିଚାଳନା ଦ୍ୱାରା ବର୍ଷାଜଳ ନିଷ୍କାସନକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ମନ୍ତ୍ରୀ ଶ୍ରୀ ପୂଜାରୀ ପରାମର୍ଶ ଦେଇଥିଲେ । ବୈଠକରେ ସ୍ୱତନ୍ତ୍ର ସହାୟତା ଆୟୁକ୍ତ ରାଜେଶ ପ୍ରଭାକର ପାଟିଲ୍, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଭୁବନେଶ୍ୱର ମହାନଗର ନିଗମର କମିଶନର୍ ଚଞ୍ଚଳ ରଣା ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ଆଇଆଇଟି ରୁର୍କୀ ଏବଂ ଆଇଏନ୍‌ସିଓଆଇଏସ୍ ହାଇଦ୍ରାବାଦର କର୍ତ୍ତୃପକ୍ଷ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ଭିନ୍ନକ୍ଷମଙ୍କ ସଫଳତାର କାହାଣୀକୁ ନେଇ

# ଓଡ଼ିଶାରେ ଆୟୋଜିତ ହେବ ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ 'ସାମର୍ଥ୍ୟ-୨୦୨୬'

ଭୁବନେଶ୍ୱର, (ସବ୍ୟୁ): ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପ୍ରେରଣାଦାୟକ ସଫଳତାର କାହାଣୀକୁ ଜାତୀୟ ସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସ୍‌ଏସ୍‌ଇପିଡି) ପକ୍ଷରୁ "ସାମର୍ଥ୍ୟ-୨୦୨୬" - ଜାତୀୟ ସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ ଆୟୋଜନ କରାଯାଉଛି। ପ୍ରତ୍ୟେକ କ୍ଷୁଦ୍ର ଚଳଚ୍ଚିତ୍ରର ଅବଧି ସର୍ବାଧିକ ୫ ମିନିଟ ମଧ୍ୟରେ ରହିବ। ଚଳିତ ବର୍ଷ ଉତ୍ସବର ବିଷୟ ରହିଛି—"ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସଫଳତାର କାହାଣୀ"। ଏ ସଂକ୍ରାନ୍ତରେ ରାଜ୍ୟସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବା ନେଇ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହି ଉତ୍ସବ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେବା ପାଇଁ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଏହି ଜାତୀୟ ସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବର ଗୁରୁତ୍ୱ ଓ ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ।




ଏହି ସମ୍ମିଳନୀରେ ପ୍ରସିଦ୍ଧ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ, ଜୁରୀ ସଦସ୍ୟ ଓ ପ୍ୟାନେଲ ବିଶେଷଜ୍ଞ ମାନେ ଉପସ୍ଥିତ ଥିଲେ। ଉତ୍ସବଟିକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଆର୍‌ଆର୍ ଇଭେଣ୍ଟସ୍ ଆଣ୍ଡ ସିନେ ପ୍ରଡକ୍ସନକୁ ଦାୟିତ୍ୱ ଦିଆଯାଇଛି। ଦେଶର ବିଭିନ୍ନ ରାଜ୍ୟର ଚଳଚ୍ଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ, ମିଡିଆ ଛାତ୍ରଛାତ୍ରୀ ଓ ସ୍ୱାଧୀନ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଏହି ଉତ୍ସବରେ ଅଂଶଗ୍ରହଣ ପାଇଁ ଆମନ୍ତ୍ରଣ କରାଯାଇଛି। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସଫଳତା, ସଂଘର୍ଷ ଓ ପ୍ରେରଣାଦାୟକ ଜୀବନ କାହାଣୀ ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ର ପଠାଇବାକୁ ଆହ୍ୱାନ କରାଯାଇଛି।

ଅଂଶଗ୍ରହଣକାରୀମାନଙ୍କୁ ତିନୋଟି ମୁଖ୍ୟ ବିଷୟ ଉପରେ ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି। ପ୍ରଥମତଃ, କ୍ଷୁଦ୍ର ଚଳଚ୍ଚିତ୍ରଟି ଜଣେ ସଫଳ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଜୀବନ କାହାଣୀ ଉପରେ ଆଧାରିତ ହେବା ଆବଶ୍ୟକ। ଦ୍ୱିତୀୟତଃ, ଚଳଚ୍ଚିତ୍ରରେ ଅଡିଓ ଡିସ୍କ୍ରିପ୍ସନ୍ ରହିବା ଆବଶ୍ୟକ। ତୃତୀୟତଃ, ସାଙ୍କେତିକ ଭାଷା ବ୍ୟାଖ୍ୟା ସହିତ ସବ୍‌ଟାଇଟଲ୍ କିମ୍ବା କ୍ଲୋଜ୍ କ୍ୟାପ୍ସନ୍ ଅନିବାର୍ଯ୍ୟ ରହିବ। ଆଗ୍ରହୀ ପ୍ରଯୋଜକ ଓ ନିର୍ଦ୍ଦେଶକମାନେ ବିସ୍ତୃତ ସୂଚନା ପାଇଁ ଙଙଙ.ଗ୍ଦଷକ୍ଟକ୍ସଗ୍ଦଲସକ୍ଷଙ୍କଲ ରଗ୍ଦୃଗ୍ଦକ୍ଟୟସଗ୍ଦଷବ.ସଭ ପରିଦର୍ଶନ କରିପାରିବେ ଏବଂ ଆସନ୍ତା ୭ ଜୁଲାଇ ୨୦୨୬ ସୁଦ୍ଧା ନିଜର ଏଣ୍ଟ୍ରି ପଠାଇପାରିବେ।

ପ୍ରାପ୍ତ ଚଳଚ୍ଚିତ୍ରଗୁଡ଼ିକୁ ବିଶିଷ୍ଟ ଜୁରୀ ସଦସ୍ୟମାନେ ୮ ଜୁଲାଇ ୨୦୨୬ରେ ମୂଲ୍ୟାୟନ କରିବେ ଏବଂ ଆସନ୍ତା ୧୧ ଜୁଲାଇ ୨୦୨୬ ରେ ପୁରସ୍କାର ଘୋଷଣା କରାଯିବ। ମନୋନୀତ ଚଳଚ୍ଚିତ୍ରଗୁଡ଼ିକୁ ଉତ୍ସବରେ ପ୍ରଦର୍ଶିତ କରାଯିବ ଏବଂ ଜାତୀୟ ଓ ଆଞ୍ଚଳିକ (ଓଡ଼ିଶା) ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କୃତ କରାଯିବ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। "ସାମର୍ଥ୍ୟ-୨୦୨୬" ମାଧ୍ୟମରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅସାଧାରଣ ପ୍ରତିଭା, ସାମର୍ଥ୍ୟ ଓ ସଫଳତାକୁ ସମାଜ ସମ୍ମୁଖରେ ଉପସ୍ଥାପନ କରିବା ସହିତ ଭିନ୍ନକ୍ଷମତା ପ୍ରତି ସଚେତନତା, ଅନ୍ତର୍ଭୁକ୍ତିକରଣ ଓ ସକାରାତ୍ମକ ମନୋଭାବ ସୃଷ୍ଟି କରିବା ଉତ୍ସବର ମୂଳ ଲକ୍ଷ୍ୟ।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଡକ୍ଟର୍ସ ଡେ ପାଳିତ

# ୨୦୩୦ ସୁଦ୍ଧା ୨୫୦ ଶଯ୍ୟାବିଶିଷ୍ଟ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଲକ୍ଷ୍ୟ

କଟକ, (ସ୍ୱପ୍ର): ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ "ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲ'ରେ ଡକ୍ଟର୍ସ ଡେ' ପାଳିତ ହୋଇଯାଇଛି । ୨୦୧୯ରେ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠିତ ଏହି କଲେଜ ଚଳିତ ବର୍ଷ ନ୍ୟାସନାଲ ଆକ୍ରେଡିଟେସନ୍ ବୋର୍ଡ ଅଫ୍ ହସ୍ପିଟାଲ୍ସ ଆଣ୍ଡ ହେଲଥ କେୟାର ପ୍ରୋଭାଇଡର୍ସ (ନାଭ୍)ର ମଞ୍ଜୁରୀପ୍ରାପ୍ତ ହୋଇଛି । ଏହି କଲେଜ ୧୦୦ ଶଯ୍ୟା ବିଶିଷ୍ଟ ଏକ ମଲଟି ସ୍ପେଶାଲିଟି ହସ୍ପିଟାଲରେ ମଧ୍ୟ ପରିଣତ ହୋଇଛି । ଏଥିସହ ୨୦୩୦ ମସିହା ସୁଦ୍ଧା ବେଡ୍ ସଂଖ୍ୟା ୨୫୦ରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି । ଅଦ୍ୟାବଧି ଏହି କଲେଜରୁ ୯୦ ହଜାରରୁ ଊର୍ଦ୍ଧ୍ୱର୍ ରୋଗୀ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିବା ଏହାର ପ୍ରତିଷ୍ଠାତା ଡିନ୍ ପ୍ରଫେସର (ଡ.) ପ୍ରଦୀପ କୁମାର ପଣ୍ଡା କହିଥିଲେ । ବିଶ୍ୱବିଦ୍ୟାଳୟର ନୂଆ କୁଳାଧକ୍ଷ ଆଦେଶ ଗୋୟଲ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ, ମେଡିକାଲ ସୁପରିନଟେଣ୍ଡେଣ୍ଟ ପ୍ରଫେସର (ଡ.) ରବିନାରାୟଣ ତ୍ରିପାଠୀ, ଡିନ୍ ପ୍ରଫେସର (ଡ.) କ୍ଷୀରାବ୍ଧି ତନୟା ରାଉତରାୟ ଏବଂ ଆଡମିନ୍ ଅଧିକାରୀ କୌଶିକ କାପୁରିଆ ପ୍ରମୁଖଙ୍କ ଉପସ୍ଥିତିରେ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରାୟ ୫୫ ଜଣ ସଫଳ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ମେଡିକାଲ ସୁପରିନଟେଣ୍ଡେଣ୍ଟତଥା ଶଲ୍ୟ ତନ୍ତ୍ର ବିଭାଗର ପ୍ରଫେସର (ଡ.) ରବିନାରାୟଣ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ପ୍ରତିଷ୍ଠାତା ଡିନ୍ ପ୍ରଫେସର (ଡ.) ପଣ୍ଡା ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟର ସଫଳତା ସମ୍ପର୍କରେ ସୂଚାଇଥିଲେ ।




କୁଳପତି ପ୍ରଫେସର (ଡ.) ତେଜପ୍ରତାପ ଉପସ୍ଥିତ ଡାକ୍ତରମାନେ ଜଣେ ଜଣେ ଉତ୍ତମ ଡାକ୍ତର ଭାବରେ ଖ୍ୟାତି ଅର୍ଜନ କରିବାକୁ ଆବେଦନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ କୌଶିକ କପୁରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

### ରଥଯାତ୍ରାର ସୁପରିଚାଳନା ଲାଗି ଉଚ୍ଚସ୍ତରୀୟ ବୈଠକ

# ବଢ଼ିବ ବସ୍ ସଂଖ୍ୟା, ଧାର୍ଯ୍ୟ ଭଡ଼ାଠୁ ଅଧିକ ନେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ସବ୍ୟୁ): ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ପାଇଁ ସୁଗମ ପରିବହନ, ସୁରକ୍ଷିତ ଯାତାୟାତ ଏବଂ ଟ୍ରାଫିକ୍ ସୁପରିଚାଳନା ନିମନ୍ତେ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଅଧିକାରୀମାନେ ରଥଯାତ୍ରା ପାଇଁ କରାଯାଇଥିବା ସମଗ୍ର ପରିବହନ ବ୍ଲୁ-ପ୍ରିଣ୍ଟ, ଏପର୍ଯ୍ୟନ୍ତର ପ୍ରସ୍ତୁତି ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ମନ୍ତ୍ରୀଙ୍କୁ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ପ୍ରତିଟି ପଦକ୍ଷେପରେ ଶ୍ରଦ୍ଧାଳୁଙ୍କ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଏହି ଅବସରରେ ସମସ୍ତ ଅଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି । ମହାପ୍ରଭୁଙ୍କ ନିକଟରେ ପୂର୍ଣ୍ଣ ସମର୍ପଣ ସହ ସମସ୍ତ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ପୁରୀ ରୁଟରେ ବସ୍ ସଂଖ୍ୟା ବୃଦ୍ଧି କରାଯିବ



। ଅସ୍ଥାୟୀ ପରମିଟ୍ ପ୍ରଦାନ ବ୍ୟବସ୍ଥାକୁ ସରଳ ଓ ତ୍ୱରାନ୍ୱିତ କରାଯିବ । ଧାର୍ଯ୍ୟ ଭଡ଼ାଠାରୁ ଯେଉଁଭଳି କୌଣସି ବସ୍ ଅଧିକ ଭଡ଼ା ନ ନିଅନ୍ତି ଏହା ସୁନିଶ୍ଚିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସବୁ ବସରେ ଭଡ଼ା ଚାର୍ଟ ରହିବ ଏବଂ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ଯାତ୍ରୀଙ୍କଠାରୁ ଭଡ଼ା ଆଦାୟ ହେବ । ବିପଜ୍ଜନକ ଯାତ୍ରା ରୋକିବାକୁ ଓଭରଲୋଡ୍ ଓ ଓଭରସ୍ପିଡ୍ ବିରୋଧରେ ବ୍ୟାପକ ଏନଫୋର୍ସମେଣ୍ଟ କରିବାକୁ ମନ୍ତ୍ରୀ କହିଛନ୍ତି । ସେହିଭଳି ଅଟୋ ଭଡ଼ାରେ ବି ଯେଉଁଭଳି ଯାତ୍ରୀଙ୍କୁ ଶୋଷଣ ନହୁଏ ଏଥିପାଇଁ ଦୃଷ୍ଟି ଦିଆଯିବ । ଚଳିତବର୍ଷ ପୁରୀର ସମସ୍ତ ପାର୍କିଂ ସ୍ଥଳରୁ ନିର୍ଦ୍ଧାରିତ ସ୍ଥାନ ଯାଏଁ ନିଃଶୁଳ୍କ ଅଟୋ ସେବା ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ପ୍ରଦାନ କରାଯିବ । ଏହାସହ ମାଳତୀପାଟପୁରରୁ ନିଃଶୁଳ୍କ ସଟଲ୍ ସେବା ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ ହୋଇଛି । ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନବିଏସ ରାଜପୁତ, ରଥଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା ବରିଷ୍ଠ ଆଇପିଏସ ଅଧିକାରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

- ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥରେ ଟ୍ରାଫିକ ପରିଚାଳନାକୁ ଫୋକସ୍
- ବରିଷ୍ଠ ଅଧିକାରୀ ନିରନ୍ତର କାର୍ଯ୍ୟ ତଦାରଖ କରିବାକୁ ନିର୍ଦ୍ଦେଶ
- ମହାପ୍ରଭୁଙ୍କ କାର୍ଯ୍ୟରେ ସାମାନ୍ୟ ଅବହେଳା ବି ବରଦାସ୍ତ ହେବ ନାହିଁ: ପରିବହନ ମନ୍ତ୍ରୀ

# 'ଦି ଲାନସେଟ୍'ରେ ସ୍ଥାନ ପାଇଲା କିଟ୍ ଗବେଷକଙ୍କ ନିବନ୍ଧ

ଭୁବନେଶ୍ୱର, (ସବ୍ୟୁ): କିଟ୍ ଗବେଷକମାନଙ୍କ ଦ୍ୱାରା ଲିଖିତ ଏକ ନିବନ୍ଧ 'ଦି ଲାନସେଟ୍'ରେ ପ୍ରକାଶିତ ହୋଇଛି। ଏଥିରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ସ୍ତନ କର୍କଟ ସ୍କ୍ରିନିଂ ମୂଲ୍ୟାଙ୍କନ କରିବା ସମୟରେ ବୟସ-ସମ୍ବନ୍ଧୀୟ ଟ୍ୟୁମର ଜୀବବିଜ୍ଞାନକୁ ବିଚାର ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଜୈବିକ ପାର୍ଥକ୍ୟଗୁଡ଼ିକୁ ସାମିଲ କରିବା ଦ୍ୱାରା ଏଆଇ-ଆଧାରିତ ମାମୋଗ୍ରାଫି କାର୍ଯ୍ୟକ୍ରମଗୁଡ଼ିକର ମୂଲ୍ୟାଙ୍କନ ପ୍ରକ୍ରିୟାକୁ ସୁଦୃଢ଼ କରାଯାଇପାରିବ। ଏହା ଉପରେ ମତ ଦେଇ କିଟ ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥ ନିର୍ଦ୍ଦେଶକ ଡା ରମ୍ୟା ପିନ୍ନାମାନେନି, ଆସୋସିଏଟ୍ ପ୍ରଫେସର ଡା ପ୍ରତାପ କୁମାର ଜେନା ଏବଂ ପିଏଚଡି ଗବେଷକ ସବ୍ୟସାଚୀ ଶୁକ୍ଳା କହିଲେ, କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ମାମୋଗ୍ରାଫି ଉପକରଣଗୁଡ଼ିକୁ କେବଳ ସେମାନଙ୍କର ବୈଷୟିକ କାର୍ଯ୍ୟଦକ୍ଷତା ଉପରେ ଆଧାର କରି ମୂଲ୍ୟାଙ୍କନ କରିବା ଉଚିତ୍ ନୁହେଁ। ବରଂ, ସ୍ତନ କର୍କଟ ସ୍କ୍ରିନିଂର ପ୍ରଭାବଶାଳୀତା ସଂପର୍କରେ ଅଧିକ ନିର୍ଭରଯୋଗ୍ୟ ପ୍ରମାଣ ପାଇବା ପାଇଁ, ବିଭିନ୍ନ ବୟସ ଗୋଷ୍ଠୀ ମଧ୍ୟରେ ଟ୍ୟୁମର ବୃଦ୍ଧିରେ ଥିବା ଜୈବିକ ପାର୍ଥକ୍ୟକୁ ବିଚାର କରିବା ଆବଶ୍ୟକ।

ସ୍ୱିଡେନରେ ହୋଇଥିବା ଏମ୍‌ଏଏସଏଆଇ ପରୀକ୍ଷଣ ନିଷ୍କର୍ଷ ଆଧାରରେ ସ୍ତନ କର୍କଟ ଚିହ୍ନଟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରଭାବ ମୂଲ୍ୟାଙ୍କନ କରୁଥିବା ବିଶ୍ୱର ସବର୍ବୃହତ ଅଧ୍ୟୟନ ମଧ୍ୟରୁ ଏହା ଅନ୍ୟତମ। ପରୀକ୍ଷଣରେ ଦର୍ଶାଯାଇଥିଲା ଯେ ଏଆଇ-ସହାୟତାପ୍ରାପ୍ତ ସ୍କ୍ରିନିଂ ଅଧିକ କର୍କଟ ଚିହ୍ନଟ କରିଛି ଏବଂ ରେଡିଓଲୋଜିଷ୍ଟମାନଙ୍କ ଦ୍ୱାରା ବ୍ୟବହୃତ ପାରଂପରିକ 'ଡବଲ-ରିଡିଂ' ପଦ୍ଧତି ଅପେକ୍ଷା ଭଲ ପ୍ରଦର୍ଶନ କରିଛି। ଏହା ଉପରେ କିଟ ଗବେଷଣା ଦଳ ଯୁକ୍ତି ଦେଇଛନ୍ତି ଯେ ଅଧ୍ୟୟନ ଟ୍ୟୁମରର ଜୈବିକ ବୈଶିଷ୍ଟ୍ୟରେ ବୟସ-ସମ୍ବନ୍ଧୀୟ ପାର୍ଥକ୍ୟକୁ ପର୍ଯ୍ୟାପ୍ତ ବିଚାର କରାଯାଇନାହିଁ। ଗବେଷକଙ୍କ ଅନୁସାରେ, ସବୁ ବୟସର ମହିଳାଙ୍କୁ ସମାନ ଭାବରେ ସ୍ତନ କର୍କଟ ଆକ୍ରାନ୍ତ କରେନାହିଁ। ଯୁବାବସ୍ଥାରେ ଟ୍ୟୁମରଗୁଡ଼ିକ ପ୍ରାୟତଃ ଦ୍ରୁତ ଗତିରେ ବୃଦ୍ଧି ପାଏ, ଯେତେବେଳେ ବୟସ୍କ ମହିଳାଙ୍କଠାରେ ଟ୍ୟୁମରଗୁଡ଼ିକ ସାଧାରଣତଃ ଧୀରେ ବଢ଼ିଥାଏ ଏବଂ ଦୀର୍ଘ ସମୟ ପରେ ଚିହ୍ନଟଯୋଗ୍ୟ ହୋଇଥାଏ। ଡା ପ୍ରତାପ ଜେନା ଉଲ୍ଲେଖ କରିଛନ୍ତି ଯେ ଏଆଇ ମୂଲ୍ୟାଙ୍କନ ଢାଞ୍ଚାରେ ଜୈବିକ କାରକଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଦ୍ୱାରା ପୂର୍ବାନୁମାନ ସଠିକତା ବୃଦ୍ଧି ପାଇପାରେ ଏବଂ ଏଆଇ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନରେ ତ୍ରୁଟି ହ୍ରାସ ପାଇପାରେ। ଏହାକୁ ଦୃଷ୍ଟିରେ ରଖି, ଗବେଷକମାନେ ପରାମର୍ଶ ଦେଇଛନ୍ତି ଯେ ଏଆଇ-ସହାୟତାପ୍ରାପ୍ତ ମାମୋଗ୍ରାଫି ଉପରେ ଭବିଷ୍ୟତର ଅଧ୍ୟୟନରେ ଗାଣିତିକ ମଡେଲଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଉଚିତ ଯାହା କର୍କଟ ପ୍ରଗତିରେ ବୟସ-ସମ୍ବନ୍ଧୀୟ ପରିବର୍ତ୍ତନ ଜଣାପଡ଼ିବ।

# ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ବିଧାୟକଙ୍କୁ ମୋହରା: ଓଡ଼ିଶା କ୍ରାନ୍ତି ମଞ୍ଚ




କଟକ, (ସ୍ୱପ୍ର) : କଟକ ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ତାପସ ମହାନ୍ତି ଜଣେ ସ୍ୱାର୍ଥବାଦୀ ଚରିତ୍ର । ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ବିଧାୟକଙ୍କୁ ମୋହରା କରିଛନ୍ତି । ସେ ବିଗତ ଦିନରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସହିତ ରହି ବହୁ ସୁବିଧା ନେଇଛନ୍ତି । ଏବେ ସେ ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ପଦରେ ରହି ନିଜର ରାଜନୈତିକ ସ୍ୱାର୍ଥ ହାସଲ ଲକ୍ଷ୍ୟରେ ବିଧାୟକ ସୌଭିକ ବିଶ୍ୱାଳଙ୍କୁ ବଦନାମ କରିବାକୁ ବାଦାମବାଡି ଥାନାରେ ଏତଲା ଦେଇଛନ୍ତି । ଯାହାର କୌଣସି ପ୍ରମାଣ ନାହିଁ ।

ସେ ରାତାରାତି ଦଳର ମୁଖିଆଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏପରି ନାଟକ ରଚନା କରିଛନ୍ତି । ଏହା ଚୌଦ୍ୱାର-କଟକରେ ବିଜୁ ଜନତା ଦଳର ମଙ୍ଗ ଧରିବାକୁ ଏକ ସୁଚିନ୍ତିତ ଯୋଜନା ବୋଲି ଓଡ଼ିଶା କ୍ରାନ୍ତି ମଞ୍ଚର ସଭାପତି ଅକ୍ଷୟ ପଣ୍ଡା ସ୍ଥାନୀୟ ମହାନଦୀବିହାର ରିଦ୍ଧିସିଦ୍ଧି ମଣ୍ଡପରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

ସେ କହିଛନ୍ତି ବିଧାୟକଙ୍କ ଆଚାର ବେବହାର କଟକବାସୀ ଜାଣନ୍ତି । ବିଧାୟକ ତାଙ୍କ ବୟସରୁ ଉର୍ଦ୍ଧ୍ୱରେ ଥିବା ଲୋକଙ୍କୁ ଦାଦା ସମ୍ବୋଧନ କରି ବେଶ ସମ୍ମାନ ଦିଅନ୍ତି । ଯାହା ସମସ୍ତେ ଜାଣନ୍ତି । ତେଣୁ ଶ୍ରୀ ମହାନ୍ତି ତାଙ୍କ ନାମରେ ଯେଉଁ ଅଭିଯୋଗ କରିଛନ୍ତି ତାହା କେବଳ ସଂକିର୍ଣ୍ଣ ରାଜନୈତି ସ୍ୱାର୍ଥର ପରିପନ୍ଥୀ । ଏହି ସାମ୍ବାଦିକ ସମ୍ମିଳନୀରେ ନାରୀ ନେତ୍ରୀ ପୁଷ୍ପଲତା ସାହୁ ଶ୍ରୀ ମହାନ୍ତିଙ୍କ ଉପରେ ଖୁବ୍ ବର୍ଷିଛନ୍ତି । ସେ କହିଛନ୍ତି ତାପସ ମହାନ୍ତି ବିଗତ ଦିନରେ ପ୍ରଭାତ ବିଶ୍ୱାଳଙ୍କ ଠାରୁ ବେଶ୍ ଫାଇଦା ନେଇଛନ୍ତି ।

ଏବେ ବିଜେଡିରେ ଏକାକି ସବୁ ସ୍ୱାର୍ଥ ହାସଲ କରିବାକୁ ଏହା ଏକ ଡ୍ରାମା । ତାଙ୍କ ଚିରିତ୍ର ସମସ୍ତେ ଜାଣନ୍ତି । ତାଙ୍କ ସହିତ ଯେଉଁ ମହିଳାମାନେ କାମ କରିଛନ୍ତି ସେମାନେ ତାଙ୍କ ଚରିତ୍ର କେମିତି ତାହା ଜାଣିଛନ୍ତି । ତାଙ୍କର କେବଳ ସ୍ୱାର୍ଥ ଦରକାର ।

ନିଜ ସ୍ୱାର୍ଥ ପାଇଁ ସେ କିଛି ବି କରି ପାରନ୍ତି । ଆମ ପ୍ରିୟ ବିଧାୟକଙ୍କ ଲୋକ ପ୍ରିୟତା ସହି ନପାରି ସେ ଏମିତି ଏକ ନାଟକ ରଚନା କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ଜେନା, ସୁବାଶିଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଗତକାଲି ଶ୍ରୀ ମହାନ୍ତି ଏକ ବିବାହ ଉତ୍ସବରେ ବିଧାୟକ ସୌଭିକ୍ ବିଶ୍ୱାଳ ତାଙ୍କୁ ଧମକ ଦେଇଥିବା ନେଇ ବାଦାମବାଡି ଥାନାରେ ଏତଲା ଦେଇଥିଲେ ।

## ହାଇୱା ଧକ୍କାରେ ୩ ଫଟୋ ଜର୍ଣ୍ଣାଲିଷ୍ଟ ଗୁରୁତର

ବାରିପଦା, (ସବ୍ୟ): ଶୁକ୍ରବାର ସନ୍ଧ୍ୟାରେ ବାରିପଦା ସହରର ପାଲବଣି ବାଏପାସ ନିକଟରେ ଏକ ହାଇୱା ଧକ୍କାରେ ୩ଜଣ ଫଟୋ ଜର୍ଣ୍ଣାଲିଷ୍ଟ ଗୁରୁତର ଆହାତ ହୋଇଛନ୍ତି । ସେମାନେ ହେଲେ ଲଳିତ ବାରିକ, ହରେକୃଷ୍ଣ ଦାସ ଓ ରଜତ ପଟ୍ଟନାୟକ । ଏକ କାଠ ବୋଝେଇ ଭ୍ୟାନ ଜାତୀୟ ରାଜପଥରେ ଓଲଟିଥିବା ଖବର ପାଇ ତିନିଜଣ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ଦୁର୍ଘଟଣା ସ୍ଥଳରେ ଏକ ହାଇୱା ୩ ଜଣଙ୍କ ସହିତ ଓଲଟିଥିବା ଭ୍ୟାନ ଉପରକୁ ମାଡିଯାଇ ଡିଭାଇଡର ଉପରକୁ ଚଢିଯାଇଥିଲା । ଫଳରେ ତିନିଜଣଙ୍କ ସମେତ ୪ଜଣ ଗୁରୁତର ଆହାତ ହୋଇଥିଲେ । ସଙ୍ଗେ ସଙ୍ଗେ ସମସ୍ତଙ୍କୁ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛ । ଲଳିତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରାଯାଇପାରେ ବୋଲି ଡାକ୍ତର ସୂଚନା ଦେଇଛନ୍ତି । ଦୁର୍ଘଟଣା ପରେ ଦୁର୍ଘଟଣା ସ୍ଥଳରେ ଉଭୟ ପାର୍ଶ୍ୱରେ ଗାଡି ଚଳାଚଳ ବ୍ୟାହତ ହୋଇଛି । ସମ୍ବେଦନଶୀଳ ସ୍ଥାନରେ ଗଳାପୋଲ ନହେବା ଓ ବିଦେଶୀ ମଦଦୋକାନ ପାଇଁ ପ୍ରତ୍ୟେହ ଦୁର୍ଘଟଣା ଘଟୁଥିବାରୁ ଉତ୍ତେଜନା ଦେଖାଦେଇଛି । ରିପୋର୍ଟ ଲେଖା ହେବ ସୁଦ୍ଧା ସଠିକ ଆହତ କିମ୍ବା ମୃତ ସଂଖ୍ୟା ଜଣାପଡ଼ିନାହିଁ ।

# ନ୍ୟାୟ ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଶ୍ରମିକ
# ଦାଦନ ଯାଇ ଆକ୍ରମଣର ଶିକାର ହୋଇଥିଲେ

ଛତ୍ରପୁର, (ସବ୍ୟ) : ଗଞ୍ଜାମ ଜିଲ୍ଲା ଖଲିକୋଟ ଥାନା ବାକୁଟ ଗାଁର ବସନ୍ତ ପ୍ରଧାନଙ୍କୁ ସେହି ଗ୍ରାମର ଜଣେ ଠିକାଦାର କଟକ ନେଇ ସେଠାରେ କାମ କରାଉଥିବା ବେଳେ ମାଡ଼ ମାରି ଲହୁ ଲୁହାଣ କରିଦେଇଥିବା ଅଭିଯୋଗ ହୋଇଛି । ଏହା ସହ ତାଙ୍କ କାମର ପାଉଣା ମଧ ପ୍ରଦାନ କରାଯାଉନଥିବାରୁ ସେ ବାଧ ହୋଇ ଆଜି ଗଞ୍ଜାମ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଭେଟି ଗୁହାରି କରିଛନ୍ତି ।



ବସନ୍ତଙ୍କୁ ତାଙ୍କ ନିଜ ଗ୍ରାମର ଜଣେ ଠିକାଦାର କାର୍ଯ୍ୟ କରିବାକୁ କଟକ ନେଇଥିବା ବେଳେ କିଛି ସହଯୋଗୀଙ୍କ ସହ ମିଶି ତାଙ୍କୁ ଲୁହା ରଡ଼ରେ ଆକ୍ରମଣ କରିଥିଲେ । ଏହା ସହ ତାଙ୍କ କାର୍ଯ୍ୟର ପାଉଣା ମଧ୍ୟ ପ୍ରଦାନ କରିନଥିଲେ । ଏନେଇ ସେ ପ୍ରଥମେ କଟକ ଥାନା ଓ ପରେ ଭେଜିପୁଟ ଫାଣ୍ଡିରେ ଅଭିଯୋଗ କରିଥିଲେ । ଏବେ ତାଙ୍କୁ ତାଙ୍କ ପାଉଣା ପ୍ରଦାନ କରିବା ସହିତ ଦୋଷିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଇଏନଟିୟୁସି ଶ୍ରମିକ ସଂଗଠନ ସହାର୍ଯ୍ୟରେ ନିଜ ପରିବାର ସହ ଆସି ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଗୁହାରି କରିଛନ୍ତି ।

ଅନ୍ୟପଟେ ତାଙ୍କ ଅଭିଯୋଗକୁ ଗ୍ରହଣ କରି ତାଙ୍କ ଅଭିଯୋଗକୁ ଉପରିସ୍ଥ ଅଧିକାରୀଙ୍କୁ ପଠାଯିବ ବୋଲି ଜିଲ୍ଲା ଶ୍ରମ ଅଧିକାରିଣୀ ବର୍ଷା ରାଣୀ ଜେନା କହିଛନ୍ତି ।

## ଦଶମଶ୍ରେଣୀ ସପ୍ଲିମେଣ୍ଟାରୀ ଏବଂ ଏସଓଏସସି ପରୀକ୍ଷା ଦେଲେ ୭୦ ଛାତ୍ରଛାତ୍ରୀ

ବୁଗୁଡ଼ା, (ସବ୍ୟ) : ଚଳିତ ବର୍ଷର ଦଶମ ଶ୍ରେଣୀ ସପ୍ଲିମେଣ୍ଟାରି ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏସଓଏସସି) ପରୀକ୍ଷା ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଗତ ଜୁଲାଇ ୨ ତାରିଖ ଗୁରୁବାର ଦିନଠାରୁ ଆରମ୍ଭ ହୋଇଯାଇଥିବା ବେଳେ ଉଭୟରେ ମୋଟ ୭୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ଜଣାଯାଇଛି । ବୁଗୁଡା ବ୍ଲକର ଏହି ଏକ ମାତ୍ର ପରୀକ୍ଷା କେନ୍ଦ୍ରରେ ୩୧ ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ସପ୍ଲିମେଣ୍ଟାରି ପରୀକ୍ଷା ଦେଉଥିବା ବେଳେ ୩୯ ଜଣ ଛାତ୍ରଛାତ୍ରୀ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଦେଉଛନ୍ତି ।

ଏହି ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା ରହିଥିବା ବେଳେ ଡେପୁଟି ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ସପ୍ଲିମେଣ୍ଟାରି ପରୀକ୍ଷା ପାଇଁ ଶିକ୍ଷୟିତ୍ରୀ ଅଞ୍ଜଳି କୁମାରୀ କଅଁର ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ଶିକ୍ଷକ ରବି କୁମାର ରହିଛନ୍ତି । ଏହି ପରୀକ୍ଷା ଆସନ୍ତା ୧୦ ତାରିଖ ଦିନ ଶେଷ ହେବାକୁ ଥିବାବେଳେ ପରୀକ୍ଷା ପ୍ରଶ୍ନପତ୍ର ଏହି ଗାର୍ଲସ୍ ହାଇସ୍କୁଲ ନୋଡାଲ୍ ସେଣ୍ଟରରେ ହିଁ ପୋଲିସର କଡା ସୁରକ୍ଷା ମଧରେ ରହିଥିବା ଜଣାଯାଇଛି ।

## ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଯୁବକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର, (ସବ୍ୟ) : ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚାପଡା କାଲୁଆନଗରରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି । ସେ ହେଲେ କେ.ନୂଆଗାଁ ଥାନା ଅନ୍ତର୍ଗତ ଡଭାର ଗ୍ରାମର ମୂଳନିବାସୀ ମଙ୍ଗୁଲୁ ସାହୁଙ୍କ ପୁଅ ହର ପ୍ରସାଦ ସାହୁ ଓରଫ ଦୀପକ(୨୨) । ପୋଲିସ ମୃତଦେହ ଜବତ କରି ୧୪/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ମୃତକଙ୍କ ବେକରେ ଲାଗିଥିବା ଗାମୁଛା ଓ ତାଙ୍କର ଫୋନ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି । ପ୍ରାଥମିକ ତଦନ୍ତରୁ ଯୁବକ ଜଣଙ୍କ ଏକ ପ୍ରେମ ବ୍ୟାପାର କୁ କେନ୍ଦ୍ରକରି ଏଭଳି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ।

ପ୍ରକାଶ ଯେ, ହର ପ୍ରସାଦ ସାହୁ ବ୍ରହ୍ମପୁରରେ ଥିବା ଏକ ଫୋଟୋ ଷ୍ଟୁଡିଓରେ କାମ କରୁଥିବା ବେଳେ ସେ ଗତ ଦୁଇରୁ ତିନିବର୍ଷ ହେଲା ଉକ୍ତ କାଲୁଆନଗରରେ ଭଡ଼ାରେ ରହୁଥିଲେ । ସେଠାରେ ସେ ତାଙ୍କର ଅନ୍ୟ ଜଣେ ସାଙ୍ଗ ଅଶ୍ୱିନୀ କୁମାର ସାହୁଙ୍କ ସହ ରହୁଥିଲେ । ପ୍ରତିଦିନ ଭଳି ଗୁରୁବାର ସକାଳେ ଦୁଇ ସାଙ୍ଗ ଲୋଚାପଡ଼ା ମୁଖ୍ୟ ରାସ୍ତା କଡରେ ଥିବାଏକ ଦୋକାନଙ୍କୁ ଚା'ପିଇବାକୁ ଯାଇଥିଲେ । କିଛି ସମୟ ପରେ ହର ପ୍ରସାଦ ତାଙ୍କ ରୁମକୁ ଆସିଯାଇଥିଲେ । ପରେ ଅଶ୍ୱିନୀ ଉକ୍ତ ରୁମକୁ ଫେରି ଦେଖିବା ବେଳେ ହର ପ୍ରସାଦ ବେକରେ ଗାମୁଛା ଲଗାଇ ଫେନ ହୁକରେ ଝୁଲୁଥିଲେ । ସେ ଏନେଇ ପୋଲିସ ଓ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା । ପରେ ମୃତକଙ୍କ ବାପା ଓ ମାଉସୀ ପୁଅ ଭାଇ ଅଜିତ କୁମାର ସାହୁ ମେଡିକାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ ।

# ଇନର୍ ହ୍ୱିଲ କ୍ଲବ ପକ୍ଷରୁ ଜାତୀୟ ଚିକିତ୍ସକ ଦିବସ




ବାରିପଦା, (ସବ୍ୟ) : ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ଆନ୍ତର୍ଜାତିକ ମହିଳା ସଂଗଠନ ଇନର ହ୍ୱିଲ କ୍ଲବର ଜାତୀୟ ଚିକିତ୍ସକ ଦିବସ-୨୦୨୬' ପାଳିତ ହୋଇଯାଇଛି ।

ଏହି ଅବସରରେ ସ୍ଥାନୀୟ ଜୀବନଦୀପ' ଚିକିତ୍ସାଳୟରେ ପୃଥିବୀର ମଣିଷଙ୍କ ପାଇଁ ଦ୍ୱିତୀୟ ଈଶ୍ୱର ରୂପେ ପରିଗଣିତ ହେଉଥିବା ଚିକିତ୍ସକ ମାନଙ୍କର ମଣିଷର ସୁସ୍ଥ ନିରାମୟ ଜୀବନ ଦିଗରେ ଅହର୍ନିଶି ଏକାଗ୍ର ମହନୀୟ ସେବା ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଜୀବନ ହେତୁ ଚିକିତ୍ସକ ମାନଙ୍କୁ କୃତଜ୍ଞତା ଜଣାଇବା ନିମନ୍ତେ ଇନର୍ ହ୍ୱିଲ ଆନ୍ତର୍ଜାତିକ ଡିଷ୍ଟ୍ରିକଫ ପ୍ରସ୍ତାବିତ ପ୍ରକଳ୍ପ ଜୀବନ ଧାରା' ଆନୁକୂଲ୍ୟରେ ଏକ ଭବ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଭାପତି ସୁପ୍ରୀତି ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ଏହି ଅବସରରେ ଚିକିତ୍ସାଳୟର ତିନିଜଣ ଚିକିତ୍ସକ ଡାକ୍ତର କୈଳାଶ ଚନ୍ଦ୍ର ମହାନ୍ତି, ଡାକ୍ତର ପିନାକୀ ମହାନ୍ତି ଓ ଡାକ୍ତର ରଞ୍ଜୁଲତା ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ପରେ କ୍ଲବ୍ ତରଫରୁ ଚିକିତ୍ସାଳୟରେ ବହୁମୂଲ୍ୟ ଡ଼ାଇଲ୍ୟୁସିସ ଚିକିତ୍ସା ଗ୍ରହଣ କରୁଥିବା ଦୁଇଜଣ ରୋଗୀଙ୍କୁ ଚିକିତ୍ସା ଖର୍ଚ୍ଚ ନିମନ୍ତେ ଆର୍ଥିକ ସହଯୋଗ ରାଶି ପ୍ରଦାନ କରାଯାଇଥିଲା । ଶେଷରେ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ ନିମନ୍ତେ କ୍ଲବର ସମସ୍ତ ସଦସ୍ୟାଙ୍କୁ ସମ୍ପାଦିକା ସଂଯୁକ୍ତା ଚାନ୍ଦଙ୍କ କୃତଜ୍ଞତା ଅର୍ପଣରେ ସଭାକାର୍ଯ୍ୟ ସମାପନ ହୋଇଥିଲା ।

## ପୋଡ଼ମ୍ପେଟାରେ ସମୁଦ୍ର ଜୁଆରର କରାଳ ରୂପ
## ବିପନ୍ନଙ୍କୁ ସହାୟତା ପାଇଁ ଚିଠି ଲେଖିଲେ ସାଂସଦ

ବ୍ରହ୍ମପୁର, (ସବ୍ୟ) : ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପୋଡ଼ମ୍ପେଟା ଗ୍ରାମରେ ସମୁଦ୍ରର ପ୍ରଳୟଙ୍କରୀ ଜୁଆର ଏବଂ କ୍ରମାଗତ ଉପକୂଳ କ୍ଷୟ ଯୋଗୁଁ ସୃଷ୍ଟି ହୋଇଥିବା ଗମ୍ଭୀର ସ୍ଥିତି ଉପରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ । ଏହି ପ୍ରାକୃତିକ ବିପର୍ଯ୍ୟୟରେ ଅନେକ ଗରିବ ପରିବାର ନିଜର ବାସଗୃହ ହରାଇ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି । ଏହି ପରିପ୍ରେକ୍ଷୀରେ ସାଂସଦ ଡ. ପାଣିଗ୍ରାହୀ ଆଜି ଗଞ୍ଜାମ ଜିଲ୍ଲାପାଳଙ୍କୁ ଏକ ଜରୁରୀକାଳୀନ ପତ୍ର ଲେଖି ବିପନ୍ନଙ୍କ ସୁରକ୍ଷା ଓ ସ୍ଥାୟୀ ଥଇଥାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ସାଂସଦ ନିଜ ଚିଠିରେ ଘଟଣା ସ୍ଥଳର ଜୁଆର ମାଡ଼ରେ ପୋଡ଼ମ୍ପେଟା ଗ୍ରାମର ଲୋକଙ୍କ ବାସଗୃହ ସମୁଦ୍ର ଗର୍ଭକୁ ଚାଲିଯାଉଥିବା ଓ ଲୋକଙ୍କ ଜୀବନ ଓ ଜୀବିକା ଏବେ ସମ୍ପୂର୍ଣ୍ଣ ବିପଦରେ ରହିଛି । ଜିଲ୍ଲା ପ୍ରଶାସନ ନିକଟରେ ସାଂସଦ ତୁରନ୍ତ ସ୍ଥାନାନ୍ତରଣ ଓ ଆଶ୍ରୟ, ସମୁଦ୍ର କୂଳରେ ଥିବା ବିପଜ୍ଜନକ ଘରଗୁଡ଼ିକରୁ ସ୍ଥାନୀୟ ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନ ବା ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଉ ।

ଜରୁରୀକାଳୀନ ସହାୟତା ଓ କ୍ଷତିପୂରଣ ଦେବାକୁ ରାଜସ୍ୱ ବିଭାଗ କ୍ଷୟକ୍ଷତିର ଆକଳନ କରି ପ୍ରଭାବିତ ପରିବାରଗୁଡ଼ିକୁ ଆର୍ଥିକ ସହାୟତା ଏବଂ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଅନ୍ତୁ । ପୋଡ଼ମ୍ପେଟା ଗ୍ରାମର ଏହି ବିପନ୍ନ ପରିବାରଗୁଡ଼ିକୁ ସମୁଦ୍ର କୂଳରୁ ଦୂରରେ କୌଣସି ସୁରକ୍ଷିତ ସ୍ଥାନରେ ସ୍ଥାୟୀ ଭାବେ ଜମି ଓ ଘର ଯୋଗାଇ ଥଇଥାନ କରାଯାଉ । ସାଂସଦ କହିଛନ୍ତି ଯେ, ବର୍ଷା ଦିନ ଚାଲିଥିବାରୁ ଏହି ସମସ୍ୟା ଆଗକୁ ଆହୁରି ଭୟଙ୍କର ରୂପ ନେଇପାରେ । ତେଣୁ ଜିଲ୍ଲା ପ୍ରଶାସନ କୌଣସି ବିଳମ୍ବ ନକରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି ।

## ନିଷ୍ଟ ବିଶ୍ୱବିଦ୍ୟାଳୟରେ ତିନିଦିନିଆ ଏଆଇସିଟିଇ ଆଇଡିଆ ଲ୍ୟାବ୍ ପ୍ରଶିକ୍ଷଣ କର୍ମଶାଳା



ବ୍ରହ୍ମପୁର, (ସବ୍ୟ) : ସ୍ଥାନୀୟ ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ତିନିଦିନିଆ ଜାତୀୟସ୍ତରୀୟ 'ଟ୍ରେନ୍ ଦି ଟ୍ରେନର' ପ୍ରଶିକ୍ଷଣ କର୍ମଶାଳା ସଫଳତାର ସହ ଉଦଯାପିତ ହୋଇଯାଇଛି । ଏହି କର୍ମଶାଳାଟି ଏଆଇସିଟିଇ ଆଇଡିଆ ଲ୍ୟାବ୍ (AICTE IDEA Lab) ଉପକରଣ ଗୁଡ଼ିକର ସ୍ଥାପନ, ପ୍ରଦର୍ଶନ ଏବଂ ବ୍ୟବହାରିକ ପ୍ରଶିକ୍ଷଣ ଉପରେ ଆଧାରିତ ଥିଲା ।

ନିଷ୍ଟ ବିଶ୍ୱବିଦ୍ୟାଳୟ ଏବଂ ଇନଷ୍ଟିଚ୍ୟୁସନସ ଇନୋଭେସନ କାଉନସିଲ (IIC)ର ମିଳିତ ସହଯୋଗରେ ଜୁନ୍ ୨୯ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ଆଜି ସଫଳ ସମାପ୍ତି ଘଟିଛି । ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଭିନ୍ନ ବିଭାଗର ମନୋନୀତ ଅଧ୍ୟାପକ ଏବଂ ବୈଷୟିକ କର୍ମଚାରୀମାନଙ୍କୁ ଆଇଡିଆ ଲ୍ୟାବର ଦକ୍ଷ ପ୍ରଶିକ୍ଷକ ଭାବେ ଗଢ଼ିତୋଳିବା । ହାଇଦ୍ରାବାଦର ପ୍ରସିଦ୍ଧ ଶିଳ୍ପ ସଂସ୍ଥା 'ଆକୁରା ଟେକ୍ଇକ୍ୱିପମେଣ୍ଟସ' ର ବିଶେଷଜ୍ଞ ଇଞ୍ଜିନିୟରମାନେ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ସିଏନସି ରାଉଟର (Accura Tequipments), ୩ଡି ପ୍ରିଣ୍ଟିଂ, ସିଓ୨ ଲେଜର ମେସିନ), କାଠ ଲେଦ ମେସିନ ଇଣ୍ଟରଆକଟିଭ ହ୍ୱାଇଟ ବୋର୍ଡ ଏବଂ ପିସିବି ସୋଲଡରିଂ ଭଳି ଅତ୍ୟାଧୁନିକ ବୈଷୟିକ ପ୍ରଯୁକ୍ତିବିଦ୍ୟା ଉପରେ ବିସ୍ତୃତ ବ୍ୟବହାରିକ ଜ୍ଞାନକୌଶଳ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିଷ୍ଟ୍ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରମାନେ ମଧ ଅନଲାଇନରେ ଅଂଶଗ୍ରହଣ କରିଥିଲେ ।

ଏ ଅବସରରେ ନିଷ୍ଟ୍ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମର ଆବାହକ ଡ. ଅମିତ ପଟ୍ଟନାୟକ ଏବଂ ଆଇଡିଆ ଲ୍ୟାବ ର ସଂଯୋଜକ ଡ. ରାଜେଶ କୁମାର ପ୍ରଶିକ୍ଷାର୍ଥୀ ମାନଙ୍କୁ ସମ୍ବୋଧିତ କରି ଏହି ପ୍ରଶିକ୍ଷଣର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । କୁଳସଚିବ ଡ. ବିଷ୍ଣୁକର ନାୟକ ଅଞ୍ଚଳର ସାମାଜିକ-ଆର୍ଥିକ ଉନ୍ନତି ପାଇଁ AICTE IDEA LAB ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ଡକ୍ଟର ଦୁର୍ଯ୍ୟୋଧନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୟୂରଭଞ୍ଜରେ ଜନଗଣନା ୨୦୨୭ର ପ୍ରାକ୍ ପରୀକ୍ଷଣ ପ୍ରଶିକ୍ଷଣ ଆରମ୍ଭ

ବାରିପଦା, (ସବ୍ୟ) : ୨୦୨୭ର ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ପ୍ରାକ୍ ପରୀକ୍ଷଣ ନିମନ୍ତେ ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷଠାରେ ୧ ଜୁଲାଇରୁ ୩ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହେଉଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶାର ଯୁଗ୍ମ ନିର୍ଦ୍ଦେଶକ ଡଃ ଅଭୟ ନାରାୟଣ ନାୟକ, ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଦାସ, ସୁଜିତ କୁମାର ପ୍ରଧାନ ଓ ଉମାକାନ୍ତ ସାହୁ, ଠାକୁରମୁଣ୍ଡା ତହସିଲଦାର-ତଥା -ଚାର୍ଜ ଅଫିସ ସମ୍ବିତ କୁମାର କର, ମୟୂରଭଞ୍ଜର ଉପ ଜିଲ୍ଲା ଜନଗଣନା ଅଧିକାରୀ ମାନସୀ ତରାଇ ଏବଂ ତିନିଜଣ ପରିସଂଖ୍ୟାନ ଅନୁସନ୍ଧାନକାରୀ (ଗ୍ରେଡ୍୨) ଉପସ୍ଥିତ ରହି ପ୍ରଶିକ୍ଷଣ ପରିଚାଳନା କରୁଛନ୍ତି । ପ୍ରଶିକ୍ଷଣ ସମୟରେ ଦୁଃଖବନ୍ଧୁ ନାୟକ ଅତିରିକ୍ତ ଜିଲ୍ଲାପାଳ-ତଥା -ଜିଲ୍ଲା ଜଣ ଗଣନା ଅଧିକାରୀ, ମୟୂରଭଞ୍ଜ ଜନଗଣନା ନିର୍ଦ୍ଦେଶାଳୟର ଅଧିକାରୀମାନଙ୍କ ସହ ଆଲୋଚନା କରି ଜନ ଗଣନା ପ୍ରାକ୍ ପରୀକ୍ଷଣର ପ୍ରସ୍ତୁତି ଓ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଥିଲେ । ଠାକୁରମୁଣ୍ଡା ଚାର୍ଜ ଅଧୀନରେ ୨୯ଟି ଗଣନା ବ୍ଲକ୍ ପ୍ରାକ୍ ପରୀକ୍ଷଣ ପାଇଁ ଚୟନ କରାଯାଇଛି । ଏହି ପ୍ରଶିକ୍ଷଣରେ ୬ଜଣ ସୁପରଭାଇଜର ଓ ୩୧ଜଣ ଗଣନାକାରୀ ଅଂଶଗ୍ରହଣ କରି ଜନସଂଖ୍ୟା ଗଣନା ପ୍ରାକ୍ ପରୀକ୍ଷଣର ଧାରଣା, ପ୍ରକ୍ରିୟା ଏବଂ କ୍ଷେତ୍ରସ୍ତରୀୟ କାର୍ଯ୍ୟପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି । ପୂର୍ବପରୀକ୍ଷଣ କାର୍ଯ୍ୟସୂଚୀ ଅନୁଯାୟୀ ୧ ଜୁଲାଇରୁ ୫ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ସ୍ୱୟଂ-ଗଣନା ପର୍ଯ୍ୟାୟ ଚାଲିବ । ଏହା ପରେ ୬ ଜୁଲାଇରୁ ୧୮ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଘରକୁ ଘର ଯାଇ ଜନସଂଖ୍ୟା ଗଣନା କରାଯିବ । ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ୧୯ ଜୁଲାଇରୁ ୨୦ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ସଂଶୋଧନ ପର୍ଯ୍ୟାୟ ମାଧ୍ୟମରେ ଆବଶ୍ୟକ ସ୍ଥଳରେ ତଥ୍ୟର ଯାଞ୍ଚ ଓ ଅଦ୍ୟତନ କରାଯିବ । ଏହି ପ୍ରାକ୍ ପରୀକ୍ଷଣ ଜନଗଣନା୨୦୨୭ର ସଫଳ ରୂପାୟଣ ପାଇଁ କ୍ଷେତ୍ରସ୍ତରରେ ପ୍ରକ୍ରିୟା, ପ୍ରଶ୍ନାବଳୀ ଏବଂ ଡିଜିଟାଲ ବ୍ୟବସ୍ଥାର କାର୍ଯ୍ୟକ୍ଷମତା ପରୀକ୍ଷା କରିବାରେ ସହାୟକ ହେବ ।

# ମୟୂରଭଞ୍ଜ ଜିଲ୍ଲା (ପୂର୍ବ) ମହିଳା କଂଗ୍ରେସ ପକ୍ଷରୁ
# ୩୩% ମହିଳା ସଂରକ୍ଷଣ ପାଇଁ ଦସ୍ତଖତ ଅଭିଯାନର ଶୁଭାରମ୍ଭ

ବାରିପଦା, (ସବ୍ୟ) : ପ୍ରଦେଶ ମହିଳା କଂଗ୍ରେସର ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା (ପୂବ) ମହିଳା କଗ୍ରେସ ତରଫରୁ ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆ ସମ୍ମିଳନୀ କକ୍ଷରେ ମହିଳା ମାନଙ୍କର ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ କରିବା ପାଇଁ ଏବଂ ସେଥିରେ ଏସ.ସି., ଏସ.ଟି ଓ ଓବିସି ମହିଳାଙ୍କୁ ସାମିଲ କରିବା ପାଇଁ ଏକ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରାଯାଇଛି ।



ଉକ୍ତ ଉଦଘାଟନୀ ଉତ୍ସବରେ ସର୍ବଭାରତୀୟ ମହିଳା କଂଗ୍ରେସର ସମ୍ପାଦିକା ରୀତା ପଣ୍ଡା ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି । ତାଙ୍କ ସହ ପ୍ରଦେଶ ମହିଳା କଂଗ୍ରେସର ସମ୍ପାଦିକା ଜୟସ୍ମିତା ମହାନ୍ତି ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନୂତନ ଭାବରେ ମନୋନିତ ହୋଇଥିବା ମୟୂରଭଞ୍ଜ ଜିଲ୍ଲା (ପୂର୍ବ) ମହିଳା କଂଗ୍ରେସର କର୍ମକର୍ତ୍ତା ଓ ବ୍ଲକ, ଏନଏସି ସଭାପତିଙ୍କ ନାମ ଘୋଷଣା କରାଯାଇଅଛି ଏବଂ ଆଗାମୀ ଦିନରେ ସରକାର ମହିଳା ମାନଙ୍କ ପ୍ରତି କରୁଥିବା ଅବହେଳା ଓ ଅନ୍ୟାୟ ପ୍ରତିବାଦରେ ସମଗ୍ର ଜିଲ୍ଲାରେ ସର ଉତ୍ତୋଳନ କରିବା ପାଇଁ ଦସ୍ତଖତ ଅଭିଯାନକୁ ଅଧିକ କ୍ରିୟାଶୀଳ କରାଯିବାର ନିଷ୍ପତ୍ତି ନିଆଯାଇଛି ।

ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତ୍ରୀ ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ପୂର୍ବତନ ଜିଲ୍ଲା ମହିଳା କଂଗ୍ରେସ ସଭାପତି ରଞ୍ଜିତା ଯୋଶୀ, ମହିଳା କଂଗ୍ରେସର ଉପ-ସଭାପତି ବୃନ୍ଦାବତି ମହାପାତ୍ର, ସୁଲୋଚନା ମୁର୍ମୁ, ସୋମବାରୀ ସରେନ ଓ ମହିଳା କଂଗ୍ରେସର କର୍ମକର୍ତ୍ତା ସବିତା ନାୟକ, ସଂଯୁକ୍ତା ଧୁନକି, ହରପ୍ରିୟା ବାରିକ,ଯାହିଦା ଅହମଦ, ମୋନାଲିସା ସରେନ, ଛବିରାଣୀ ବାରିକ, ଇନ୍ଦୁମତି ମହାନ୍ତି ଓ ପାୟଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।


**ସୁନା ନିଲାମ ସମ୍ପର୍କିତ ବିଜ୍ଞପ୍ତି**
ବଜାଜ ଫାଇନାନ୍ସ ଲିମିଟେଡ୍ ("BFL");
ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁଣେ ରୋଡ୍, ଆକୁର୍ଦି, ପୁଣେ-411035

BAJAJ FINANCE

ଋଣଗ୍ରହୀତା(ମାନେ) ଏବଂ ସାଧାରଣ ଜନତାଙ୍କୁ ଏଠାରେ ସୂଚିତ କରାଯାଉଛି ଯେ ନିମ୍ନଲିଖିତ ଋଣଗ୍ରହୀତା ବାରମ୍ବାର ନୋଟିସ୍ ସତ୍ତ୍ୱେ ପରିଶୋଧ କରିବାରେ କିମ୍ବା ଆବଶ୍ୟକୀୟ ମାର୍ଜିନ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ଉକ୍ତ କାରଣ ଯୋଗୁଁ, ଋଣ ପରିଶୋଧ ପାଇଁ ସୁରକ୍ଷା ଭାବରେ ଋଣଗ୍ରହୀତା(ମାନେ) ପ୍ରଦାନ କରିଥିବା ସୁନା "ଯେପରି ଅଛି ଯେଉଁଠାରେ ଅଛି ସେହିପରି ଭାବରେ" ନିମ୍ନଲିଖିତ ସର୍ତ୍ତାବଳୀ ଅନୁଯାୟୀ ନିଲାମ କରାଯିବ: 1. ଏହି ସାର୍ବଜନୀନ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ (ସୁନା ବିବରଣୀ ଏବଂ ମୋଟ ଓଜନ) ପାଇବା ପାଇଁ QR କୋଡ୍ ସ୍କାନ କରନ୍ତୁ, 2. ସମ୍ପୂର୍ଣ୍ଣ ନିୟମ ସର୍ତ୍ତାବଳୀ All about our Terms and Conditions - Bajaj Finance Limited ରେ ଉପଲବ୍ଧ 3. ନିଲାମ ସମୟରେ କିମ୍ବା ପୂର୍ବରୁ ବିଡରମାନଙ୍କୁ ଅନଲାଇନ୍ ଟ୍ରାନ୍ସଫର ଦ୍ୱାରା ₹25,000/- ର ଅର୍ନେଷ୍ଟ ମନି ଡିପୋଜିଟ୍ (EMD) ଜମା କରିବାକୁ ପଡିବ; 4. ସକାଳ 10 ଟାରେ ପରିଚୟ ଏବଂ ଠିକଣାର ବୈଧ ପ୍ରମାଣ ସହିତ ନିଲାମ ସ୍ଥାନରେ ବ୍ୟକ୍ତିଗତ ଉପସ୍ଥିତି ବାଧ୍ୟତାମୂଳକ ଅଟେ। ନିଲାମ ତାରିଖରେ ଯେକୌଣସି ପରିବର୍ତ୍ତନ ନିଲାମ କେନ୍ଦ୍ରରେ ପ୍ରଦର୍ଶିତ ହେବ। ଉପରୋକ୍ତ ସର୍ତ୍ତାବଳୀର ସ୍ୱୀକୃତି ଅନୁସାରେ ବିଡ୍ ଦାଖଲ କରାଯିବ। ଯେକୌଣସି ପ୍ରଶ୍ନ ପାଇଁ, wecare@bajajfinserv.in ସହିତ ଯୋଗାଯୋଗ କରନ୍ତୁ।

(10-08-26): ଅନୁଗୋଳ - ଗାନ୍ଧୀ ରୋଡ୍: PJD6SGL24426763. ଆଠଗଡ଼ - ବୀରକିଶୋରପୁର: PCQ8SGL24946270, 26194798, 27210018, 27537662, 28686776. ବଲାଙ୍ଗୀର - ସୋପାନଗଡ଼ ରୋଡ୍: PJD7SGL24237427, 24914738, 26422555, 28041428, 28024890, 28172146, 28880893, 28929382, 29068219. ବାଲେଶ୍ୱର - ପୋଲିସ୍ ଲାଇନ୍ ସ୍କୋୟାର: PEI4SGL23742452, 24044665, 24123856, 24268881, 24473639, 27587185, 28046033, 28339469, 28464117. ବାଲୁଗାଁ - ମେନ୍ ରୋଡ୍: PCQ9SGL25852320, 26197088, 26429937, 27216506. ବରଗଡ଼ - ଖାରଜଟି ବାଲ: PGC3SGL27606863, 27604728. ବାରିପଦା - KC ସର୍କଲ: PMZ3SGL17860293, 17861292, 28314566. ବାସୁଦେବପୁର - AB କଲେଜ ଛକ: PJE1SGL27568097, 28481829, 28670027. ବ୍ରହ୍ମପୁର - ଗୋସାନୀ ନୂଆଗାଁ: PMR7SGL15213101, 16654233, 25095808. ଭୁବନେଶ୍ୱର - BGL: P93ASGL13910664, 14329799, 14934657, 15098116, 15436843, 15524228, 16720639, 17468442, 17663458, 17730121, 17841176, 17827734, 17984236, 24053035, 24312735, 24909329, 25418332, 25649851, 25681279, 25866228, 25840960, 26738994, 27189990, 27392080, 27557186, 27562775, 28149229, 28025092, 28049265, 28143419, 28046099, 28137265, 28041698, 28111061, 28014377, 28294219, 28250258, 28577193, 28876409, 29080022, 29108469, 29081984. (11-08-26) ବ୍ରହ୍ମପୁର - କମାପଲ୍ଲି ଛକ: PB63SGL25435971, 26838188, 26814608. ଭଞ୍ଜନଗର - ମେନ୍ ରୋଡ୍: PPA7SGL18125586, 18243592, 24428485, 25495953, 25709937, 26199277. ଭବାନୀପାଟଣା - ଷ୍ଟାଡିୟମ ରୋଡ୍: PNU5SGL25919647, 25859471. ଭୋଗରାଇ - ଥାନା ଛକ: PLP3SGL24889272, 26825317, 27341037, 28109491. ଭଦ୍ରକ - ନୂଆବଜାର: POF9SGL27527749, 27726879, 28021705, 29094992. ଭୁବନେଶ୍ୱର - ଖଣ୍ଡଗିରି: PER5SGL24132533, 25843261, 27176070, 27180758, 28253251, 28899343, 29090805. ଭୁବନେଶ୍ୱର - BGL: PNQ2SGL25128686, 26987279, 28898052, 29064125. ଜୟପୁର - ଏମ୍.ଜି ରୋଡ୍: PGH2SGL15531425, 15553910, 16647678, 23740506, 24238616, 24418095, 24938922, 24899086, 25702291, 25648228, 25725203, 26388880, 26746183, 26823007, 27559562, 27716270, 28017116, 28244299, 28277070, 29075420. (12-08-26) ଭଦ୍ରକ - ସାଲାନ୍ଦୀ ବାଇପାସ: PCR1SGL23779626, 24420881, 24985958, 25169083, 25154398, 26419768, 27350490, 28246158, 28883749, 29080809. ଭୁବନେଶ୍ୱର - ସମନ୍ତରାପୁର: POG1SGL26401846, 26995498, 27183784, 27519837. ବୁଗୁଡା - ମେନ୍ ରୋଡ୍: PLH7SGL16741589, 17545871, 17897287, 17899214, 24101768, 24038577, 24707111, 24634298, 24918774, 25109680, 25722028, 25660445, 25693896, 26190735, 26472813, 26454455, 26430349, 26777630, 26733351, 26767501, 26775206, 26986464, 27779635, 28471305, 28742123, 28740640, 28897735, 29067633. ଚୌଦ୍ୱାର - କଳିଙ୍ଗ ଛକ: PLE8SGL25527301, 26387636, 26709702, 28126824, 28282197, 28952194, 29091415. ଛତ୍ରପୁର - ମେନ୍ ରୋଡ୍: PMV8SGL16646036, 25432475, 25893320, 26193054. କଟକ - ଲିଙ୍କ ରୋଡ୍: PGG9SGL18264974, 26957414. ଦେବଗଡ଼ - ତିନ୍ଚ ଛକ: PPH3SGL24086872, 24145028, 25504898, 25427899, 25676414, 26233837, 26963897, 26960500, 27184545, 27367417, 27520489, 27566176. ଧର୍ମଗଡ଼ - ମେନ୍ ରୋଡ୍: PMU7SGL26726832. ଦିଗପହଣ୍ଡି - ମେନ୍ ରୋଡ୍: POG4SGL17891546, 25424948, 26413173, 27029186, 29062272. ଗଞ୍ଜାମ - କଳିଙ୍ଗ ରୋଡ୍: PMS5SGL24023182, 24293115, 24474067, 24713351, 27391631, 28285514. (13-08-26) ଗୋପାଳପୁର - ଲକ୍ଷ୍ମୀ ବଜାର: POH5SGL24753165, 25471840, 26424967. ଜଗତପୁର - କେନ୍ଦ୍ରାପଡ଼ା ରୋଡ୍: PMM2SGL26972526. ଜଗତସିଂହପୁର - ଦୁର୍ଗାବଜାର: PU42SGL15411603, 17479557, 17473415, 23779241, 26270461, 26276638, 27039719, 27601469, 28905811. ଜଗତସିଂହପୁର - ରାହାମା: PML9SGL26409298, 26954464, 27040193, 27359585. ଯାଜପୁର - ମହାଜନପୁର: PLF4SGL17449594, 17531612, 17892871, 24025858, 27160425, 27167307, 29066468. ଯାଜପୁର - ସିଂହପୁର: PLS4SGL13943769, 17667566, 17825903, 18292224, 26772703. ଯାଜପୁର - ଯାଜପୁର ରୋଡ୍ - PJU7SGL15201703, 17620795. ଯାଜପୁର ରୋଡ୍ - ବାଙ୍କ ସ୍ଥିତ: PKI2SGL16167048, 24042517, 26771897, 28255041. (14-08-26) କଟଣି - ମେନ୍ ରୋଡ୍: PCR2SGL15264624, 15439979, 16449806, 16599011, 17549430, 17560881, 17758343, 17863314, 26220096, 26430653, 26448467, 26763792. ଖାରସୁଆଁ - କେନ୍ଦ୍ରାପଡ଼ା: PG62SGL16466878, 17481262, 18042104, 18337319, 23786703, 24314149, 24438050, 24950995, 24893906, 25172488, 25710791, 26409878, 26978187, 28283420, 28513864, 28959710. କନିହା - NTPC ବାଇପାସ ରୋଡ୍: PNU3SGL24597933, 26298645, 27714806. କେନ୍ଦ୍ରାପଡ଼ା - କଲେଜ ସ୍କୋୟାର: PGT6SGL16324491, 23795237, 23793623, 24960013, 26198346, 27537922, 29115160. କେନ୍ଦୁଝର - ମାଇନିଂ ରୋଡ୍: PCQ7SGL16690503, 27721689. ଖଲ୍ଲିକୋଟ - ମେନ୍ ରୋଡ୍: PQE7SGL24427063, 26850382, 26806090, 27600519, 28077962, 28529730. ଖୋର୍ଦ୍ଧା - ମେନ୍ ବଜାର: PDA3SGL14335950, 17574495, 29089581, 29096589, 29105200. (17-08-26) କୋରାପୁଟ: PU40GOL1795171, L1907865, L1978763, L2100620, L2105465, L2124323, L2146945, L2178010, L2181380, L2223347, L2249781, L2395787, L2426118, L2452533, L2772140, L2877091. କୁଜିଙ୍ଗ - BGL: POA3SGL23736307, 25842684, 26237689, 26430484, 26436614, 26756371, 26955013, 27342902, 27333062, 27393388, 27516397, 27700264, 28264015, 28330272, 28452750. ମଦନପୁର ରାମପୁର - ମେନ୍ ରୋଡ୍: PLF2SGL24875273, 26198713. ନବରଙ୍ଗପୁର - ପଟେଲ ମାର୍ଗ: PCR3SGL16259843, 17394360, 23726672, 23814199, 23805120, 24054489, 24426111, 24871507, 26260609, 26825912, 26762889, 26990024, 27177381, 27758604, 28036733, 28268896, 28544420, 28688415, 28656122, 28901861, 29132760. ନୟାଗଡ଼ - ଖଣ୍ଡପଡ଼ା ରୋଡ୍: PMR9SGL27190872, 27577076. ନିଆଳି - ମେନ୍ ରୋଡ୍: PJD4SGL14966450, 15306083, 15346963, 15560011, 24037199, 25754184, 26798761, 26972169, 28882062. ପାଟକୁରା - ମେନ୍ ରୋଡ୍: PLO8SGL28262909, 28872075. ନିମାପଡ଼ା - ଗଣେଶ ବଜାର: PJE2SGL16547151, 17755518, 24437523, 24633223, 25099395, 25870239, 26756068, 27598944, 27769669, 28046553. (18-08-26) ନୂଆପଡ଼ା - ମେନ୍ ରୋଡ୍: POR3SGL24298526, 25881101, 26764823, 28171841, 28542202. ପଟ୍ଟାମୁଣ୍ଡାଇ - ମେନ୍ ରୋଡ୍: POH6SGL17451195, 17472713, 17533289, 18115811, 24057333, 24965807, 26209071, 28018037, 28468520, 28665651, 28938466. ପିପିଲି - ହାଟ ଛକ: PGE1SGL25428675, 27075478, 28747890. ପୁରୀ - ଭି.ଆଇ.ପି ରୋଡ୍: PEK3SGL24093445, 24925985. ପୁରୁଷୋତ୍ତମପୁର - ମେନ୍ ରୋଡ୍: PQE6SGL24917542, 25421610, 27165242, 29089671. ରାୟଗଡ଼ା - ଗୋପାଳପୁର: POF6SGL24069633. ରାଜଗାଙ୍ଗପୁର - ମେନ୍ ରୋଡ୍: PNV9SGL17510145, 18023973, 24028214, 24046458, 27370464, 28071516. ରାଜନଗର - ମେନ୍ ରୋଡ୍: PLJ3SGL15274951, 15350245, 15474263, 15500158, 16277956, 16518896, 17764687, 18214193, 18240349, 24047489, 24042311, 24294676, 25465284, 25427583, 26245036, 26239245, 26415813, 26448448, 27187027, 27566968, 27716852, 28317359, 28939615, 28871149, 29129540. (19-08-26) ରାୟଗଡ଼ - ପି.ଏସ୍.ଆର୍ ରୋଡ୍: PCR4SGL15359831, 15381609, 17424034, 25486071, 25718902, 25913525, 25934661, 25923549, 28247886, 28938309. ରାଉରକେଲା - ଡେଲି ମାର୍କେଟ: POH1SGL24051739, 25930062, 25949420, 28120086, 28504528. ରାଉରକେଲା - କୋଏଲନଗର: PER3SGL25100578, 25654526, 26473858, 27054951, 27191757, 27773074, 28460721, 28678999, 28682086, 28882097. ସାଖିଗୋପାଳ - ରେଳଷ୍ଟେସନ ରୋଡ୍ ଛକ: PLJ2SGL28460835. ସାଲେପୁର - ମେନ୍ ରୋଡ୍: PGN9SGL26254763, 26389077. ସୋରପୁର - ଜଣ୍ଡ ଛକ: PMY6SGL27187514, 28699710, 28878240. ସୁନ୍ଦରଗଡ଼ - ହସ୍ପିଟାଲ ରୋଡ୍: PJU9SGL24236043. ତାଳଚେର - ତୁଳସୀଫୋଡ ଛକ: PJU8SGL25499154. ଟାଙ୍ଗି - ମେନ୍ ରୋଡ୍: PG01SGL14971134, 23740978, 25088663, 25488954, 28243379, 29097443. ଉମରକୋଟ - ଲୁଲିପାଟଣା: PJE3SGL15266255, 24311146, 25085183, 25657185, 25879259, 26492736, 26981335, 28449161, 28507093, 28477676, 28701205, 29066144.

**ବଜାଜ ଫାଇନାନ୍ସ ଲିମିଟେଡ୍**

# ଛତିଆ ରଥଯାତ୍ରା କମିଟି ବୈଠକ

ଚଣ୍ଡିଖୋଲ,(ସବ୍ୟୁ): ଆସନ୍ତା ୧୬ ତାରିଖରେ ମହାପ୍ରଭୁଙ୍କ ବିଶ୍ୱ ପ୍ରଶିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାର ଛତିଆ ଠାରେ ଅନୁଷ୍ଠିତ ହୋଇ ଆସୁଥିବା ରଥଯାତ୍ରାକୁ କିପରି ସୁଚାରୁରୂପେ ସମ୍ପର୍ଣ୍ଣ କରାଯିବ ସେଥିନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଶୁକ୍ରବାର ଦିନ ଛତିଆ ରଥଯାତ୍ରା କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଦର୍ପଣ ତହସିଲଦାର ମାନସରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଛତିଆ ପିଲିଗ୍ରିମ ସେଣ୍ଟର ପରିସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ପ୍ରସ୍ତୁତି ବୈଠକରେ ରଥଯାତ୍ରା ସହିତ ସଂପୃକ୍ତ ସମସ୍ତ ସରକାରୀ ବିଭାଗର ବିଭାଗୀୟ ଅଧିକାରି ଓ କର୍ମଚାରୀ ଉପସ୍ଥିତ ଥିଲେ । ଛତିଆରେ ଅନୁଷ୍ଠିତ ହେଉଥିବା ରଥଯାତ୍ରାରେ ତିନିରଥ ମୁଖ୍ୟ ମନ୍ଦିର ଠାରୁ ୧୬ ନମ୍ବର ଜାତୀୟ ରାଜପଥରେ ୧୩ କିଲୋମିଟର ପଥ ଅତିକ୍ରମ କରି ବଡଘୁମୁରୀ ସ୍ଥିତ ମାଉସୀ ମାଙ୍କ ଘରକୁ ଯିବାକୁ ଥିବାରୁ ସେଥିନେଇ ପ୍ରଶାସନ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହେବାକୁ ଓ ଆବଶ୍ୟକ ସ୍ଥଳେ ରଥଟଣା ପାଇଁ ବ୍ୟାପକ ପୋଲିସ ବଳ ନିୟୋଜିତ ହେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା ।ସେହିପରି ଜାତୀୟ ରଥଟଣା ପାଇଁ ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱ ବନ୍ଦ କରାଯିବାକୁ ପଡୁଥିବାରୁ ସେଦିନ ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ତଦାରଖ ପାଇଁ ବଡଚଣା ଓ ବୈରୀ ଥାନା ପୋଲିସକୁ ଦାୟିତ୍ୱ ପ୍ରଦାନ କରିଯାଇଥିଲା । ସେହିପରି ବିଦ୍ୟୁତ ସରବରାହ,ପାନିୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ ମଧ୍ୟ ସ୍ଥିର ହୋଇଥିଲା ।

ଚଳିତ ବର୍ଷର ଏହି ରଥଯାତ୍ରା ଓ ବାହୁଡା ଯାତ୍ରା କିପରି ଶାନ୍ତି ଶୃଙ୍ଖଳା ଓ ବ୍ୟବସ୍ଥିତ ଢଙ୍ଗରେ ସମ୍ପୂର୍ଣ୍ଣ ହେବ ସେଥିନେଇ ବୈଠକରେ ଖସଡା ପ୍ରସ୍ତୁତ ହୋଇଥିଲା ।ଏହି ବୈଠକରେ ଜିଲ୍ଲା ପୋଲିସ ବିଭାଗ ,ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ଆରଡବ୍ଲ୍ୟୁ ଏସଏସ, ସ୍ୱାସ୍ଥ୍ୟ, ବିଦ୍ୟୁତ, ଜଳସେଚନ ବିଭାଗର ପ୍ରମୁଖ ଅଧିକାରୀ ମାନଙ୍କ ସହ ରଥଯାତ୍ରାର ପ୍ରତିଷ୍ଠାତା ଉପେନ୍ଦ୍ର ଓଝା, କମିଟି ସଭାପତି ନିର୍ମଳଚନ୍ଦ୍ର ସାମଲ,ବ୍ଲକ ଅଧ୍ୟକ୍ଷା ମିନତୀ ସେନାପତି,ଛତିଆ ସରପଞ୍ଚ ରମେଶଚନ୍ଦ୍ର ପୃଷ୍ଟି,ବଡଘୁମୁରି ସରପଞ୍ଚ ଅକ୍ଷୟ ରାଉତରାୟ,ସମିତି ସଭ୍ୟ ଦୀପକ ସାହୁ, ବଡ଼ଚଣା ଥାନା ଅଧିକାରୀ ଜଗଦିଶ କର, ବୈରୀ ଥାନାଧିକାରୀ ଅଂଶୁମାଳା ଦାଶ,ରାଜସ୍ୱ ଅଧିକାରୀ ପଦ୍ମନାଭ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ସବୁଜ ଭବିଷ୍ୟତ ପାଇଁ ଟାଟା ଷ୍ଟିଲ 'ସର୍କୁଲାର ଇକୋନୋମି'କୁ ପ୍ରୋତ୍ସାହନ

ବ୍ୟାସନଗର, (ଜିପ୍ର): ଟାଟାଷ୍ଟିଲ୍ କଳିଙ୍ଗନଗର କାରଖାନା ପରିସରର ପ୍ରାୟ ୩୩ ପ୍ରତିଶତ ଅଂଚଳକୁ ସମ୍ପୂର୍ଣ୍ଣ ଭାବେ ସବୁଜ ବଳୟରେ ବିକଶିତ କରାଯାଇଛି। ଏଠାରେ ୮,୨୪,୦୦୦ ରୁ ଅଧିକ ଚାରା ରୋପଣ କରାଯିବା ସହ ଅତ୍ୟାଧୁନିକ "ମିୟାୱାକି' ପଦ୍ଧତିକୁ ଆପଣାଯାଇଛି । ଏହା ହେଉଛି ସହରାଂଚଳ ବନୀକରଣର ଏକ ଅଭିନବ ପ୍ରଣାଳୀ, ଯାହା ପାରମ୍ପରିକ ପଦ୍ଧତି ତୁଳନାରେ ପ୍ରାୟ ୧୦ଗୁଣ ଶୀଘ୍ର ଅତି ଘଂଚ ତଥା ସ୍ୱୟଂ-ନିର୍ଭରଶୀଳ ସ୍ଥାନୀୟ ଜଙ୍ଗଲ ସୃଷ୍ଟି କରିଥାଏ । ଟାଟା ପାୱାର ସହିତ ଏକ ସହଭାଗିତା ମାଧ୍ୟମରେ ଏଠାରେ ଏକ ଗ୍ରୀଡ୍-ସଂଯୁକ୍ତ ସୌର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଯେଉଁଥିରେ ଦ୍ୱିମୁଖୀ ଭିତିଭୂମି କୌଶଳ ଆପଣାଯାଇଛି ।



କାରଖାନାର ଛାତ ଉପରେ ୯.୧୨ ମେଗାୱାଟ୍ ପାୱାରର ରୁଫ୍‌ଟପ୍ ସୋଲାର ଏବଂ ଜଳାଶୟ ଗୁଡ଼ିକ ଉପରେ ଏକ ଅଭିନବ ୧୦.୧୦ ମେଗାୱାଟ୍ ପାୱାରର ଭାସମାନ ସୌର ପ୍ରକଳ୍ପର ସମନ୍ୱୟ କରାଯାଇଛି । ସେହିଭଳି, ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମନ (କାର୍ବନ ଫୁଟପ୍ରିଂଟ) କୁ ହ୍ରାସ କରାଯାଉଛି । କର୍ମଚାରୀମାନଙ୍କ ଦୈନନ୍ଦିନ ଯାତାୟାତ ପାଇଁ ଏବେ ୧୯ଟି ଇଲେକଟ୍ରିକ୍ କାର୍ ଏବଂ ୨୦ଟି ଇଲେକଟ୍ରିକ୍ ବସ ଚାଲୁଛି । ଏକସ୍ୱଚ୍ଛ ଓ ସୁସ୍ଥ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ପ୍ଲାଂଟ ପରିସରରେ ଏକ ସ୍ୱତନ୍ତ୍ର "ଇଭି ବସ୍ ଚାର୍ଜିଂ ବେ' ମଧ୍ୟ ନିର୍ମାଣ କରାଯାଇଛି । ସ୍ମାର୍ଟ ଅପଟିମାଇଜେସନ ପଦକ୍ଷେପ ମାଧ୍ୟମରେ ଟିଏସକେ ମଧୁର ଜଳ ବ୍ୟବହାରକୁ ପ୍ରାୟ ୪୦ପ୍ରତିଶତ ହ୍ରାସ କରିବାରେ ବଡ଼ ସଫଳତା ହାସଲ କରିଛି, ଯାହା ସ୍ଥାନୀୟ ପ୍ରାକୃତିକ ସମ୍ପଦ ଉପରେ ପ୍ରଭାବକୁ ଯଥେଷ୍ଟ କମାଇ ଦେଇଛି । ଏହା ବ୍ୟତୀତ, ଏହି ପ୍ରକଳ୍ପ "ଜିରୋ ଏଫ୍ଲୁଏଂଟ ଡିସଚାର୍ଜ' ମଡେଲ ଅଧୀନରେ ପରିଚାଳିତ ହେଉଛି । ଏହାର ସହାୟତା ପାଇଁ ଏକ ବିଶାଳ ୧୦,୫୦୦ ବର୍ଗ ମିଟରର ବର୍ଷା ଜଳ ଅମଳ ଏବଂ ଭୂତଳ ଜଳ ଭରଣ ପୋଖରୀ ନିର୍ମାଣ କରାଯାଇଛି ।

୪୬,୦୦୦ କ୍ୟୁବିକ୍ ମିଟର କ୍ଷମତା ବିଶିଷ୍ଟ ଏହି ସଂରଚନା ଭୂତଳ ଜଳ ସ୍ତରକୁ ବୃଦ୍ଧି କରିବା ସହ ସ୍ଥାନୀୟ ଜୈବ ବିବିଧତା ପାଇଁ ଏକ ସମୃଦ୍ଧ ଆବାସସ୍ଥଳୀ ସୃଷ୍ଟି କରୁଛି । ଦୃଢ଼ ପରିବେଶ ସଚେତନ କାର୍ଯ୍ୟକଳାପର ପରିଣାମ ସ୍ୱରୂପ ଶତ ପ୍ରତିଶତ କଠିନ ବର୍ଜ୍ୟବସ୍ତୁର ସଦୁପଯୋଗ କରାଯାଇ ପାରୁଛି, ଯାହା ପରିବେଶ ସୁରକ୍ଷା ପ୍ରତି କାରଖାନାର ଗଭୀର ନିଷ୍ଠାକୁ ଦର୍ଶାଉଛି । ଶିଳ୍ପ ବର୍ଜ୍ୟବସ୍ତୁକୁ ମଧ୍ୟ ଏକ ମୂଲ୍ୟବାନ ସମ୍ପଦ ଭାବେ ପୁନଃବ୍ୟାଖ୍ୟା କରାଯାଉଛି । ଟିଏସକେ ୧୦୦% ଏଲ୍‌ଡି ସ୍ଲାଗ୍‌ର ସଦୁପଯୋଗ କରୁଛି ଏହି ଇସ୍ପାତ ଉତ୍ପାଦନରୁ ବାହାରୁଥିବା ଉପଜାତ ଦ୍ରବ୍ୟକୁ ରାସ୍ତା ନିର୍ମାଣ ଏବଂ ସିମେଂଟ ତିଆରିରେ ବ୍ୟବହାର କରାଯାଉଛି ।

ସେହିପରି ଅଙ୍ଗାରକାମ୍ଳ ବର୍ଜ୍ୟବସ୍ତୁର ମୁକାବିଲା ପାଇଁ ଦୈନିକ ୧୦ ଟନ୍ କ୍ଷମତା ବିଶିଷ୍ଟ "ପଲିକ୍ରାକ୍ ୟୁନିଟ୍ ସ୍ଥାପନ କରାଯାଇଛି । ଏହି ଉନ୍ନତ "ୱେଷ୍ଟ-ଟୁ-ଏନର୍ଜି' (ବର୍ଜ୍ୟରୁ ଶକ୍ତି) ପ୍ରଯୁକ୍ତିବିଦ୍ୟା ପୌରପାଳିକାର କଠିନ ବର୍ଜ୍ୟବସ୍ତୁ, ବାୟୋମାସ ଏବଂ ବର୍ଜିତ ରବରକୁ ମୂଲ୍ୟବାନ ହାଇଡ୍ରୋକାର୍ବନ ଓ ଶକ୍ତିରେ ରୂପାନ୍ତରିତ କରିଥାଏ ।

# ତାଲୁକ ଆଇନ ସେବା ପକ୍ଷରୁ ବୃକ୍ଷ ରୋପଣ

କୁଜଙ୍ଗ ,(ସବ୍ୟୁ) : ସବୁଜ ଓଡ଼ିଶା ଗଠନ ପାଇଁ କୁଜଙ୍ଗ ତାଲୁକ ଆଇନ ସେବା ସମିତି ପକ୍ଷରୁ ୭୭ ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଛି । ବନବିହାରୀ ହାଇସ୍କୁଲ ପରିସରରେ ଏକ କାର୍ଯ୍ୟକ୍ରମ ରେ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ ଦିପ୍ତୀ ପ୍ରକାଶ ବ୍ରହ୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ ସହ ପରିବେଶ ସୁରକ୍ଷା ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଓ ବୃକ୍ଷରୋପଣ କରିଥିଲେ ।

ସିଭିଲ ଜଜ ସିନିୟର୍ ଡିଭିଜନ ଅବକାଶ ଚୌଧୁରୀ, ସିଭିଲ ଜଜ ଜୁନିୟର ବର୍ଷା ଦାସ, ଜେ ଏମ ଏଫ ସି ରାଜେଶ ମିଶ୍ର, କୁଜଙ୍ଗ ବାର ଆସୋସିଏସନ ସଭାପତି ସଞ୍ଜୟ ବେହେରା, ସମ୍ପାଦକ ରଞ୍ଜି କୁମାର ବିଶ୍ୱାଳ, ପୂର୍ବତନ ସଭାପତି ଏ ଏନ ଡି ଯାଦବ, ଆଡଭୋକେଟ ନୃସିଂହ ଚରଣ ପ୍ରଧାନ, ବନବିଭାଗ ରେଞ୍ଜର ସଞ୍ଜୟ କୁମାର ପ୍ରଧାନ, ସ୍କୁଲ ର ପ୍ରଧାନ ଶିକ୍ଷକ ଗୀତାଞ୍ଜଳି ସେନାପତି, ରୁନିବାଳା ମଲ୍ଲିକ, ଅନେକ ଆଇନଜୀବୀ, ଓ କୋର୍ଟ କର୍ମଚାରୀ ଓ ସମସ୍ତ ଅତିଥି ମାନେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ଓ ସବୁଜ ଓଡ଼ିଶା ଗଠନ ପାଇଁ ଆହ୍ୱାନ ଦେଇଥିଲେ । ଏହି ଉତ୍ସବ ରେ ବନ ବିଭାଗ ର କର୍ମଚାରୀ ମାନେ ମଧ୍ୟ ସହଯୋଗ କରିଥିଲେ ।

# ବିବି ମଡେଲ ହାଇସ୍କୁଲର ପ୍ରତିଷ୍ଠା ଦିବସ

ଡେରାବିଶ, (ସବ୍ୟୁ) : ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳୀ ସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ଦିବସ ଗତକାଲି ପାଳିତ ହୋଇଯାଇଛି।

ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶଙ୍କ ସମେତ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ଦାସ, ଆରତୀବାଳା ରଥ, ବିଶ୍ୱବିଜୟ ଦାସ, ସନ୍ଧ୍ୟାରାଣୀ ରଥ, କନକଲତା ରାଉତ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ବିଦ୍ୟାଳୟ ପରିସରରେ ଥିବା ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ପଣ୍ଡିତ ବନମାଳୀ ବ୍ରହ୍ମଚାରୀ ଓ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅଂଚଳରେ ଉଚ୍ଚଶିକ୍ଷା



ପାଇଁ ହାଇସ୍କୁଲଟିଏ ନଥିବାରୁ ବହୁ ମେଧାବୀ ଛାତ୍ର ପାଠପଢ଼ା ଅଧାରୁ ବନ୍ଦ କରି ଦେଉଥିବା ବେଳେ ସେତେବେଳେ ଦୋହଳୀ ସହଯୋଗ ମଧ୍ୟ ଇଂରାଜୀ ବିଦ୍ୟାଳୟ ନିର୍ମାଣ ନିମନ୍ତେ ବିଦ୍ୟାଳୟର ପ୍ରତିଷ୍ଠାତା

ଶିକ୍ଷକ ଗୌରବ ପଣ୍ଡିତ ବନମାଳୀ ବ୍ରହ୍ମଚାରୀ ଦୋହଳୀରେ ଏକ ଉଚ୍ଚବିଦ୍ୟାଳୟର ସ୍ୱପ୍ନ ଦେଖିଥିଲେ।

ଅଂଚଳର ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରି ୧୯୪୫ ମସିହା ଜୁଲାଇ ୧ ତାରିଖରେ ଏହିଠାରେ ଦୋହଳୀ ମଡେଲ ହାଇସ୍କୁଲ ପ୍ରତିଷ୍ଠା କରାଇଥିଲେ। ବିଦ୍ୟାଳୟର ଶିକ୍ଷକ ଓ ପରିଚାଳନା କମିଟିର ସମ୍ପାଦକ ରହି ଏହି ବିଦ୍ୟାଳୟରେ ଉନ୍ନତ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ଉତମ ଶିକ୍ଷକ ନିଯୁକ୍ତି କରିଥିଲେ। ଏହି ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ସମାଜରେ ପ୍ରତିଷ୍ଠା ଅର୍ଜନ କରି ଆଦର୍ଶ ବିଦ୍ୟାଳୟ ନାମର ସାର୍ଥକତା ଆଣି ପାରିଛନ୍ତି। ପରବର୍ତୀ ସମୟରେ ପଣ୍ଡିତ ବନମାଳୀ ବ୍ରହ୍ମଚାରୀଙ୍କ ପରଲୋକ ପରେ ବିଦ୍ୟାଳୟର ନାମ ପରିବର୍ତନ କରାଯାଇ ବନମାଳୀ ବ୍ରହ୍ମାଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ରଖାଯାଇଥିବା ଶିକ୍ଷକମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ବ୍ରଜେନ୍ଦୁ କର, ପବିତ୍ର ଚନ୍ଦ୍ର ଦାସ, ଆଲୋକ ଜେନା, କିଶୋର କୁମାର ମହାନ୍ତି, କର୍ମଚାରୀ ମଳୟ କୁମାର ରଥ ପ୍ରମୁଖ ପରିଚାଳନା କରିଥିଲେ।

# ଦୀପାଞ୍ଜଳି ସ୍କୁଲ କ୍ରୀଡା ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

କୁଆଖିଆ ,(ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ ଦୀପାଞ୍ଜଳି ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ସୁରେଶ ଚନ୍ଦ୍ର ପରିଡାଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ପ୍ରଧାନ ଶିକ୍ଷକ ବିଭୁତି ଭୂଷଣ ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ଉତ୍ସବଟିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ , ମୁଖ୍ୟ ବକ୍ତାଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ରସୁଲପୁର ଅଭିଜିତ ବାରିକ,ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ କ୍ରୀଡା ନିରୀକ୍ଷକ ଶମ୍ଭୁନାଥ ଦାସ,, ସମ୍ମାନିତ ଅତିଥି ଭାବେସରପଞ୍ଚ ରୁଦ୍ର ନାରାୟଣ ମହାନ୍ତି, ସମିତି ସଭ୍ୟ ଅଜୟ କୁମାର ପଣ୍ଡା, ଉଚ୍ଚ ବିଦ୍ୟାଳୟ,କମିଟି ସଭାପତି ଗୋପୀନାଥ ପତି, ସ୍ୱତନ୍ତ୍ର ଅତିଥିବିଶ୍ୱଜିତ ସେଠି , ସି ଆର୍ ସି ସି, ପାରିକଇଁଚି କ୍ଲଷ୍ଟର, ଓଷ୍ଟା ଯାଜପୁର ସଭାପତି ସୁନନ୍ଦ କୁମାର ରାଉତ, ସଂପାଦକ,ଫାଷ୍ଟ ଆସୋସିଏସନ ପ୍ରତାପ ଚନ୍ଦ୍ର ପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ମୋହନ ଚରଣ ମଲିକ ଯୋଗ ଦାନ କରିଥିଲେ । ସଭାରେ ଶିକ୍ଷକ ଅନନ୍ତ ଚରଣ ପାତ୍ର ଅତିଥି ଙ୍କ ପରିଚୟ ପ୍ରଦାନ ଓ ମାନପତ୍ର ପାଠ କରିଥିବାବେଳେ, ସୁସ୍ମିତା ପଣ୍ଡା ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ । ବ ଶେଷରେ ବିଦାୟୀ ଶିକ୍ଷକ ଙ୍କୁ ବାଜା ବାଣ ଫୁଟାଇ, ତାଙ୍କ ଘରେ ଛାଡି ଆସିଥିଲେ । ଏହାକୁ ଶିକ୍ଷକ ଅମୁଲ୍ୟ କିଶୋର ଭୁଁୟା, ରାଜ କିଶୋର ପଣ୍ଡା, ପବିତ୍ର ମଲିକ, ପ୍ରଭାକର ବାରିକ ପରିଚାଳନା କରିଥିଲେ ।

# କୋର୍ଟ ତାଲୁକ ଆଇନ ସେବା କମିଟି ପକ୍ଷରୁ ବୃକ୍ଷ ରୋପଣ



ଚଣ୍ଡିଖୋଲ, (ସବ୍ୟୁ): ବନ ମହୋତ୍ସବ ସପ୍ତାହ ପାଳନ ପରିପ୍ରେକ୍ଷୀରେ ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କମିଟି ଓ ଡାଳି ଯୋଡ଼ା ବନାଞ୍ଚଳର ଚଣ୍ଡିଖୋଲ ସେକ୍ସନର ମିଳିତ ସହଯୋଗରେ ଖୋସାଲିପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଗୋପବନ୍ଧୁ ଗଡନାୟକ, ସବଜଜ ବିଶଦୀପକ ସାହୁ,ଜେଏମଏଫସି ସ୍ମୃତି ଅଭିଳାଷା ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ବିଶ୍ୱର ଉତପ୍ତ ଜଳବାୟୁର ସନ୍ତୁଳନ ରକ୍ଷା ପାଇଁ ବ୍ୟାପକ ବୃକ୍ଷ ରୋପଣ ହିଁ ଏକ ବିକଳ୍ପ ବୋଲି କହିବା ସହ ସମସ୍ତ ଜନସାଧାରଣ ଏଥିପ୍ରତି ଯନିବାନ ହେବାକୁ ପରାମର୍ଶ ଦେଇଥିଲେ ।

ଏଥିରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ସଭାପତି ଦେବରାଜ ବେହେରା, ଆଇନଜୀବୀ ଜ୍ୟୋତିଶଙ୍କର ମହାପାତ୍ର ଚଣ୍ଡିଖୋଲ ବନପାଳ କୃଷ୍ଣଚନ୍ଦ୍ର ଟୁଡ୍ଡୁ,ପ୍ରଧାନ ଶିକ୍ଷକ ନବକିଶୋର ବିଶାଳ,ସହକାରୀ ଶିକ୍ଷକ ସୁଜାତା ପରମାଣିକ,ସ୍କୁଲ ପରିଚାଳନା କମିଟି ସଭାପତି ମନ୍ମଥଜେନା,ତାଲୁକ ସେବି କମିଟି ସହାୟକ ସୁବ୍ରତ ଶାନ୍ତି,ତାରିଣୀପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକାର ଫଳ,ଫୁଲ ଓ ଅନ୍ୟାନ୍ୟ ଚାରା ରୋପଣ କରିଥିଲେ ।

# ନାଉପାଳ ରାସ୍ତାର ଶିଳାନ୍ୟାସ

ଧର୍ମଶାଳା, (ସବ୍ୟୁ) :ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୁଆପାଳ ରାସ୍ତାର ଶିଳାନ୍ୟାସ କରାଯାଇଛି। ଜାରକା ଗ୍ରାମ୍ୟ ଉନୟନ ବିଭାଗ ୨ କୋଟି ୫୫ ଲକ୍ଷ ବ୍ୟୟ ଅଟକଳରେ ହେବାକୁ ଥିବା ଏହି ରାସ୍ତାର ଶିଳାନ୍ୟାସ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାସ୍ତାର ଶିଳାନ୍ୟାସ କରିଛନ୍ତି। ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରାଜେଶ୍ୱରୀ ଭୋଳ, ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ପସ୍ଥିତ ରହି ଶିଳାନ୍ୟାସ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବିଜେପି ନେତାକାହ୍ନୁ ଚରଣ ଦାସ, ଜିତେନ୍ଦ୍ର ରାଉତ, ରାଜେଶ ପାଳ, ଦେବଦତ ପଣ୍ଡା,ଅମ୍ବାର ଅଧ୍ୟକ୍ଷ ଉପେନ୍ଦ୍ର କର, ଜାରକା ସରପଂଚ ସୁଦାମ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବିକାଶ ପଥେ ପାଣିକୋଇଲି : ୬୩ଗୋଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

ପାଣିକୋଇଲି, (ସବ୍ୟୁ): ଯାଜପୁର ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ଦ୍ୱାରା ପାଣିକୋଇଲିର ଗ୍ରାମାଂଚଳ ବିକାଶ ନିମେନ୍ତ ୮କୋଟି ଟଙ୍କା ମଂଜୁର କରାଯାଇଚଛି। ଆଜି ପାଣିକୋଇଲି ଠାରେ ୬୩ ଗୋଟି ପ୍ରକଳ୍ପ ମଧ୍ୟରୁ ୨୧ ପ୍ରକଳ୍ପର ଶୁଭ ଉ"ାଟନ ଓ ୪୨ଗୋଟି ପ୍ରକଳ୍ପର ଶୁଭ ଶିଳାନ୍ୟାସ ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ପାଣିକୋଇଲି ପଞ୍ଚାୟତର ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଯାତାୟତ କ୍ଷେତ୍ରରେ ଉନ୍ନତୀ ହୋଇପାରିବ। ପ୍ରଥମେ ଚାନ୍ଦପୁର ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଚାନ୍ଦପୁର ସ୍କୁଲ ଠାରୁ ଜାତୀୟ ରାଜପଥ ୧୬ କଲେଜ ଛକ ପର୍ଯ୍ୟନ୍ତ ଭାୟା ବେଂଗାସାହି ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ପରେ ଚାନ୍ଦପୁର ଗ୍ରାମ ଠାରୁ ଏକ ବିଶାଳ ବାଇକ ପଟୁଆରରେ ପାଣିକୋଇଲି ପଞ୍ଚାୟତ ରେ ଶୁଭ ଉ"ାଟନ ଓ ଶିଳାନ୍ୟାସ ସ୍ଥାପନା କରାଯାଇଥିଲା। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା।



ଏହି କାର୍ଯ୍ୟକ୍ରମରେ ପାଣିକୋଇଲି ପଞ୍ଚାୟତ ବିଜେପି ସଭାପତି ବିନୋଦ ଜେନା, ସରପଞ୍ଚପଦ୍ମାବତୀ ପର୍ଡା, ପଦ୍ମଲୋଚନ ମଲ୍ଲିକ, ସେକ ଜହର ଅଲ୍ଲୀ , ଜିଲ୍ଲା ମହିଳା ସଭାନେତ୍ରୀ ଦିପ୍ତିମୟୀ କୁଅଁର, ଜୟନ୍ତୀ ସାହୁ, ରୁନୁ ଭୂୟାଁ, ମିନତୀ ପରିଡା, ବ୍ରହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ସାଂସଦ ପ୍ରତିନିଧି ପ୍ରମୋଦ ସାହୁ, ବିଧାୟକ ପ୍ରତିନିଧି ଧନେଶ୍ୱର ବାରିକ, ପ୍ରୀତି ରଂଜନ ସାହୁ, ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ଜୟନ୍ତ ନାୟକ, ବିଷ୍ଣୁ ରଥ, ସସ୍ମିତା ମାଝୀ, ଖରସ୍ରୋତା ମହିଳା ମୋର୍ଚ୍ଚା ସଭାପତି ମୌସୁମୀ ପରିଡା, ବିକାଶ ଜେନା, ନିରଂଜନ ନାୟକ, ସୂର୍ଯ୍ୟମଣି ପଣ୍ଡା, ଶଶିକାନ୍ତ ମଲ୍ଲିକ, ଅଜୟ ସାହୁ, ପ୍ରଶାନ୍ତ ନାଥ, ଆଲୋକ ପରିଡା, ଦେବନ୍ଦ୍ରେ ସ୍ୱାଇଁ, କଳ୍ପତରୁ ମହାପାତ୍ର, ଜଗଦ୍ୱୀଶ୍ୱର ମଲ୍ଲିକ, ବିନାୟକ ସାହୁ, ଶିତେସ ପରିଡା, ବୀରକିଶୋର ଦାସ, ସୁବ୍ରତ ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ରକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ରାଜପଥ ଉପରେ ଟ୍ରକ ପାର୍କିଂ : ବଢୁଛି ଦୁର୍ଘଟଣା

କେନ୍ଦ୍ରାପଡା ,(ସବ୍ୟୁ): ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ରାସ୍ତାକାମ ପ୍ରଶସ୍ତିକରଣ କାର୍ଯ୍ୟ ସରିଥିବାବେଳେ ଟ୍ରକ ଚାଳକମାନେ ରାସ୍ତା ଉପରେ ଗାଡି ପାର୍କିଂ କରିବା ଦ୍ୱାରା ଦୁର୍ଘଟଣା ବଢୁଛି । ପଞ୍ଚୁପାଣ୍ଡବଠାରୁ ମଶାକଣି ପର୍ଯ୍ୟନ୍ତ ନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ଟ୍ରକ ଚାଳକମାନେ ମନ ମୁତାବିକ୍ ଟ୍ରକ୍ ରଖୁଥିବାରୁ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଏପରିକି ଜରୁରୀକାଳୀନ ଗାଡି, ଆମ୍ବୁଲାନ୍ସ, ଦମକଳ, ସ୍କୁଲ୍ ଗାଡି ଓ ଅନ୍ୟାନ୍ୟ ଗାଡି ଗୁଡିକ ସମୟ ଭିତରେ ନ ପହଁଚିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଚାଳକମାନେ ରାସ୍ତା ଉପରେ ଗାଡିକୁ ରଖି ଘଣ୍ଟା ଘଣ୍ଟା ଧରି ଗାଡି ଛାଡି ପଳାଉଛନ୍ତି । ଯାହାଫଳରେ ରାତିରେ ଯିବା ଆସିବା ସମୟରେ ମଟର ସାଇକେଲ୍ ଆରୋହୀଠାରୁ ଆରମ୍ଭକରି ଅନ୍ୟ ଗାଡି ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଜାତୀୟ ରାଜପଥ ଉପରେ ରଖୁଥିବା ଗାଡି ଗୁଡିକୁ ତୁରନ୍ତ ହଟାଇବା ପାଇଁ ସାଧାରଣ ଜନତାଙ୍କ ପକ୍ଷରୁ ଦାବି ହେଉଛି ।

# ନିର୍ବାହୀ ଯନ୍ତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରଘୁନାଥପୁର, (ସବ୍ୟୁ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଜଳ ଓ ପରିମଳ ବିଭାଗ ଉପଖଣ୍ଡର ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ ଗତ ଜୁନ ୩୦ତାରିଖରେ ଅବସର ଗ୍ରହଣ କରିଛନ୍ତି । ତାଙ୍କର କାର୍ଯ୍ୟରୁ ଅବସର ଗ୍ରହଣ ଦିବସରେ ରଘୁନାଥପୁର ଜଳ ପରିମଳ ଉପଖଣ୍ଡ ଅଧିନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ଉପସ୍ଥିତରେ ଜଗତସିଂହପୁର ଜିଲ୍ଲା ଜଳ ଓ ପରିମଳ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ଦାସ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଭବିଷ୍ୟତରେ ତାଙ୍କର ନିରାମୟ ଦୀର୍ଘ ଜୀବନ କାମନା କରିଥିଲେ । ଏଥିରେ



ବିଭାଗୀୟ ଡିଭିଜିନାଲ ଆକାଉଣ୍ଟ ଅଫିସରଙ୍କ ସହିତ ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ପରିଡା, ଚନ୍ଦ୍ରଶେଖର ସାହୁ, ସ୍ୱାଗତୀକା ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ଦାଶ, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ଦେହୁରୀ, ଚିନ୍ମୟ ସାହୁ, ଜ୍ୟୋତ୍ସା ରାଣୀ ରାୟ, ପ୍ରତ୍ୟୁଷ ସ୍ୱାଇଁ, ପ୍ରିୟଙ୍କା ସ୍ୱାଇଁ, ଅଭିଲିପସା ଷଡ଼ଙ୍ଗୀ, ସୁଦର୍ଶନ ବେହେରା, ବସନ୍ତ ବେହେରା, ନୃସିଂହ ସ୍ୱାଇଁ, ବୁଲେଇ ପାତ୍ର,ଧରଣୀଧର ସାହୁ, ବମ ବାହାଦୁର ଥାପା ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜନଗରକୁ ଉପକୂଳ ଜାତୀୟ ରାଜପଥ ପ୍ରକଳ୍ପରୁ ବାଦଦେବା ଘଟଣା

## ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦର ଆନ୍ଦୋଳନ ସଜବାଜ

ରାଜନଗର ,(ସବ୍ୟୁ): : ଉପକୂଳ ଜାତୀୟ ରାଜପଥ ପ୍ରକଳ୍ପରୁ ରାଜନଗର ବ୍ଲକକୁ ବାଦ ଦେବା ଘଟଣାରେ କିଛି ଦିନ ହେବ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି । ଏହି ଘଟଣା ବିରୁଦ୍ଧରେ ଧୀରେ ଧୀରେ ଆନ୍ଦୋଳନ ଦାନା ବାନ୍ଧୁଛି । ଏହାର ଝଲକ ରାଜନଗର ବ୍ଲକ ସଦର ମହକୁମାରେ ଶୁକ୍ରବାର ଦେଖିବାକୁ ମିଳିଛି । ସାଗରବେଳା ମହୋ ତ୍ସବ ସାଂସ୍କୃତିକ ପରିଷଦ ରାଜନଗର ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଏହି ପ୍ରକଳ୍ପର ପୁନଃବିଚାର କରିବାକୁ ଦାବୀ କରିଛି ।




ପରିଷଦର ମହାସଚିବ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ଉପସଭାନେତ୍ରୀ ଅଧ୍ୟାପିକା ଭଗବତୀ ରାଉତ, ସଂସ୍କୃତି ସଚିବ ପ୍ରାଧ୍ୟାପକ ଅଭିନ୍ନକୁମାର ସ୍ୱାଇଁ, ଯୋଜନା ଓ ସଂଗଠନର ଯୁଗ୍ମ ସଚିବ କ୍ଷିରୋଦ କୁମାର ମଲ୍ଲିକ, ସର୍ବେଶ୍ୱର ମହାନ୍ତି, ପ୍ରାଧ୍ୟାପକ ଡ. ଅକ୍ଷୟ କୁମାର ମିଶ୍ର ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇଥଲେ । ପ୍ରାଧ୍ୟାପକ ଶ୍ରୀ ଜେନା କେନ୍ଦ୍ରସରକାର ଉପକୂଳ ଜାତୀୟ ରାଜପଥ ପ୍ରକଳ୍ପ ଯୋଜନାରୁ ରାଜନଗର ବ୍ଲକକୁ ବାଦଦେବା ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି କହିଥିଲେ । ଜିଲ୍ଲାର ସର୍ବାଧିକ ଉପକୂଳ ଏହି ବ୍ଲକରେ ରହିଛି । ଭିତରକନିକା, ଗହୀରମଥା ଓ ପେଣ୍ଟ ବେଳାଭୂମି ଭଳି ପର୍ଯ୍ୟଟନକ୍ଷେତ୍ର ରହିଛି । ଏହି ବ୍ଲକ ସୁନାମି ପ୍ରବଣ ଅଞ୍ଚଳ ଭାବେ ପରିଚିତ । ଏହି ବ୍ଲକ ଦେଇ ଉପକୂଳ ଜାତୀୟ ରାଜପଥ ଗଲେ ସାମୁଦ୍ରିକ ଉଚ୍ଚ ଜୁଆରରୁ ରକ୍ଷା ପାଇବା ସହ ଏହାର ଅର୍ଥନୈତିକ ସମୃଦ୍ଧି ଘଟିବ ବୋଲି କହିଥିଲେ । ଭିତରକନିକା ଜାତୀୟ ଉଦ୍ୟାନ (ଜଙ୍ଗଲ ଅଞ୍ଚଳ ) ଠାରୁ ପ୍ରାୟ ୧୦କିଲୋମିଟର ଦୂରରେ ଜାତୀୟ ରାଜପଥ ଯାଇପାରିବ । ବାଲୁଖଣ୍ଡ ଅଭୟାରଣ୍ୟ ନିକଟରେ ଯାଉଥିବା ବେଳେ ଏଠାରେ କାହିଁକି ଯାଇପାରିବନି ବୋଲି ପ୍ରଶ୍ନ କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପୁନଃ ବିଚାର କରିବା ପାଇଁ ପରିଷଦ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ଆସନ୍ତା ୧୩ତାରିଖ ଦିନ ବିଭିନ୍ନ ବର୍ଗର ଲୋକମାନଙ୍କୁ ସାମିଲ କରି ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ସୂଚନା ଦେଇଥିଲେ ।

# ଜଗନ୍ନାଥ ଗୋପୀନାଥ ଟ୍ରଷ୍ଟର ବାର୍ଷିକ ଉତ୍ସବ

ସାଲେପୁର,(ସବ୍ୟୁ): ସାଲେପୁର ବ୍ଲକ ଅନ୍ତର୍ଗତ ପିକୋଳ ପଞ୍ଚାୟତ ପିକୋଳ ଗ୍ରାମରେ ଅବସ୍ଥିତ ଜଗନ୍ନାଥ-ଗୋପୀନାଥ ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବ ଟ୍ରଷ୍ଟର ସଭାଗୃହରେ ବିଜ୍ଞାନ ପ୍ରଚାର ସମିତି ସାଲେପୁର ଶାଖାର ସଭାନେତ୍ରୀ ମେଜର ମଞ୍ଜୁଶ୍ରୀ ପତିଙ୍କ ସଭାପତିବରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବରେ କଟକ ଜିଲ୍ଲା ଉପନିବନ୍ଧକ ଗୋପବନ୍ଧୁ ପରି ଯୋଗ ଦେଇ କାର୍ଯ୍ୟକ୍ରମକୁ ଉ"ାଟନ କରିଥିଲେ ।ସମ୍ମାନିତ ଅତିଥିଭାବରେ ସାଲେପୁର ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ରବିନାରାୟଣ ସାହୁ ଯୋଗଦେଇଥିଲେ ପ୍ରଥମେ ଟ୍ରଷ୍ଟର ପ୍ରତିଷ୍ଠାତା ସୁକାନ୍ତ କିଶୋର ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ଟ୍ରଷ୍ଟର ବାର୍ଷିକ ବିବରଣୀ ପାଠ କରିଥିଲେ ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଶ୍ରୀ ପରି ସମ୍ମାନଜନକ "ଚନ୍ଦ୍ରମଣି-ଗୋପୀନାଥ ସ୍ମୃତି ସମ୍ମାନ ୨୬' ରେ ସମ୍ମାନିତ କରାଯାଇଥିଲା । ଟ୍ରଷ୍ଟର ମାର୍ଗଦର୍ଶକ ତଥା ଜଏଣ୍ଟ ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର କିଶୋର ମହାନ୍ତି, ଗୋପବନ୍ଧୁ ପରି ମାନପତ୍ର, ଉପଢୌକନ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏଥିସହିତ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ମିଳନ କୁମାର ସାହୁଙ୍କୁ "ସଭାପତି ମେଧା ପୁରସ୍କାର' ସ୍ୱରୂପ ୧ ହଜାର ଟଙ୍କା ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଉପଦେଷ୍ଟା ଡ. ଉମେଶଚନ୍ଦ୍ର ପତି, ପୂର୍ଣ୍ଣଚନ୍ଦ୍ର ଓଝା, ଶାରଦାପ୍ରସାଦ ରଥ, ଡ. ପ୍ରଭାତ କିଶୋର ନାୟକ, ଦିବାକର ପ୍ରଧାନ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଇଂ. ହରିହର ତ୍ରିପାଠୀ ସଭାକାର୍ଯ୍ୟକୁ ସଞ୍ଚାଳନ କରିବାବେଳେ ଟ୍ରଷ୍ଟର ସଂପାଦକ ମହେଶ ଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ବିଜ୍ଞାନ ଲେଖକ ସୁକାନ୍ତ କିଶୋର ମହାନ୍ତିଙ୍କ ପୁସ୍ତକ "ଚିଙ୍ଗୁ ଚାଷ - ଥାଇଲାଣ୍ଡ ରୁ ଓ କୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

# ସହରର ମୁଖ୍ୟରାସ୍ତା ଶୋଚନୀୟ

କେନ୍ଦ୍ରାପଡା (ସବ୍ୟୁ): କେନ୍ଦ୍ରାପଡା ସହରର ତିନିମୁହାଣୀଠାରୁ ଇଛାପୁର ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଶୋଚନୀୟ ହୋଇପଡିଛି । ଅନେକ ସ୍ଥାନରେ ବଡ ବଡ ଖାଲ ହୋଇଯାଇଛି । ବର୍ଷା ସମୟରେ ଯାତାୟତ କରୁଥିବା ଗାଡିଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗକୁ ବର୍ଷାଦିନ ଥିବାରୁ ରାସ୍ତାଗୁଡିକ ଆହୁରି ଶୋଚନୀୟ ହୋଇପଡିବ । ରାସ୍ତାର କେତେକ ସ୍ଥାନରେ ଏକ ଫୁଟ ଖାଲ ଥିବାରୁ ମୋଟର ସାଇକେଲ୍ ଚାଳକମାନ ବର୍ଷା ସମୟରେ ଜାଣି ନପାରିବାରୁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଅଣଓସାରିଆ ରାସ୍ତା ସହିତ ରାସ୍ତା ଶୋଚନୀୟ ହୋଇଥିବାରୁ ଯାତାୟତରେ ଅସୁବିଧା ଭୋଗୁଛନ୍ତି । ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ରାସ୍ତା ତାଡ଼ି ଛଡ଼ାଇନେଲେ ଲୋକଙ୍କ ମୌଳିକ ଅଧିକାର
# ସ୍ଥାୟୀ ରାସ୍ତା ନିର୍ମାଣ ଲାଗି ସରକାରଙ୍କୁ ଗୁହାରି

ଫୁଲନଖରା ,(ସବ୍ୟୁ): କଟକ ସଦର ଅଞ୍ଚଳର ୪୨ ମୌଜା କଳପଡ଼ା ପଞ୍ଚାୟତ ଅନ୍ତର୍ଗତ କଳପଡ଼ା ଗ୍ରାମର ମଝି ସାହିରେ ଗୋପୀନାଥ ଠାକୁରଙ୍କ ଘର ନିକଟରେ ଥିବା ଗ୍ରାମ୍ୟ ରାସ୍ତାକୁ କିଛି ବ୍ୟକ୍ତି ତାଡ଼ି ଦେଇଥିବା ଅଭିଯୋଗକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ଦେଖାଦେଇଛି । ଏହି ଘଟଣାକୁ ନେଇ ବେଣ୍ଟକାର ଥାନାରେ ଏକ ଲିଖିତ ଏତଲା ଦାଖଲ କରାଯାଇଥିବା ସୂଚନା ମିଳିଛି । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଉକ୍ତ ରାସ୍ତାଟି ଗତ ପ୍ରାୟ ତିନି ପିଢ଼ି ଧରି ଗ୍ରାମବାସୀଙ୍କ ଯାତାୟାତର ପ୍ରମୁଖ ମାର୍ଗ ଭାବେ ବ୍ୟବହୃତ ହୋଇଆସୁଛି । ଏହି ରାସ୍ତା ଉପରେ ପ୍ରାୟ ୧୮ଟି ପରିବାରର ୭୦ରୁ ଅଧିକ ସଦସ୍ୟ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ । ନିକଟରେ ହୋଇଥିବା ବର୍ଷା ଯୋଗୁଁ ରାସ୍ତାରେ ଏକ ଗଭୀର ଖାଲ ସୃଷ୍ଟି ହୋଇଥିଲା । ପରେ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ସେହି ସ୍ଥାନରେ ବାଲି ପକାଇ ରାସ୍ତାକୁ



ଚଳାଚଳ ଉପଯୋଗୀ କରିଥିଲେ । ମାତ୍ର ପରବର୍ତ୍ତୀ ସମୟରେ କିଛି ବ୍ୟକ୍ତି ମିଶି ରାସ୍ତାକୁ ତାଡ଼ି ଦେଇଥିବାରୁ ସମ୍ପୂର୍ଣ୍ଣ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି । ରାସ୍ତା ବନ୍ଦ ହୋଇଯିବା ଫଳରେ ସ୍କୁଲ ପଢ଼ୁଆ ପିଲାମାନେ ନିୟମିତ ଭାବେ ବିଦ୍ୟାଳୟକୁ ଯାଇପାରୁ ନାହାନ୍ତି । ଘରୋଇ ଗ୍ୟାସ ବିତରଣ ଗାଡ଼ି ଗ୍ରାମକୁ ପହଞ୍ଚିପାରୁ ନଥିବା ବେଳେ ଦୁଇଚକିଆ ଓ ତିନିଚକିଆ ଯାନବାହନ ଚଳାଚଳ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଫଳରେ ଦୈନନ୍ଦିନ ଜୀବନଯାପନ ସହ ଜରୁରୀକାଳୀନ ସେବା ପ୍ରଭାବିତ ହେଉଥିବାରୁ ଗ୍ରାମବାସୀ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କଳପଡ଼ା ବ୍ରାହ୍ମଣ ସାହିରୁ ମଝି ସାହି ପର୍ଯ୍ୟନ୍ତ ଏକ ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀମାନେ ଦାବି ଉଠାଇଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ସ୍ଥାନୀୟ ସାଂସଦ, କଟକ ସଦର ବିଧାୟକ, କଟକ ଜିଲ୍ଲାପାଳ, କଟକ ସଦର ତହସିଲଦାର ଓ ସମ୍ପୃକ୍ତ ବିଡିଓଙ୍କ ନିକଟରେ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି । ସ୍ଥ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଦୀର୍ଘ ଦିନ ଧରି ବ୍ୟବହୃତ ଏହି ରାସ୍ତାକୁ ଅବରୋଧ କରାଯିବା କେବଳ ଯାତାୟାତ ସମସ୍ୟା ସୃଷ୍ଟି କରିନାହିଁ, ବରଂ ସାଧାରଣ ଲୋକଙ୍କ ମୌଳିକ ସୁବିଧା ଓ ଅଧିକାରକୁ ମଧ୍ୟ ପ୍ରଭାବିତ କରିଛି । ତେଣୁ ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବା ସହ ଲୋକଙ୍କ ଯାତାୟାତ ସୁବିଧା ପୁନଃ ବହାଲ କରିବାକୁ ସମସ୍ତଙ୍କ ପକ୍ଷରୁ ଦାବି କରାଯାଇଛି ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା

ଭାପୁର ,(ସବ୍ୟୁ): ଡ଼ାକ୍ତରମାନଙ୍କ ଆନ୍ଦୋଳନ ଯୋଗୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା ଦେଖାଦେଇଛି । ଚିକିତ୍ସା ପାଇଁ ଆସିଥିବା ଶତାଧିକ ରୋଗୀ ଲମ୍ବା ଲାଇନ ରେ ଛିଡା ହୋଇଥିବା ଦେଖିବାକୁ ମିଳିଛି ।ଏହି ଆନ୍ଦୋଳନ ଆଗକୁ ଜାରି ରହିଲେ ପରିସ୍ଥିତି ଅଣାୟତ୍ତ ହେବ ବୋଲି ସ୍ପଷ୍ଟ ଜଣାପଡୁଛି ।ଡାକ୍ତର ଙ୍କ ଧାରଣା ଦିତୀୟ ଦିନରେ ଘଣ୍ଟା ଘଣ୍ଟା ଧରି ଲାଇନ ରେ ଛିଡା ହେବା ପରେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି ।ଆୟୁଷ ଡାକ୍ତରଙ୍କୁ ଏଲୋପ୍ୟାଥିକ ଔଷଧ ଲେଖିବାକୁ ବାରଣ ରହିଥିବାବେଳେ ଡାକ୍ତରଙ୍କ ଆନ୍ଦୋଳନ ନେଇ ଆୟୁଷ ଡାକ୍ତରଙ୍କୁ ଏଲୋପ୍ୟାଥିକ ଔଷଧ ଲେଖିବା ପାଇଁ ସରକାର ଲିଖିତ ଭାବରେ ଜଣାଇଛନ୍ତି ।

# ଜିଲ୍ଲା ଉନ୍ନୟନ ସମନ୍ୱୟ, ପର୍ଯ୍ୟାଲୋଚନା କମିଟି ବୈଠକ




ନୟାଗଡ଼, (ସବ୍ୟୁ): ନୟାଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବିଭାଗୀୟ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରାଯାଇ ଥିଲା । ଜିଲ୍ଲାରେ ପିଏମଇଜିପି ଋଣ ମଞ୍ଜୁର, ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମର ସଫଳତା ବିଷୟରେ ଆଲୋଚନା କରିଥିଲେ ।ଲକ୍ଷପତି ଦିଦି ସୃଷ୍ଟି ନିମନ୍ତେ ବିଭିନ୍ନ ବ୍ୟାଙ୍କ ଋଣ ମଞ୍ଜୁର ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହାଛଡ଼ା ବୃତ୍ତଙ୍ଗ ବୃହତ ଜଳ ସେଚନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜନ ପ୍ରତିନିଧିମାନେ ବିସ୍ତୃତ ଆଲୋଚନା କରିଥିଲେ । ଜଳ ଜୀବନ ମିଶନରେ ନଳକୂପ ଖନନ ଏବଂ ମେଗା ପାନୀୟ ଜଳ ପ୍ରକଳ୍ପ ଅଧୀନରେ ପ୍ରତି ଘରକୁ ପାନୀୟ ଜଳ ଯୋଗାଇ ଅଗ୍ରଗତିକୁ ନେଇ ଆଲୋଚନା କରାଯାଥିଲା । ହେଲେ ବିଭିନ୍ନ ବିଭାଗର କାର୍ଯ୍ୟଧାରା ସନ୍ତୋଷ ଜନକ ହୋଇ ନଥିବା ଦର୍ଶାଇ ଅନେକ ଚିନ୍ତା ପ୍ରକଟ କରିଥିଲେ । ବୈଠକରେ ପୁରୀ ସାଂସଦ, ଡା. ସମ୍ବିତ ପାତ୍ର, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ନୟାଗଡ଼ ବିଧାୟକ ଡଃ. ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ଇଂ .ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଇଂ ଦେବାଶିଷ ପଟ୍ଟନାୟକ, ଏବଂ ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ମଧୁମିତା ରଥ, ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପ୍ରମୁଖ ଉପସ୍ଥିତ ରହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।

# ଘର ପୋଡି: ୨ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ

ରଣପୁର: ନୟାଗଡ଼ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ଚାନ୍ଦପୁର ରାଧାମୋହନପୁର ସାହିରେ ବୁଧବାର ବିଳମ୍ବିତ ରାତିରେ ଘଟିଥିବା ଏକ ଭୟାବହ ଅଗ୍ନିକାଣ୍ଡରେ ଜଣେ ବ୍ୟକ୍ତିଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବା ଜଣାପଡ଼ିଛି । ରାଧାମୋହନପୁର ସାହିର ପଙ୍କଜ ନାୟକ (୬୦), ପିତା ସତ୍ୟବାଦୀ ନାୟକଙ୍କ ଘରେ ବୁଧବାର ରାତି ପ୍ରାୟ ୧୨ଟା ସମୟରେ ହଠାତ ନିଆଁ ଲାଗିଥିଲା । ନିଆଁ ଅଳ୍ପ ସମୟ ମଧ୍ୟରେ ସମଗ୍ର ଘରକୁ ବ୍ୟାପିଯାଇଥିଲା । ଫଳରେ ଘରେ ଥିବା ଆସବାବପତ୍ର, ଘରୋଇ ସାମଗ୍ରୀ, ବସ୍ତ୍ର, ଆବଶ୍ୟକୀୟ କାଗଜପତ୍ର ଏବଂ ବିଭିନ୍ନ ବୈଦ୍ୟୁତିକ ଉପକରଣ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା । ପୀଡ଼ିତ ପଙ୍କଜ ନାୟକଙ୍କ କହିବାନୁସାରେ, ଏହି ଅଗ୍ନିକାଣ୍ଡରେ ପ୍ରାୟ ୨ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ କ୍ଷତିର ପରିମାଣ ବହୁତ ଅଧିକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।ଖବର ପାଇ ରଣପୁର ରାଜସ୍ୱ ବିଭାଗର ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିଥିଲେ । ପ୍ରାଥମିକ ସହାୟତା ଭାବେ ପୀଡ଼ିତ ପରିବାରକୁ ଜରିପାଲ ପ୍ରଦାନ କରାଯାଇଛି । ସରକାରୀ ନିୟମ ଅନୁଯାୟୀ ପରବର୍ତ୍ତୀ ସମୟରେ ଯାହା ସହାୟତା ମିଳିବାର ବ୍ୟବସ୍ଥା ରହିଛି, ତାହା ପ୍ରଦାନ କରାଯିବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଅଗ୍ନିକାଣ୍ଡ ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ପୀଡ଼ିତ ପରିବାରକୁ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ୧୫ଲକ୍ଷ ହେରଫେର ମାମଲା: ପିଇଓଙ୍କୁ ବନ୍ଧିଲା ଭିଜିଲାନ୍ସ

କଣାସ,(ସବ୍ୟୁ):ପ୍ରତ୍ୟେକ ଦିନ ଆୟ ବର୍ହିଭୁତ ସମ୍ପତି ଠୁଳ କିମ୍ବା ସରକାରୀ ଅର୍ଥ ଆତ୍ମସାତ ଘଟଣାରେ ବିଭିନ୍ନ ବଡ଼ ବଡ଼ିଆ ଓ ତଳିଆ କର୍ମଚାରୀ ଗିରଫ ହେଉଛନ୍ତି ।ଏହି ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଉଥିବା ଦେଖିବାକୁ ମିଳିଛି ।ଖବର ନେବାରେ ଜଣାପଡ଼ିଛି କଣାସ ବ୍ଲକ ଅନ୍ତର୍ଗତ ସାହୁପଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଟୁନା ପ୍ରଧାନ ବର୍ତ୍ତମାନ ଗୋପ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ୨୦୨୨ ରୁ ୨୦୨୫ ମଧ୍ୟରେ ନିଜ ପ୍ରଶାସନିକ ପଦବୀର ଅପବ୍ୟବହାର କରି ମଧୁବାବୁ ପେନସନ ଯୋଜନାରେ ଭିନ୍ନକ୍ଷମ ଓ ନିରାଶ୍ରୟଙ୍କ ପାଇଁ ଆସିଥିବା ଭତ୍ତା ୧୫,୦୩,୮୦୦ ଲକ୍ଷ ଟଙ୍କା ହେରଫେର ମାମଲାରେ ତାଙ୍କୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇ ଆଜି ଭୁବନେଶ୍ୱରସ୍ଥିତ ମାନ୍ୟବର କୋର୍ଟଙ୍କୁ ଚାଲାଣ କରାଯାଇଛି । ଏହି ସମ୍ପର୍କରେ, ଓଡ଼ିଶା ଭିଜିଲାନ୍ସ ଭୁବନେଶ୍ୱର ଭିଜିଲାନ୍ସ ଥାନା କେସ ନଂ ୧୩ ଓ ୧୪/୨୦୨୬ ଅନୁଯାୟୀ ପିସି ସଂଶୋଧନ ଆଇନ, ୨୦୧୮ର ଧାରା ୧୩(୨) ସହ ୧୩(୧)(ଏ) / ବିଏନଏସର ଧାରା ୩୧୬(୫) ଅନୁସାରେ ଅଭିଯୁକ୍ତ ଟୁନା ପ୍ରଧାନଙ୍କ ବିରୋଧରେ ମାମଲା ରୁଜୁ କରିଛି ।



ପୂର୍ବରୁ ମଧ୍ୟ ଖଣ୍ଡହତା ପଞ୍ଚାୟତର ପିଇଓ ଭାବେ କାର୍ଯ୍ୟ କରି ଟୁନା ପ୍ରଧାନ ଓ ଜିଆରଏସ ସାଗର ଦାସ ୨୦୨୨-୨୩ ଓ ୨୦୨୩-୨୪ ମସିହାରେ ମଧୁବାବୁ ପେନସନ ଯୋଜନାରେ ଆସୁଥିବା ବାର୍ଦ୍ଧକ୍ୟ ,ବିଧବା,ଭିନ୍ନକ୍ଷମ ଭତ୍ତା ଟଙ୍କା ୨୧.୯୮ ଲକ୍ଷ୍ୟ ଟଙ୍କା ବ୍ୟାଙ୍କରୁ ଉଠାଇ ଦୁଇଜଣ ଅଭିଯୁକ୍ତ ଆତ୍ମସାତ କରିବା ଅଭିଯୋଗରେ ଭୁବନେଶର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ ।

## ୫ରେ ସୁର ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଅସ୍ତରଙ୍ଗ,(ସବ୍ୟୁ): କାକଟପୁର ନିର୍ବାଚନମଣ୍ଡଳୀର ଅନ୍ୟତମ ଲୋକପ୍ରିୟ ଜନନେତା ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରନାଥ ନାୟକଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆସନ୍ତା ଜୁଲାଇ ୫ ତାରିଖରେ କାକଟପୁରସ୍ଥିତ ପଦ୍ମଚରଣ ସାମନ୍ତ ସିଂହାର ମେମୋରିଆଲ ଟ୍ରଷ୍ଟ ପରିସରରେ ଭବ୍ୟ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତିଚାରଣ ସମାରୋହ ଅନୁଷ୍ଠିତ ହେବ । ଏହି ଗାରିମାମୟ ସମାରୋହକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦଘାଟନ କରିବେ । ରେଢ଼ାଖୋଲର ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କାକଟପୁରର ବିଧାୟକ ତୁଷାରକାନ୍ତି ବେହେରା, ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ପ୍ରହଲ୍ଲାଦ ସିଂ ଏବଂ ପଦ୍ମଚରଣ ସାମନ୍ତ ସିଂହାର ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ କ୍ତ ସ୍ୱାଧୀନ କୁମାର ନାୟକ ପ୍ରମୁଖଙ୍କର ଗାରିମାମୟ ଉପସ୍ଥିତି ରହିବ ।

# ଡକ୍ଟର ବିଜୟ ମହାନ୍ତିଙ୍କୁ ଇରେଡାର ସିଏମଡିଭାବେ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,(ସବ୍ୟୁ): ଡକ୍ଟର ବିଜୟ କୁମାର ମହାନ୍ତି ଭାରତୀୟ ନବୀକରଣୀୟ ଶକ୍ତି ବିକାଶ ସଂସ୍ଥା ଲିମିଟେଡ୍ (ଇରେଡାର)ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତ । ବର୍ତ୍ତମାନ, ସେ ସଂଗଠନରେ ନିର୍ଦ୍ଦେଶକ (ଅର୍ଥ) ଭାବରେ କାର୍ଯ୍ୟ କରୁଛନ୍ତି । ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ତାଙ୍କୁ ତିନି ମାସ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛି । ଡକଟର ମହାନ୍ତି ୧୨ ଅକ୍ଟୋବର, ୨୦୨୩ ଠାରୁ ଇରେଡାର ନିର୍ଦ୍ଦେଶକ (ଅର୍ଥ) ଭାବରେ ଏବଂ ୧୬ ଅକ୍ଟୋବର, ୨୦୨୩ ଠାରୁ



କମ୍ପାନୀର ମୁଖ୍ୟ ଆର୍ଥିକ ଅଧିକାରୀ ଭାବରେ କାର୍ଯ୍ୟ କରୁଛନ୍ତି । ସେ ଭାରତୀୟ କଷ୍ଟ ଆକାଉଣ୍ଟାଣ୍ଟସ୍ ସଂସ୍ଥାର ଜଣେ ଫେଲୋ ସଦସ୍ୟ ଏବଂ ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟରୁ ଦର୍ଶନ (ବାଣିଜ୍ୟ) ଏବଂ ଲୋକ ପ୍ରଶାସନରେ ସ୍ନାତକୋତ୍ତର ଡିଗ୍ରୀ ସହିତ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକୋତ୍ତର ଡିଗ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ଡିଗ୍ରୀ ଏବଂ ଭୁବନେଶ୍ୱରର କଳିଙ୍ଗ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି ପ୍ରତିଷ୍ଠାନରୁ ବାଣିଜ୍ୟରେ ଡକଟର ଅଫ୍ ଫିଲୋସୋଫି (ପିଏଚଡି) ହାସଲ କରିଛନ୍ତି ।

# ଘର ତାଲା ଭାଙ୍ଗି ନେଇଗଲେ ଟଙ୍କା, ସୁନା ଅଳଙ୍କାର ସହ ବାଇକ

ବଲଙ୍ଗା ,(ସବ୍ୟୁ): ଘରେ କେହି ନଥିବା ସୁଯୋଗରେ ବଲଙ୍ଗା ଥାନା ଅନ୍ତର୍ଗତ କୋହ୍ଲଣା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରୁ ଦୁର୍ବୃତ୍ତମାନେ ଟଙ୍କା, ସୁନା ଅଳଙ୍କାର ସହ ଗୋଟିଏ ବାଇକ ଚୋରୀ କରିନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି । ସୂଚନା ମୁତାବକ ଗ୍ରାମର ଧନେଶର ମିଶ୍ରଙ୍କ ପନୀ ବିଦୁଲତା ମିଶ୍ର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ୩୦ ତାରିଖ ଦିନ ବିଦୁଲତାଙ୍କ ପରିବାର ଘର ତାଲା ପକାଇ ପୁରୀରେ ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଇଥିଲେ । ଶୁକ୍ରବାର ସକାଳେ ଘରକୁ ଫେରିବାରେ ଘର ତାଲା ଗୁଡିକ ଭଙ୍ଗା ଯାଇଥିବା ଦେଖିଥିଲେ । ଘର ଭିତରକୁ ଯିବାରେ ଘରେ ଥିବା ଆଟାଚ ଭଙ୍ଗା ଯିବା ସହ ସେଥିରେ ଥିବା ସୁନା ମୁଦି, କାନ ଫୁଲ, ୧୦ହଜାର ଟଙ୍କା ସହ ଘରେ ଥିବା ମଟର ସାଇକେଲ ନଥିବା ଦେଖିଥିଲେ । ପୂର୍ବରୁ ବିଦୁଲତାଙ୍କ ଘରୁ ସେହି ଗ୍ରାମର ସିଲୁ ଭୋଇ ନାମକ ଜଣେ ଯୁବକ ୨ଥର ଚୋରୀ ଉଦ୍ୟମ କରି ଧରା ପଡ଼ିଥିଲା ବେଳେ ସେ ଚୋରୀ କରୁଥିବା ନେଇ ବିଦୁଲତା ଅଭିଯୋଗ କରିଛନ୍ତି । ସେହିଭଳି ସିଲୁ ଚୋରୀ ହୋଇଥିବା ବାଇକ ଚଳାଇ ଯାଇଥିବା ନେଇ ଗ୍ରାମର କେତେକ ଲୋକ ଦେଖିଥିବା ନେଇ ବିଦୁଲତାଙ୍କୁ ଜଣାଇ ଥିଲେ । ପରେ ବିଦୁଲତା ସିଲୁଙ୍କ ଘରେ ପହଞ୍ଚି ତାର ପରିବାର ଲୋକଙ୍କୁ ସମସ୍ତ ଘଟଣା କହିବାରେ ସେମାନେ ଥାନାରେ ଅଭିଯୋଗ କରିବାକୁ କହିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

# ପ୍ରଧାନ ଶିକ୍ଷୟତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା



କୋଣାର୍କ ,(ସବ୍ୟୁ) : କୋଣାର୍କ ନିକଟସ୍ଥ ଜୁଣେଇ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଗୀତାଞ୍ଜଳୀ ନାୟକ ସରକାରୀ କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରିଛନ୍ତି । ତାଙ୍କ ସମ୍ମାନାର୍ଥେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟି , ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ , ଜୁଣେଇ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଳିତ ସହଯୋଗରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଣାର୍କ ଏନ.ଏ.ସି ଅଧ୍ୟକ୍ଷା ସୁଶ୍ରୀ ସଞ୍ଜୁକ୍ତା ତ୍ରିପାଠୀ , ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ବଳବନ୍ତରାୟ ,ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକୟୁନିଅନ ସାଧାରଣ ସମ୍ପାଦକ ଶିବଦତ୍ତ ନାୟକ ,ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକୟୁନିଅନ ଉପଦେଷ୍ଟା ସତ୍ୟନାରାୟଣ ସାହୁ , ଗୋପ ଶିକ୍ଷକ ସମନ୍ୱୟ ସମିତି ସଭାପତି ଅଜୟ କୁମାର ରଥ , ଗୋପ ଶିକ୍ଷକ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ସରୋଜ କୁମାର ମିଶ୍ର , ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ରାମକୃଷ୍ଣ ମହାନ୍ତି , ସାଂସଦ ଙ୍କ ପ୍ରତିନିଧି ମଙ୍ଗରାଜ ମୁଦୁଲି , ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଞ୍ଜିତ ରାଉତ୍ରାୟ , ପ୍ରମୁଖ ଯୋଗ ଦେଇଥିଲେ ।

# ବାଇକ ସହ ମଦ ଜବତ, ୩ ଗିରଫ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ଅବକାରୀ ଟିମ ଶୁକ୍ରବାର ପୃଥକ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ଭାବେ ଚାଲାଣ ହେଉଥିବା ମୋଟ ୧୫୫ ଲିଟର ଦେଶୀ ମଦ ସମେତ ଏକ ବାଇକ ଜବତ କରିଛନ୍ତି । ଏଥିରେ ସମ୍ପୃକ୍ତ ୩ ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ବାଣପୁର ଅଞ୍ଚଳର ଆକାଶ ସୁବୁଦ୍ଧି, ସନ୍ତୋଷ ମହାପାତ୍ର ଏବଂ ସୁବାସ ବଇଥାରୁ ।ସୂଚନା ମୁତାବକ , ଆଦିବାସୀ ଅଧ୍ୟୁଷିତ ବରବରା ଜଙ୍ଗଲରୁ ଦେଶୀ ମଦ ପ୍ରସ୍ତୁତ ହୋଇ ବିଭିନ୍ନ ଅଞ୍ଚଳକୁ ଚୋରା ଚାଲାଣ ହୋଇ ଆସୁଅଛି । ଏପରି ସ୍ଥଳେ ସୂଚନା ପାଇ ଶୁକ୍ରବାର ଭୋରରୁ ବାଲୁଗାଁ ଅବକାରୀ ଅଧିକାରୀ ରାମଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏକ ଟିମ ପାଟ୍ରୋଲିଂ କରୁଥିବା ବେଳେ ବାଲୁଗାଁ - ବାଣପୁର ରାସ୍ତାର ଅନ୍ତରକିଆରୀ ଛକ ଠାରେ ଏକ ବାଇକ ସମେତ ୮୦ ଲିଟର ଦେଶୀ ମଦ ଜବତ କରାଯିବା ସହ ସମ୍ପୃକ୍ତ ବ୍ୟବସାୟୀ ଆକାଶଙ୍କୁ ଗିରଫ କରାଯାଇଥିଲା ।ସେହିପରି ବାଲେଡି ଛକରୁ ସନ୍ତୋଷ ନିକଟରୁ ୩୫ ଲିଟର ଏବଂ ଭବାନୀପୁର ଛକ ନିକଟରୁ ସୁବାସ ଠାରୁ ୪୦ ଲିଟର ମଦ ଜବତ ସହ ଉଭୟଙ୍କୁ ଗିରଫ କରାଯାଇଥିଲା ।

# ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ରାମେଶର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା ।ଏହି ସଭାରେ ମୁଖ୍ୟ ଅତିଥି ଭାବେ ଇଞ୍ଜିନିୟର ବିଶ୍ୱମୋହନ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିରେନ୍ଦ୍ର କୁମାର ପଟ୍ଟନାୟକ, ଆରତ କୁମାର ବେହେରା, ଦୀପ୍ତିରଞ୍ଜନ ପଟ୍ଟନାୟକ ଏବଂ ଚନ୍ଦ୍ରମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମରଣିକା ଦାସଙ୍କ ପ୍ରତ୍ୟକ୍ଷ ତ%୦ାବଧାନରେ ଏହି ସମଗ୍ର କାର୍ଯ୍ୟକ୍ରମଟି ସଫଳତାର ସହ ପରିଚାଳିତ ହୋଇଥିଲା ।ଏହି ପ୍ରତିଷ୍ଠା ଦିବସ ଅବସରରେ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲାଏହି ଉତ୍ସବରେ ବିଦ୍ୟାଳୟର ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗୀତାରେ ଛାତ୍ରୀଙ୍କ କୃତିତ୍ୱ

ଖଣ୍ଡପଡ଼ା,(ସବ୍ୟୁ): ସମବାୟ ସପ୍ତାହ -୨୦୨୬ ପାଳନ ଅବସରରେ ନୟାଗଡ଼ ସହରସ୍ଥିତ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ବରିଷ୍ଠ ବର୍ଗ ଓଡ଼ିଆ ବକ୍ତୃତା ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀ ଅନଷୋ ଷଡଙ୍ଗୀ ପ୍ରଥମ ସ୍ଥାନ ଅଧିକାର କରି ଅନୁଷ୍ଠାନ ପାଇଁ ଗୌରବ ଆଣିଥିବା ଜଣାଯାଇଛି ।ପ୍ରଥମ ସ୍ଥାନ ଅଧିକାର କରିଥିବା ସଂପୃକ୍ତ ଛାତ୍ରୀଙ୍କୁ ମାନପତ୍ର ସହ ନଗଦ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜଣାଯାଇଛି । 'ସମବାୟରୁ ସମୃଦ୍ଧି' ଶିର୍ଷକ ବକ୍ତୃତା ପ୍ରତିଯୋଗୀତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଛାତ୍ରୀଙ୍କ ଏହି ବିଶେଷ ସଫଳତାକୁ ନେଇ ଅନୁଷ୍ଠାନର ଅଧ୍ୟକ୍ଷା ସ୍ମିତାଶେଫାଳୀ ମହାପାତ୍ର ଓ ଅନ୍ୟ ଅଧ୍ୟାପକ, ଅଧ୍ୟାପିକାମାନେ ଆନନ୍ଦ ପ୍ରକାଶ କରିଛନ୍ତି ।

# ପଦ୍ମଭୂଷଣ କାଳିନ୍ଦୀ ପାଣିଗ୍ରାହୀଙ୍କ ଜୟନ୍ତୀ ଉତ୍ସବ

ବାଲିପାଟଣା ,(ସବ୍ୟୁ): କାଳଜୟୀ ସାଧକ ସୁନାମଧନ୍ୟ ଲେଖକ ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ୧୨୫ ତମ ଜୟନ୍ତୀ ଉତ୍ସବ ବାଲିପାଟଣା ସ୍ଥିତ ଦୁର୍ଗାମାଧବ କଲ୍ୟାଣ ମଣ୍ଡପ ଠାରେ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ଭବାନୀ ଶଙ୍କର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ଅବସରପ୍ରାପ୍ତ ଅଧକ୍ଷ ଦିବାକର ମାନସିଂହ,ଅଧ୍ୟାପିକା ବାସନ୍ତୀ ମହାନ୍ତି,ଅଧ୍ୟାପିକା ଶର୍ମିଷ୍ଠା ମହାପାତ୍ର , ପ୍ରାଚୀଧାରା ସଂପାଦକ ଭଗବାନ ସାହୁ ପ୍ରମୁଖ ଯୋଗଦେଇ କାଳିନ୍ଦୀ ପାଣିଗ୍ରାହୀଙ୍କ ସାରସ୍ୱତ କୃତି ତଥା ସାଧନମୟ ଜୀବନ ସମ୍ପର୍କରେ ବିଶ୍ଳେଷଣାତ୍ମକ ତଥ୍ୟ ଉପସ୍ଥାପନା କରିଥିଲେ ।ଏହି ଅବସରରେ ବିଭିନ୍ନ କ୍ଷେତରେ ପ୍ରତିଷ୍ଠା ଲାଭ କରିଥିବା ତନୟାଦାସ ଗୋସ୍ୱାମୀ,ରଘୁନାଥ ଲେଙ୍କା,ମାଗୁଣି ଚରଣ ସେଠୀ ଓ ପ୍ରତାପ କୁମାର ସାହୁଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସାହିତ୍ୟ



ଏକାଡେମୀ ଓ ସାହିତ୍ୟ ପତ୍ରିକା ସମୟର ପ୍ରାଚୀଧାରାର ମିଳିତ ସହଯୋଗରେ ଏହି କାର୍ଯଯକ୍ରମର ପ୍ରାରମ୍ଭରେ ସାହିତ୍ୟ ଏକାଡେମୀ ତରଫରୁ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ଦେଇଥିଲେ ଓ କବି ବିପିନ ମହାନ୍ତି କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ । ଉପଦେଷ୍ଟା କବି ଅଭିମନ୍ୟୁ ନାୟକ,ଡ ମୁରଲୀଧର ସାହୁ ଆୟୋଜନରେ ସହଯୋଗ କରିଥିଲେ । ।ପୂର୍ବତନ ଅଧକ୍ଷ କ୍ଷୀରୋଦ କୁମାର ରାୟ ମହାପାତ୍ର,ସଂଳାପ ଲେଖକ ରଜନୀ ରଞ୍ଜନ ଦାଶ,ଶିଶୁ ସାହିତ୍ୟିକ ବଙ୍କିମ ନାୟକ,ସମାଜସେବୀ ମନୋରଞ୍ଜନ ରାୟ,ପ୍ରଶାନ୍ତ ରାୟ,ରବୀନ୍ଦ୍ର ସ୍ୱାଇଁ,ଘନଶ୍ୟାମ ବେହେରା,ସତ୍ୟଭାମା ବେହେରା,ସୁଜାତା ଦାଶ,ଅଶୋକ ସାହୁ ପ୍ରମୁଖ ଙ୍କ ସହିତ ବହୁ କବି,ଲେଖକ,ଲୋକ ପ୍ରତିନିଧି,ସାହିତ୍ୟ ପ୍ରତି ରୁଚି ରଖିଥିବା ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ସାପ କାମୁଡ଼ାରେ ଚାଲିଗଲା ଚାଷୀଙ୍କ ଜୀବନ

ଫୁଲନଖରା ,(ସବ୍ୟୁ) :କଟକ ସଦର ଅଞ୍ଚଳର ୪୨ ମୌଜା ଅନ୍ତର୍ଗତ ବଉଳକୁଦ ଗ୍ରାମର ଜଣେ ପରିଶ୍ରମୀ ଚାଷୀ ସନାତନ ଦାସ (୫୧)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି । ଏହାକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ସନାତନ ଦାସ ନିଜ ଚାଷ କାମ ପାଇଁ ବିଲକୁ ଯାଇଥିବା ବେଳେ ଅସାବଧାନତାବଶତଃ ଏକ ବିଷଧର ସାପ ତାଙ୍କୁ ଦଂଶନ କରିଥିଲା । ଗୁରୁତର ଅବସ୍ଥାରେ ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ କଟକସ୍ଥିତ ଏସ.ସି.ବି. ମେଡିକାଲ କଲେଜ



ଓ ହସ୍ପିଟାଲକୁ ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସନାତନଙ୍କ ଅକାଳ ବିୟୋଗରେ ତାଙ୍କ ପନୀ ଓ ଦୁଇ ଝିଅଙ୍କ ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ସମଗ୍ର ପରିବାର ଅସହାୟ ହୋଇପଡ଼ିଛି । ତାଙ୍କ ମୃତ୍ୟୁ ଖବର ପାଇ ବଡ଼ ଭାଇ ଅଜୁ ଦାସ ଓ ବିଜୟ ଦାସଙ୍କ ସମେତ ସମସ୍ତ ପରିବାର ସଦସ୍ୟ ଭାଙ୍ଗିପଡ଼ିଥିଲେ । ମୃତଦେହ ଗ୍ରାମକୁ ପହଞ୍ଚିବା ପରେ ଶେଷ ଦର୍ଶନ ପାଇଁ ଶହ ଶହ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା । ଗ୍ରାମର ମୁରବି ସୁବୋଧ ଦେବତା, ସନ୍ତୋଷ ବେହେରା, ନୁର ବେହେରା, ଶରତ ଦେବତା, ତାପସ ଦେବତା, ଦିଲ୍ଲୀପ ପତି, ଅରୁଣ ଦାସ, ବସନ୍ତ କୁମାର ଦେବତା, ଅନିଲ ଦାସ, ରଘୁ ଦାସ, ରବୀନ୍ଦ୍ର ଦେବତା, ସୁକାନ୍ତ ଦାସ, ତ୍ରୈଲୋକ୍ୟ କାଣ୍ଡି, ବାବୁ ଦାସ, ପ୍ରଶାନ୍ତ ଦେବତାଙ୍କ ସମେତ ବିଶିଷ୍ଟ ସମାଜସେବୀ ଆର୍ତ୍ତ ରଞ୍ଜନ ବିଶ୍ୱାଳ ଉପସ୍ଥିତ ରହି ମୃତ ଆତ୍ମାର ସଦVତି କାମନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ସମ୍ପାଦକୀୟ

# ଦ୍ୱିତୀୟ ଈଶ୍ୱରମାନଙ୍କୁ...

ପ୍ରକୃତରେ ଆମେ ଦ୍ୱିତୀୟ ଈଶ୍ୱର କେଉଁମାନଙ୍କୁ କହିଥାଉଁ ? ସେହି ଡାକ୍ତର ବା ଚିକିତ୍ସକମାନଙ୍କୁ କହିଥାଉଁ । ସମାଜରେ ଯେତେ ବଡ଼ ଲୋକ ଥାଆନ୍ତୁ କି ଯେତେ ଛୋଟ ଲୋକ ଥାଆନ୍ତୁ, ସମସ୍ତେ ଦିନେ ନା ଦିନେ ରୋଗ କବଳିତ ହୋଇଥା'ନ୍ତି । ମାତ୍ର ସେହି ରୋଗୀମାନଙ୍କୁ ଯେଉଁ ଡାକ୍ତରମାନେ ଚିକିତ୍ସା କରି ରୋଗମୁକ୍ତ କରିଥା'ନ୍ତି ବା ମୃତ୍ୟୁ ମୁଖରୁ ଉଦ୍ଧାର କରିଥା'ନ୍ତି, ସେହି ଦ୍ୱିତୀୟ ଈଶ୍ୱରମାନଙ୍କୁ ରୋଗୀ ବା ସେମାନଙ୍କ ସମ୍ପର୍କୀୟମାନେ କୃତଜ୍ଞତା ଜ୍ଞାପନ କରିଥା'ନ୍ତି । ଦ୍ୱିତୀୟ ଈଶ୍ୱର ଜ୍ଞାନରେ ସେମାନଙ୍କୁ ମନେ ମନେ ପୂଜା ମଧ୍ୟ କରିଥା'ନ୍ତି । ଏପରି ବିଶ୍ୱାସବୋଧ ଓ ଗୌରବର ଅଧିକାରୀ ସମାଜର ଅନ୍ୟ କୌଣସି କାର୍ଯ୍ୟରତ ବ୍ୟକ୍ତିଙ୍କ ଭାଗ୍ୟରେ ନଥାଏ । ସେମାନଙ୍କ ମଧ୍ୟରେ ଦୁଇ ପ୍ରକାରର ଡାକ୍ତର ଅଛନ୍ତି । ଦଳେ ସରକାରୀ ହସ୍‌ପିଟାଲରେ ଓ ଆଉ କେତେକ ଘରୋଇ ହସ୍‌ପିଟାଲମାନଙ୍କରେ ବା ନିଜ କ୍ଲିନିକ୍‌ରେ କାର୍ଯ୍ୟରତ ରହିଥା'ନ୍ତି । ବଡ଼ ବଡ଼ ଚିକିତ୍ସା ପ୍ରତିଷ୍ଠାନମାନଙ୍କରେ ଅନେକ ବଡ଼ ବଡ଼ ଡାକ୍ତର ଗବେଷଣା କରି ନୂତନ ନୂତନ ଉଦ୍‌ଭାବନ ଓ ଆବିଷ୍କାରରେ ଅପାର ଆନନ୍ଦ ଲାଭ କରିଥା'ନ୍ତି । ଏବେ ବେଶୀ ସଂଖ୍ୟାରେ ସାଧାରଣ, ଗରିବ ଓ ନୀରିହ ରୋଗୀ ସରକାରୀ ଡାକ୍ତରଖାନାମାନଙ୍କରେ ଲମ୍ବା ଲାଇନରେ ଛିଡା ହୋଇଥିବା ପରିଲକ୍ଷିତ ହୋଇଥାଏ । ବେସରକାରୀ ଡାକ୍ତରଖାନାମାନଙ୍କରେ ଉନ୍ନତ ଚିକିତ୍ସା ପଦ୍ଧତି ଯୋଗୁଁ ଥିଲାବାଲା ଲୋକଙ୍କର ଭିଡ଼ ମଧ୍ୟ ହେଉଥିଲା । ଅଥଚ ସ୍ୱାସ୍ଥ୍ୟ କାର୍ଡଧାରୀ ସାଧାରଣ ଓ ଗରିବ ଲୋକେ ବେସରକାରୀ ଚିକିତ୍ସାଳୟମାନଙ୍କରେ ଏବେ ମଧ୍ୟ ଭିଡ଼ କରୁଥିବା ଦେଖାଯାଇଛି ।

**ଦୀର୍ଘ ଦିନ ଧରି ଛୁଟିରେ ରହି ଡାକ୍ତରମାନେ ଘରୋଇ ଚିକିତ୍ସା କରନ୍ତି ଓ ସ୍ୱାସ୍ଥ୍ୟ ବିଭାଗର କିରାଣୀ ପ୍ରଭୃତି ସେମାନେ ଛୁଟିରେ ଥାଇ ମଧ୍ୟ କିପରି ଦରମା ପାଇ ପାରିବେ, କୁଆଡ଼େ ହାତଗୁଞ୍ଜା ନେଇ ସେ କାଗଜପତ୍ର ଠିକ୍ କରି ଦିଅନ୍ତି ।**
**ବାଲିଆପାଳରେ ସ୍ୱାସ୍ଥ୍ୟ ବିଭାଗର ଜଣେ କିରାଣୀଙ୍କ ଠାରୁ ସେହି ବିଭାଗର ଡାକ୍ତର ଓ କର୍ମଚାରୀ ଉତ୍କୋଚ ପାଇବାକୁ ତାଙ୍କର ପେନସନକୁ କୁଆଡ଼େ ବନ୍ଦ ରଖିଛନ୍ତି । ମନ୍ତ୍ରୀଙ୍କ କଥାକୁ ମଧ୍ୟ ସେ କ୍ଷେତ୍ରରେ ଗୁରୁତ୍ୱ ଦିଆ ଯାଉ ନାହିଁ । ତେଣୁ ଧର୍ମଘଟକାରୀ ଡାକ୍ତରଙ୍କ ଦରମା ବନ୍ଦ ପାଇଁ ରାଜ୍ୟ ସରକାର ଯେପରି କଠୋର ପଦକ୍ଷେପ ନେଇଛନ୍ତି, ତାହାକୁ ରାଜ୍ୟର ଜନସାଧାରଣ ସ୍ୱାଗତ କରିଥିବା ପରିଲକ୍ଷିତ ହୋଇଛି ।**

ମାତ୍ର ସରକାରୀ ଡାକ୍ତର ଓ ସରକାରୀ ଡାକ୍ତରଖାନା ଉପରେ ସାଧାରଣ ରୋଗୀମାନଙ୍କର ଅଗାଧ ବିଶ୍ୱାସ । ଏଥିପାଇଁ କେବଳ ଓଡ଼ିଶାରୁ ନୁହେଁ, ଓଡ଼ିଶାର ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶର ଅନେକ ରୋଗୀ ଏବେ ଓଡ଼ିଶାକୁ ରୋଗରୁ ଉଦ୍ଧାର ପାଇବାକୁ ଧାଇଁ ଆସନ୍ତି । ଠିକ୍ ଏତିକିବେଳେ ଓଡ଼ିଶାର ସରକାରୀ ଡାକ୍ତରମାନଙ୍କ ସଂଘ ଜରିଆରେ ଧର୍ମଘଟ ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଅଚଳ ପ୍ରାୟ କରି ଦେଇଛି । ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏପରିକି ଶବ ବ୍ୟବଚ୍ଛେଦ, ଯାହା ସରକାରୀ ଡାକ୍ତରଖାନାମାନଙ୍କରେ ହୋଇଥାଏ, ସେ ସବୁ ହୋଇ ନ ପାରିବାରୁ ଖୁବ୍ ଅସ୍ୱାସ୍ଥ୍ୟକର ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି । ଦ୍ୱିତୀୟ ଈଶ୍ୱର ବା ଡାକ୍ତରମାନଙ୍କ ମଧ୍ୟରୁ ସମସ୍ତେ ଖରାପ ନୁହନ୍ତି । ମାତ୍ର ସଂଘ ଜରିଆରେ ସମସ୍ତେ ଏପରି ଆନ୍ଦୋଳନ କ୍ଷେତ୍ରକୁ ଓହ୍ଲାଇଲେ କାହିଁକି ? ଡାକ୍ତରମାନଙ୍କ ଧର୍ମଘଟ ତୃତୀୟ ଦିନକୁ ଟପି ହୁଏତ ଚତୁର୍ଥ ଦିନରେ ପହଞ୍ଚିଯିବ ।

ସରକାରୀ ଡାକ୍ତରମାନଙ୍କର କେତେକ ନ୍ୟାୟୋଚିତ ଦାବି ରହିଛି ଏବଂ ଡାକ୍ତର ସଂଘର ପ୍ରତିନିଧିମାନଙ୍କ ସହିତ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଓ ସ୍ୱାସ୍ଥ୍ୟ ସଚିବ ଶ୍ରୀମତୀ ଅଶ୍ୱସ୍ତି ଆଲୋଚନା କରିଛନ୍ତି । ସେମାନଙ୍କର କେତେକ ଦାବିକୁ ସରକାର ମାନି ନେଇଛନ୍ତି । ସେମାନଙ୍କର କ୍ୟାଡର୍ ପୁନର୍ଗଠନ ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ଦାବି ପୂରଣ କରାଯାଉ ଥିବା ସତ୍ତ୍ୱେ ସେମାନେ ଧର୍ମଘଟରୁ ଓହରି ଯାଇ ନାହାନ୍ତି । କେବଳ ଭୁବନେଶ୍ୱର ବା କଟକରେ ନୁହେଁ, ଅନ୍ୟାନ୍ୟ ସହର ଓ ଗ୍ରାମାଞ୍ଚଳର ରୋଗୀମାନେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଓମସାର ସଭାପତି କିଶୋର ଚନ୍ଦ୍ର ମିଶ୍ର ସମସ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧର୍ମଘଟ ଜାରି ରଖିବେ ବୋଲି କହୁଛନ୍ତି । ମାତ୍ର ଅନ୍ୟ ସ୍ଥାନକୁ ବଦଳି କରାଗଲେ ବଦଳି ବାତିଲ କରିବାକୁ ଡାକ୍ତରମାନେ ଯେପରି ବ୍ୟାକୁଳତା ପ୍ରକାଶ କରିଥା'ନ୍ତି, ତାହା ଭାବିଲେ ଦୁଃଖ ଲାଗେ । ଅନେକ ଡାକ୍ତର ରୋଗୀମାନଙ୍କୁ ଦେଖିବାକୁ ଘରୋଇ କ୍ଲିନିକରେ ଯେପରି ଅଧିକ ଆଗ୍ରହ ପ୍ରକାଶ କରିଥା'ନ୍ତି, ତାହା ଦେଖିଲେ ଅବାକ୍ ହେବାକୁ ପଡ଼େ । ଦୀର୍ଘ ଦିନ ଧରି ଛୁଟିରେ ରହି ଡାକ୍ତରମାନେ ଘରୋଇ ଚିକିତ୍ସା କରନ୍ତି ଓ ସ୍ୱାସ୍ଥ୍ୟ ବିଭାଗର କିରାଣୀ ପ୍ରଭୃତି ସେମାନେ ଛୁଟିରେ ଥାଇ ମଧ୍ୟ କିପରି ଦରମା ପାଇ ପାରିବେ, କୁଆଡ଼େ ହାତଗୁଞ୍ଜା ନେଇ ସେ କାଗଜପତ୍ର ଠିକ୍ କରି ଦିଅନ୍ତି । ବାଲିଆପାଳରେ ସ୍ୱାସ୍ଥ୍ୟ ବିଭାଗର ଜଣେ କିରାଣୀଙ୍କ ଠାରୁ ସେହି ବିଭାଗର ଡାକ୍ତର ଓ କର୍ମଚାରୀ ଉତ୍କୋଚ ପାଇବାକୁ ତାଙ୍କର ପେନସନକୁ କୁଆଡ଼େ ବନ୍ଦ ରଖିଛନ୍ତି । ମନ୍ତ୍ରୀଙ୍କ କଥାକୁ ମଧ୍ୟ ସେ କ୍ଷେତ୍ରରେ ଗୁରୁତ୍ୱ ଦିଆ ଯାଉ ନାହିଁ । ତେଣୁ ଧର୍ମଘଟକାରୀ ଡାକ୍ତରଙ୍କ ଦରମା ବନ୍ଦ ପାଇଁ ରାଜ୍ୟ ସରକାର ଯେପରି କଠୋର ପଦକ୍ଷେପ ନେଇଛନ୍ତି, ତାହାକୁ ରାଜ୍ୟର ଜନସାଧାରଣ ସ୍ୱାଗତ କରିଥିବା ପରିଲକ୍ଷିତ ହୋଇଛି । କାରଣ ଡାକ୍ତରମାନଙ୍କ ସବୁ କାମ ନର୍ସ ବା କମ୍ପାଉଣ୍ଡର ଯେ ଚଳାଇ ପାରିବେ, ସେ କଥା ଠିକ୍ ନୁହେଁ । ମନେ ହେଉଛି ଦ୍ୱିତୀୟ ଈଶ୍ୱରମାନେ ଲୋକଙ୍କର ଦୁର୍ଦ୍ଦଶାକୁ ଉପଲବ୍ଧି କରି ଆନ୍ଦୋଳନରୁ ଓହରି ଯିବେ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଆଜିର ଅନୁଚିନ୍ତା :

# କୃତ୍ରିମ ବୁଦ୍ଧିମତ୍ତା: ବୁଦ୍ଧି ନା ତଥ୍ୟର ପ୍ରତିବିମ୍ବ ?



ରତ୍ନାକର ରାଉତ

କୃତ୍ରିମ ବୁଦ୍ଧିମତ୍ତା (Artificial Intelligence ) ପାଖରେ ବୁଦ୍ଧିମତ୍ତା ଥାଏ କି? କୃତ୍ରିମ ବୁଦ୍ଧିମତ୍ତା ବା Artificial Intelligence – ନାମଟି ନିଜେ ଏକ ପ୍ରତାରଣା । 'ବୁଦ୍ଧିମତ୍ତା' ଶବ୍ଦ ଶୁଣିଲେ ଆମେ ଚେତନା, ବିବେକ, ଅନୁଭବ, ଅନ୍ତର୍ଦୃଷ୍ଟିକୁ ବୁଝୁଛୁ । ମାତ୍ର ଆଜିର ଏ. ଆଇ. ପାଖରେ ସେଥିରୁ କିଛି ନାହିଁ । ତା' ପାଖରେ ଅଛି କେବଳ ଗଣନା, ପ୍ୟାଟର୍ନ ଓ ସମ୍ଭାବ୍ୟତା । ତାହା ବୁଦ୍ଧି ନୁହେଁ, ତାହା ତଥ୍ୟର ଚକ୍ରବ୍ୟୁହ ମଧ୍ୟରେ ଅତି ଦକ୍ଷତାର ସହ ବୁଲିବାର କୌଶଳ ।

ଏ. ଆଇ.ଏକ ଦର୍ପଣ ସଦୃଶ । ଦର୍ପଣର ନିଜର କୌଣସି ଚେହେରା ନ ଥାଏ । ତା' ସାମ୍ନାରେ ଯାହା ରଖାଯାଏ, ସେ ସେଇଆ ଦେଖାଏ । ଇଣ୍ଟରନେଟ ନାମକ ବିଶାଳ ଅଳିଆ ଗଦା ଆଗରେ ଯଦି ଏ.ଆଇ.କୁ ଛିଡା କରିଦେବା, ତେବେ ସେ ଅଳିଆର ହିଁ ପ୍ରତିବିମ୍ବ ଦେବ । ସେଥିପାଇଁ ପ୍ରଶ୍ନ ଉଠେ–ଏ.ଆଇ. ପାଖରେ ବୁଦ୍ଧିମତ୍ତା ଅଛି କି, ନା କେବଳ ତଥ୍ୟର ତୋତାଭାଷା ?

ଏ. ଆଇ. ପାଇଁ ଡାଟା ହିଁ ଖାଦ୍ୟ, ଡାଟା ହିଁ ବିଷ । ଏ. ଆଇ. କୌଣସି ଦିବ୍ୟଦୃଷ୍ଟି ନୁହେଁ । ଏହା ଏକ ଯନ୍ତ୍ର, ଯାହା ତିନୋଟି କାମ କରେ: ଡାଟା ଖାଏ, ଡାଟା ଚୋବାଏ, ଡାଟା ଓଗାଳେ ।

ଜାଣିବାକୁ ପଡ଼ିବ, ଏହା କିପରି କାମ କରେ ? ଆପଣ ଯେତେବେଳେ ପଚାରନ୍ତି ଗାନ୍ଧି କିଏ ?, ଏ.ଆଇ. ସଙ୍ଗେ ସଙ୍ଗେ ତା'ର ଟ୍ରେନିଂ ଡାଟା, ଇଣ୍ଟରନେଟରେ ଥିବା କୋଟି କୋଟି ୱେବପେଜ୍, ବହି, ଖବର, ଉଇକିପିଡିଆ, ବ୍ଲଗ୍ ସବୁକୁ ଛାଣି ପକାଏ । ସେଥିରୁ ଗାନ୍ଧି, ସତ୍ୟ, ଅହିଂସା, ଭାରତ, ସ୍ୱାଧୀନତା ଶବ୍ଦ ପାଖାପାଖି କେତେ ଥର ଆସିଛି, କେଉଁ କ୍ରମରେ ଆସିଛି, ତା'ର ଗାଣିତିକ ସମ୍ଭାବ୍ୟ ହିସାବ କରେ । ତା'ପରେ ସବୁଠୁ ଅଧିକ ସମ୍ଭାବନା ଥିବା ଶବ୍ଦମାନଙ୍କୁ ଯୋଡି ଆପଣଙ୍କୁ ଗୋଟିଏ ଉତ୍ତର ଦେଇଦିଏ ।

ଏଠି ବୁଝିବା ନାହିଁ, ଗଣିବା ଅଛି । ଏ.ଆଇ. ଜାଣେ ନାହିଁ ଗାନ୍ଧିଙ୍କ ଦୁଃଖ କ'ଣ, ତ୍ୟାଗ କ'ଣ । ସେ ଜାଣେ କେବଳ ଗାନ୍ଧି ଶବ୍ଦ ପରେ ଅହିଂସା ଶବ୍ଦ ଆସିବାର ସମ୍ଭାବନା ଶତକଡ଼ା କେତେ ଭାଗ ।

ଅତଏବ, ଏଥିନିମନ୍ତେ ସମସ୍ୟା କେଉଁଠି ଅଛି ଜାଣିବାକୁ ହେବ । ସମସ୍ୟା ହେଉଛି ଉତ୍ସ । ଅଳିଆ ପଶୁଛି, ଅଳିଆ ବାହାରୁଛି । (GIGO - Garbage In, Garbage Out) । ଯଦି ଇଣ୍ଟରନେଟରେ ଗାନ୍ଧିଙ୍କ ବିଷୟରେ ସତୁରି ଶତକଡ଼ା ତଥ୍ୟ ଭୁଲ, ଅର୍ଦ୍ଧସତ୍ୟ କିମ୍ବା ଉଦ୍ଦେଶ୍ୟମୂଳକ ପ୍ରଚାର, ତେବେ ଏ. ଆଇ. ଆପଣଙ୍କୁ ସତୁରି ଶତକଡ଼ା ସମ୍ଭାବନା ସହ ଭୁଲ ଉତ୍ତର ହିଁ ଦେବ । କାରଣ ତା' ପାଇଁ ସତ-ମିଛର ଫରକ ନାହିଁ, ତା' ପାଇଁ କେବଳ ଅଧିକ ଥର ଦେଖାଯାଇଥିବା ଓ କମ୍ ଥର ଦେଖା ଯାଇଥିବାର ଫରକ ଅଛି ।

ଆଜି ଇଣ୍ଟରନେଟ ଏକ ମହାସାଗର । ଏଥିରେ ମୋତି ଅଛି, କିନ୍ତୁ ଅଳିଆ ଅଧିକ । ପ୍ରତି ସେକେଣ୍ଡରେ ଲକ୍ଷ ଲକ୍ଷ ପୋଷ୍ଟ, ଟୁଇଟ୍, ଭିଡିଓ, ମିମ୍ ଅପଲୋଡ୍ ହେଉଛି । ତା' ଭିତରେ ଷଡଯନ୍ତ୍ର ତତ୍ତ୍ୱ , ଫେକ୍ ନ୍ୟୁଜ୍, ଫଟୋଶପ୍ ଇତିହାସ, ପେଡ୍ ରିଭ୍ୟୁ, ବଟ୍ ଦ୍ୱାରା ଲେଖା ଯାଇଥିବା ଆର୍ଟିକିଲ୍ ଭର୍ତ୍ତି । ଏହି ଡିଜିଟାଲ ଆବର୍ଜନାକୁ ଯେତେବେଳେ ଏ.ଆଇ. ଖାଦ୍ୟ ଭାବେ ଖାଏ, ସେତେବେଳେ ସେ ବିଷ ହିଁ ଓଗାଳିବ । ଏ.ଆଇ.ର ଦୁର୍ବଳତା ସଂପର୍କରେ ଆଲୋଚନା କରା ଯାଇପାରେ । ଯାହା ଦେଖାଯାଉଛି, ତାର ତିନୋଟି ଜନ୍ମଗତ ଦୋଷ, ଦୁର୍ବଳତା ରହିଛି ।

**୧) ସୃଷ୍ଟିର ଅକ୍ଷମତା :** ଏ.ଆଇ. ନୂଆ ଜ୍ଞାନ ସୃଷ୍ଟି କରିପାରେ ନାହିଁ । ନ୍ୟୁଟନ୍ ଯେପରି ଗଛରୁ ସେଓ ଖସୁଥିବା ଦେଖି ମାଧ୍ୟାକର୍ଷଣ ଆବିଷ୍କାର କଲେ, ଏ.ଆଇ. ସେପରି କରିପାରିବ ନାହିଁ । କାରଣ ଏ.ଆଇ. ଦେଖିବାକୁ ଗଛ ତଳକୁ ଯାଏ ନାହିଁ । ତାର ନିଜସ୍ୱ ଅନୁଭବ କିଛି ନାହିଁ । ସେ କେବଳ ସେଓ ଖସିବା ବିଷୟରେ ଲେଖାଯାଇଥିବା ଦଶ ଲକ୍ଷ ଆର୍ଟିକିଲ୍ ପଢେ । ତା'ର ସବୁ ଜ୍ଞାନ ଦ୍ୱିତୀୟ ହାତର ଜ୍ଞାନ ।

**୨) ପ୍ରସଙ୍ଗର ଅନ୍ଧତା :** ଯଦି ଆପଣ ପଚାରନ୍ତି ଆପଲ୍ ଭଲ କି ? ଏ.ଆଇ. ଜାଣିପାରିବ ନାହିଁ ଆପଣ ଫଳ କଥା କହୁଛନ୍ତି ନା ଫୋନ୍ କମ୍ପାନୀ କଥା । ସେ ଉଭୟ ବିଷୟରେ ଡାଟା ମିଶାଇ ଗୋଟିଏ ଖିଚୁଡି ଉତ୍ତର ଦେଇପାରେ । ମଣିଷ ପରି ପରିସ୍ଥିତି, ମୁହଁର ଭାବ, ସ୍ୱରର ଉତ୍ଥାନ-ପତନକୁ ବୁଝିବାର ଶକ୍ତି ତା'ର ନାହିଁ ।

**୩) ଆତ୍ମବିଶ୍ୱାସୀ ମିଛ :** ଏହା ସବୁଠୁ ଭୟଙ୍କର। ଏ.ଆଇ. ଯେତେବେଳେ ଜାଣିନଥାଏ, ମୁଁ ଜାଣିନାହିଁ କହେ ନାହିଁ । ବରଂ ଅତି ବିଶ୍ୱାସର ସହ ଏକ ମନଗଢା ଉତ୍ତର, ଯାହାକୁ Hallucination କୁହାଯାଏ, ତିଆରି କରିଦିଏ । ୨୦୨୩ରେ ଜଣେ ଓକିଲ ChatGPT ଦ୍ୱାରା ଦିଆଯାଇଥିବା ୬ଟି ନକଲି କେସ୍ ରେଫରେନ୍ସ କୋର୍ଟରେ ଦାଖଲ କରି ଦଣ୍ଡିତ ହୋଇଥିଲେ । ଏହାକୁ କୁହନ୍ତି ସାଂଘାତିକ ଭୁଲ ।

ଅତଏବ, ଏସବୁରୁ ବର୍ତ୍ତିବାର ଉପାୟ କ'ଣ ? ଗାନ୍ଧୀଙ୍କ ତିନି ମାଙ୍କଡ଼ ଆମକୁ ଶିଖାଇଲେ–'ଖରାପ ଦେଖ ନାହିଁ, ଖରାପ ଶୁଣ ନାହିଁ କି ଖରାପ କୁହ ନାହିଁ ।' କିନ୍ତୁ ଏ.ଆଇ. ଯୁଗରେ ଆମକୁ ନୂଆ ମନ୍ତ୍ର ଦରକାର:

**ପ୍ରଥମ ମନ୍ତ୍ର: ସନ୍ଦେହ କର–** ଏ.ଆଇ. ଯାହା କହିବ ତାକୁ ବେଦବାକ୍ୟ ଭାବ ନାହିଁ । ତାକୁ ଜଣେ ଅତି ପଢୁଆ, କିନ୍ତୁ ବେଳେ ବେଳେ ମିଛୁଆ, ଇଣ୍ଟର୍ନ ଭାବରେ ଦେଖ । ତା'ର ପ୍ରତିଟି ତଥ୍ୟ ଉପରେ ପ୍ରଶ୍ନ କର, ଉତ୍ସ କ'ଣ ? କେବେକାର ତଥ୍ୟ ? କିଏ କହିଛି ?

**ଦ୍ୱିତୀୟ ମନ୍ତ୍ର: ଯାଞ୍ଚ କର–** ପରୀକ୍ଷା ନିରୀକ୍ଷା (Cross-Verification) କରିବା । ଗୋଟିଏ ଏ.ଆଇ.ରୁ ଉତ୍ତର ପାଇଲେ, ତାକୁ ଦୁଇଟି ସ୍ୱାଧୀନ ଉତ୍ସ ସହ ମିଳାଅ । ବିଶେଷକରି ସ୍ୱାସ୍ଥ୍ୟ, ଆଇନ, ଅର୍ଥ, ଇତିହାସ ଭଳି ସମ୍ବେଦନଶୀଳ ବିଷୟରେ । ସରକାରୀ ୱେବସାଇଟ୍, ପିଅର୍-ରିଭ୍ୟୁଡ୍ ଜର୍ନାଲ, ମୂଳ ବହି – ଏଗୁଡିକ ଆଜି ବି ଏ.ଆଇ.ଠାରୁ ଅଧିକ ବିଶ୍ୱାସଯୋଗ୍ୟ ।

**ତୃତୀୟ ମନ୍ତ୍ର: ନିଜର ବୁଦ୍ଧି ଓ ବିବେକ ବ୍ୟବହାର କର–** ଏ.ଆଇ. ତୁମକୁ ଦଶଟି ତର୍କ ଦେଇପାରେ, କିନ୍ତୁ କେଉଁ ତର୍କ ନୈତିକ, କେଉଁଟା ମାନବୀୟ, ସେ ନିଷ୍ପତ୍ତି ତୁମର । ଏ.ଆଇ. ଡାଟା ଦେବ, ନିଷ୍ପତ୍ତି ନେବ ନାହିଁ । ଷ୍ଟିୟରିଂ ସବୁବେଳେ ମଣିଷ ହାତରେ ରହିବା ଉଚିତ ।

ଏ. ଆଇ. ମାଲିକ ନୁହେଁ । ମାଲିକ କିଏ ଜାଣିବାକୁ ହେବ । ଏ. ଆଇ.ଏକ ଅତି ଶକ୍ତିଶାଳୀ କୋଦାଳ । କୋଦାଳରେ କୂଅ ଖୋଳି ଗାଁକୁ ପାଣି ଦେଇ ହେବ, ପୁଣି ସେଇ କୋଦାଳରେ ମଣିଷ ମୁଣ୍ଡ ବି ଫଟାଇ ହେବ । ଦୋଷ କୋଦାଳର ନୁହେଁ, ତାକୁ ଧରିଥିବା ହାତର ।

କୃତ୍ରିମ ବୁଦ୍ଧିମତ୍ତା ପାଖରେ ବୁଦ୍ଧି ନାହିଁ, କିନ୍ତୁ ତା' ପାଖରେ ଆମ ସାମୂହିକ ଜ୍ଞାନ, ଅଜ୍ଞାନ, ପକ୍ଷପାତ, ଘୃଣା, ପ୍ରେମ – ସବୁକିଛିର ଡିଜିଟାଲ ପ୍ରତିବିମ୍ବ ଅଛି । ତେଣୁ ଏ.ଆଇ.କୁ ଗାଳି ଦେଇ ଲାଭ ନାହିଁ । ଆମକୁ ନିଜ ଇଣ୍ଟରନେଟକୁ, ନିଜ ଡାଟାକୁ, ନିଜ ସମାଜକୁ ସଫା କରିବାକୁ ପଡିବ ।

ଶେଷରେ ଏତିକି କୁହାଯାଇ ପାରେ, ଏ.ଆଇ. ଉପରେ ଆଖି ବୁଜି ନିର୍ଭର କରିବା ଅର୍ଥ ନିଜକୁ ସ୍ୱେଚ୍ଛାରେ ସେହି ଯନ୍ତ୍ର ପାଖରେ ସମର୍ପଣ କରିଦେବା, ଯାହାର ଅନୁଭବ, ବିଚାରବୋଧ, ନିଜସ୍ୱ ବୁଦ୍ଧି, ବିବେକ, ଚିନ୍ତା, ଚେତନା କିଛି ନାହିଁ ।

ତେଣୁ, ସତର୍କତାର ସହ ଧ୍ୟାନରେ ରଖିବାକୁ ହେବ, ଏ.ଆଇ. ହେଉଛି ସହାୟକ, ସର୍ବେସର୍ବା ନୁହେଁ । ତାକୁ ଚାକର କରି ରଖ, ମାଲିକ ହେବାକୁ ଦିଅ ନାହିଁ । କାରଣ ଯେଉଁଦିନ ଚାକର ମାଲିକ ହୋଇଯିବ, ସେଦିନ ମଣିଷ ପୁଣି ଥରେ ଗୁମ୍ଫା ଯୁଗକୁ ଫେରିଯିବ–କେବଳ ଏଥର ଗୁମ୍ଫାଟି ହେବ ଡିଜିଟାଲ୍ ।

**ସତର୍କତାର ସହ ଧ୍ୟାନରେ ରଖିବାକୁ ହେବ, ଏ.ଆଇ. ହେଉଛି ସହାୟକ, ସର୍ବେସର୍ବା ନୁହେଁ । ତାକୁ ଚାକର କରି ରଖ, ମାଲିକ ହେବାକୁ ଦିଅ ନାହିଁ । କାରଣ ଯେଉଁଦିନ ଚାକର ମାଲିକ ହୋଇଯିବ, ସେଦିନ ମଣିଷ ପୁଣି ଥରେ ଗୁମ୍ଫା ଯୁଗକୁ ଫେରିଯିବ–କେବଳ ଏଥର ଗୁମ୍ଫାଟି ହେବ ଡିଜିଟାଲ୍ ।**

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
**ପ୍ଲଟ ନମ୍ବର –୭୬୭(ପାର୍ଟ)ଜୟଦୁର୍ଗା ନଗର,ଭୁବନେଶ୍ୱର,ପିନ୍–୭୫୧୦୦୬,**
**ମୋ– ୯୪୩୭୩୮୨୨୮୧**

# ଜନ୍ମଦିନର ସାର୍ଥକତା



ଦିଲୀପ ରାଜ ବେହେରା

ଜନ୍ମ ଏକ ଆକସ୍ମିକ ଘଟଣା ନୁହେଁ । ଜନ୍ମ ସୃଷ୍ଟିର ଏକ ଅଦ୍ଭୁତ ଓ ରହସ୍ୟମୟ ପ୍ରକ୍ରିୟା । ଜନ୍ମଦିନର ଉତ୍ସବର ଆନନ୍ଦ ନୂତନ ଜୀବନ ପ୍ରତି ସମ୍ମାନ, କୃତଜ୍ଞତା ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ କାମନାର ଅଭିବ୍ୟକ୍ତି । ପ୍ରତ୍ୟେକ ଜନ୍ମଦିନରେ ନିଜ ଗ୍ରହ ନକ୍ଷତ୍ରର ସ୍ଥିତି ସର୍ବୋଚ୍ଚ ସ୍ଥାନରେ ଥାଏ । ଜନ୍ମ ଦିନ ନୂତନ ପ୍ରଭାତର ଆଗମନ ସୂଚାଏ ।

ଜନ୍ମଦିନ ନୂତନ ଆଶା ଓ ଉଦ୍ଦୀପନାର ଦିନ । ଜନ୍ମଦିନର ଉତ୍ସବ ଏକ ନୂତନ ଉତ୍ସାହ ଉଦ୍ଦୀପନା ଏବଂ ପ୍ରେରଣା ଭରିଥାଏ । ଏହି ଦିନ ଈଶ୍ୱରଙ୍କ କୃପା ଆଶୀର୍ବାଦର ଦିନ । ଏହା ଜୀବନରେ ଅନେକ ସମ୍ଭାବନାକୁ ଉଜ୍ଜ୍ୱଳ କରେ । ଜନ୍ମଦିନ ଆତ୍ମିକ ଚେତନା ଶକ୍ତି, ନୂଆ ଶରୀର, ନୂଆ ମନ, ନୂଆ ଚିନ୍ତା ଏବଂ ପ୍ରେରଣା ପାଇଁ ପୁନଃ ପ୍ରସ୍ତୁତି କରିଥାଏ ।

ଜନ୍ମଦିନର ତିଥି, ସମୟ ଏବଂ ଦିନ ବିଶେଷ ଗୁରୁତ୍ୱ ବହନ କରେ । ଜନ୍ମଦିନ ନିଜ ପାଇଁ ଏବଂ ନିଜ ପରିବାର ପାଇଁ ନୂଆ ସମ୍ଭାର ଆଣି ଆସିଥାଏ । ଜନ୍ମଦିନର ଶୁଭେଚ୍ଛା ସୂକ୍ଷ୍ମ ଚେତନା ରୂପରେ ଜୀବନରେ ଉତ୍ସାହ ଓ ଭରସା ଭରିଦିଏ । ମଙ୍ଗଳ କାମନା, ଏକ ଭାବନାତ୍ମକ ଆଭା ରୂପରେ ବିଶେଷ ଆତ୍ମିକ ଶକ୍ତିର ତରଙ୍ଗ ପ୍ରଦାନ କରିଥାଏ ।

ବରିଷ୍ଠଙ୍କ ଆଶୀର୍ବାଦ ସୁରକ୍ଷା କବଚ ଭଳି କାମ କରେ । ଏହା ଜୀବନରେ ସାତ୍ତ୍ୱିକ ପ୍ରାଣ ଉର୍ଜା ଭରି ଦେଇ ଜୀବନକୁ ସହଜ ଓ ସୁନ୍ଦର କରିଦିଏ । ଜୀବନର ପୂର୍ଣ୍ଣତା ପ୍ରାପ୍ତି ପର୍ଯ୍ୟନ୍ତ ପ୍ରତ୍ୟେକ ଆତ୍ମାକୁ ବାରମ୍ବାର ଜନ୍ମ ମୃତ୍ୟୁର ଚକ୍ର ଦେଇ ଗତି କରିବାକୁ ହୁଏ । ଗୋଟିଏ ଜନ୍ମର ଅସମ୍ପୂର୍ଣ୍ଣ କାର୍ଯ୍ୟ, ଅଧୁରା ସଙ୍କଳ୍ପଗୁଡିକୁ ଆଗାମୀ ଦିନରେ ସମ୍ପୂର୍ଣ୍ଣ କରିବାକୁ ହୁଏ । ନୂତନ ଅନୁଭବ ଏବଂ ବିକାଶ ପାଇଁ ପୁଣି ଜନ୍ମ ନେବାକୁ ହୁଏ ।

ପ୍ରତ୍ୟେକ ବ୍ୟକ୍ତି ନିଜ ସହିତ କିଛି ବିଶେଷ ଗୁଣ, ପ୍ରବୃତ୍ତି ଏବଂ ସମ୍ଭାବନା ନେଇ ଆସନ୍ତି । କେହି ସଙ୍ଗୀତରେ ପାରଦର୍ଶୀ, କେହି ଜ୍ଞାନରେ, କେହି ସେବାରେ ଏବଂ କେହି ନେତୃତ୍ୱରେ ନିଜ ପରାକାଷ୍ଠା ପ୍ରତିପାଦନ କରନ୍ତି । ଏହି ବିବିଧତା ସୃଷ୍ଟିର ସୌନ୍ଦର୍ଯ୍ୟକୁ ବୃଦ୍ଧିମନ୍ତ କରିଥାଏ । ସେହି ବିଶେଷତାକୁ ସମ୍ମାନ କରିବା ଜନ୍ମଦିନରେ ।

ଜନ୍ମଦିନ ଜୀବନର ଉଦ୍ଦେଶ୍ୟକୁ ଜାଣିବା ଓ ସାର୍ଥକ କରିବା ପାଇଁ ଉଦ୍ଦିଷ୍ଟ । ଜନ୍ମଦିନ ଏକ ଅମୂଲ୍ୟ ସୁଯୋଗ ଆତ୍ମିକ ବିକାଶ ପାଇଁ । ଏହା ଆମକୁ ଶିଖିବା, ଭଲ ପାଇବା, ସେବା କରିବା ଏବଂ ବିକାଶ ପାଇଁ ଅଗ୍ରସର ହେବାର ନୂତନ ଅବସର ପ୍ରଦାନ କରେ । ଜନ୍ମ, ଜୀବନ ଯାତ୍ରାର ଆରମ୍ଭ ମାତ୍ର । ଜୀବନର ସାର୍ଥକତା ଏହାର ଉଦ୍ଦେଶ୍ୟ ପୂରଣରେ ନିହିତ ।

ଜନ୍ମଦିନରେ ଜୀବନର ନୂଆ ଯାତ୍ରାକୁ ସ୍ୱାଗତ କରିବା, ସ୍ୱୀକୃତି ଦେବା ଏବଂ ସମ୍ମାନ କରି ଆଦର ପୂର୍ବକ ଗ୍ରହଣ କରିବା ଆନନ୍ଦମୟ ଉତ୍ସବ । ଶୁଭେଚ୍ଛା ଓ ନିର୍ମଳ ହୃଦୟର ସଦ୍ଭାବନା । ଏହା ସ୍ନେହ ଓ ଆତ୍ମୀୟତାର ସୁନ୍ଦର ଅଭିବ୍ୟକ୍ତି । ଶୁଭେଚ୍ଛା ହୃଦୟରୁ ହୃଦୟକୁ ଯୋଡ଼ିବାର ଏକ ସେତୁବନ୍ଧ । ଶୁଭେଚ୍ଛା ଦ୍ୱାରା ଆମେ ଅନ୍ୟମାନଙ୍କ ସୁଖ, ସମୃଦ୍ଧି, ସଫଳତା ଓ ମଙ୍ଗଳ କାମନା କରିଥାଉ ।

ଜନ୍ମଦିନ, ବିବାହ, ପର୍ବ ପର୍ବାଣୀ, ନୂତନ ବର୍ଷ କିମ୍ବା କୌଣସି ସଫଳତାର ମୁହୂର୍ତ୍ତରେ ଦିଆ ଯାଇଥିବା ଶୁଭେଚ୍ଛା ମନକୁ ଆନନ୍ଦିତ କରେ । ଶୁଭେଚ୍ଛା ବ୍ୟକ୍ତିର ମନରେ ନୂତନ ଉତ୍ସାହ, ଆଶା ଉଦ୍ଦୀପନା ଓ ଆତ୍ମବିଶ୍ୱାସ ସଞ୍ଚାର କରିଥାଏ । ସୁଖଦ ଓ ଆନନ୍ଦର ଅପୂର୍ବ ଅନୁଭବ ହୁଏ । ଶୁଭେଚ୍ଛା ସମ୍ପର୍କକୁ ମଧୁର ଏବଂ ଦୃଢ଼ କରିଥାଏ । ଏହା ପରସ୍ପର ମଧ୍ୟରେ ସମ୍ମାନ, ବିଶ୍ୱାସ ଓ ସଦ୍ଭାବନା ବୃଦ୍ଧି କରିଥାଏ ।

ଶୁଭେଚ୍ଛା ଏକ ସକାରାତ୍ମକ ଚିନ୍ତାଧାରା, ସହଯୋଗର ପ୍ରବୃତ୍ତି, ସୌହାର୍ଦ୍ଦ୍ୟର ଅଭିବ୍ୟକ୍ତି । ଏହା ଖୁସି ଓ ସଫଳତାର ସଂଭ୍ରମ ପରିବେଶ ସୃଷ୍ଟି କରିଥାଏ । ଶୁଭେଚ୍ଛା ଶୁଦ୍ଧ ଓ ନିଃସ୍ୱାର୍ଥ ହୋଇଥାଏ । ଏହା ଅନ୍ୟର କଲ୍ୟାଣ ପାଇଁ ହୃଦୟର ନିର୍ମଳ ପ୍ରାର୍ଥନା । ଶୁଭେଚ୍ଛା ଦେବା ଓ ଗ୍ରହଣ କରିବା ଉଭୟ ସମାଜରେ ସୁନ୍ଦର ମାନବୀୟ ଗୁଣ ।

ଶୁଭେଚ୍ଛା ସମାଜରେ ପ୍ରେମ, ଏକତା ଓ ସମ୍ପର୍କକୁ ଦୃଢ଼ କରେ । ସଦ୍ଭାବନା ଓ ମଙ୍ଗଳ କାମନାର ଭାବ ଜୀବନକୁ ଅଧିକ ସୁନ୍ଦର ଓ ଆନନ୍ଦମୟ କରିଥାଏ । ଶୁଭେଚ୍ଛାର ଗୋଟିଏ ଛୋଟ ବାର୍ତ୍ତା ମଧ୍ୟ କାହାର ଜୀବନରେ ବଡ଼ ଖୁସିର କାରଣ ହୋଇପାରେ । ବୟସ୍କମାନଙ୍କ ହୃଦୟରୁ ନିଃସୃତ ସ୍ନେହ ଏବଂ ସଦ୍ଭାବନାର କାମନା ଆଶୀର୍ବାଦ ହୁଏ ।

ଜନ୍ମଦିନର ଶୁଭେଚ୍ଛା ଜୀବନକୁ ଦିଗଦର୍ଶନ, ପ୍ରେରଣା ଓ ଆତ୍ମବିଶ୍ୱାସ ପ୍ରଦାନ କରେ । ମାତା ପିତା, ଗୁରୁଜନ, ବୟୋଜ୍ୟେଷ୍ଠ ଏବଂ ସଜ୍ଜନ ବ୍ୟକ୍ତିଙ୍କ ଆଶୀର୍ବାଦ ମଣିଷର ଜୀବନ ଯାତ୍ରାକୁ ସୁଗମ କରିଥାଏ । ଆଶୀର୍ବାଦ ମନରେ ସାହସ ଏବଂ ଧୈର୍ଯ୍ୟ ସଞ୍ଚାର କରେ । ଏହା ଉତ୍ତମ ଚିନ୍ତାଧାରା ଓ ସତ୍‌କର୍ମ ପଥରେ ଅଗ୍ରସର ହେବାକୁ ପ୍ରେରିତ କରେ ।

ଭାରତୀୟ ସଂସ୍କୃତିରେ ଆଶୀର୍ବାଦର ବିଶେଷ ସ୍ଥାନ ରହିଛି । କୌଣସି ଶୁଭ କାର୍ଯ୍ୟ ଆରମ୍ଭ ପୂର୍ବରୁ ବଡ଼ମାନଙ୍କ ଆଶୀର୍ବାଦ ଗ୍ରହଣ କରିବା ଏକ ସୁନ୍ଦର ପରମ୍ପରା । ଏହା ଆମ ମନରେ ନମ୍ରତା, କୃତଜ୍ଞତା ଏବଂ ସଂସ୍କାରର ଭାବନାକୁ ଜାଗ୍ରତ କରେ ।

ଆଶୀର୍ବାଦ ସୁଖ, ସମୃଦ୍ଧି, ସ୍ୱାସ୍ଥ୍ୟ, ଜ୍ଞାନ ଓ ଆଧ୍ୟାତ୍ମିକ ଉନ୍ନତି ପାଇଁ କରାଯାଇଥିବା ହୃଦୟର ପ୍ରାର୍ଥନା । ଏହା ଜୀବନରେ ଆତ୍ମିକ ଶାନ୍ତି ପ୍ରଦାନ କରେ । ଆଶୀର୍ବାଦ ଅମୂଲ୍ୟ ସମ୍ପଦ । ଏହା ହୃଦୟକୁ ସମୃଦ୍ଧ କରେ । ଜୀବନକୁ ମଙ୍ଗଳମୟ କରିଥାଏ ।

**ଜନ୍ମଦିନ ଜୀବନର ଉଦ୍ଦେଶ୍ୟକୁ ଜାଣିବା ଓ ସାର୍ଥକ କରିବା ପାଇଁ ଉଦ୍ଦିଷ୍ଟ । ଜନ୍ମଦିନ ଏକ ଅମୂଲ୍ୟ ସୁଯୋଗ ଆତ୍ମିକ ବିକାଶ ପାଇଁ । ଏହା ଆମକୁ ଶିଖିବା, ଭଲ ପାଇବା, ସେବା କରିବା ଏବଂ ବିକାଶ ପାଇଁ ଅଗ୍ରସର ହେବାର ନୂତନ ଅବସର ପ୍ରଦାନ କରେ । ଜନ୍ମ, ଜୀବନ ଯାତ୍ରାର ଆରମ୍ଭ ମାତ୍ର । ଜୀବନର ସାର୍ଥକତା ଏହାର ଉଦ୍ଦେଶ୍ୟ ପୂରଣରେ ନିହିତ ।**

**ଖଣ୍ଡଗିରି ଏନ୍‌କ୍ଲେଭ, ଭୁବନେଶ୍ୱର**
**ମୋ–୭୭୩୫୩୪୮୬୬୦**

## ସମ୍ପାଦକଙ୍କୁ ପତ୍ର

# ରାମ ମନ୍ଦିର ଘଟଣା ହିନ୍ଦୁଙ୍କ ଭକ୍ତିଭାବକୁ ଦୋହଲାଇ ଦେଇଛି

ମହାଶୟ,

ଭାରତର କୋଣ ଅନୁକୋଣରେ ଥିବା ବିଭିନ୍ନ ଦେବାଦେବୀଙ୍କ ମନ୍ଦିରରୁ ଦାନଅର୍ଥ ଚୋରି ଘଟଣା ଦେଖିବାକୁ ମିଳୁଛି । ପୁରାଣ ପ୍ରସିଦ୍ଧ ଅଯୋଧ୍ୟାରେ ନବନିର୍ମିତ ହିନ୍ଦୁଙ୍କ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀରାମଙ୍କ ମନ୍ଦିରରୁ ସାତ କୋଟି ଦାନଅର୍ଥ ଚୋରି ଘଟଣା ଏକ ସାଧାରଣ ଘଟଣା ନୁହେଁ । ଅଯୋଧ୍ୟାର ରାମ ମନ୍ଦିର ସହିତ କୋଟି କୋଟି ହିନ୍ଦୁଙ୍କ ଭକ୍ତି ଓ ଭାବାବେଗ ଜଡ଼ିତ । ଏଇଥିପାଇଁ ତ ଦେଶ ବିଦେଶରୁ ଲୋକେ ଆସୁଛନ୍ତି ଅଯୋଧ୍ୟା ଶ୍ରୀରାମଙ୍କ ମନ୍ଦିରର ଅଦ୍ୱିତୀୟ କାରୁକାର୍ଯ୍ୟ ସହିତ ପ୍ରଭୁଙ୍କ ଦର୍ଶନ କରି ପୁଣ୍ୟ ଅର୍ଜନ ପାଇଁ । କଡା ସୁରକ୍ଷା ବ୍ୟବସ୍ଥା ଥିବା ରାମନ୍ଦିରରୁ ଚୋରି ଘଟଣା ପୁଣି ଦାନଅର୍ଥ ଗଣତି ମଣତି ଦାୟିତ୍ୱରେ ଥିବା ତଥାକଥିତ ଭକ୍ତଙ୍କ କଳା କାରନାମା ଯୋଗୁଁ । ରାମ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ଚମ୍ପତ ରାୟ ଏଥି ପାଇଁ ପଦରୁ ଇସ୍ତଫା ଦେଇଛନ୍ତି । ସମ୍ପୃକ୍ତ ଚୋର- ଭକ୍ତଙ୍କୁ ମଧ୍ୟ ଧରାଯାଇଛି । ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ତ ହେବ । ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ପ୍ରତି ଅମର୍ଯ୍ୟାଦା କରାଯାଇ ଥିବା ସାଧାରଣ ଘଟଣା ନୁହେଁ, ମହାପାପ । ରାମ ମନ୍ଦିରରେ ଥିବା ଏଭଳି ମହାପାପୀଙ୍କୁ ବାଛି ବାଛି ସରକାର ବିଦାୟ ଦେଇ ପ୍ରକୃତ ଭକ୍ତଙ୍କୁ ବିଭିନ୍ନ ଦାୟିତ୍ୱରେ ରଖନ୍ତୁ ।

ସିସିଟିଭି ବ୍ୟବସ୍ଥା ପ୍ରତିଦିନ ଯାଞ୍ଚ କରାଯାଉ ଓ ସ୍ୱତନ୍ତ୍ର ସୁରକ୍ଷା ଦାୟିତ୍ୱରେ ରଖାଯାଉ । କେବଳ ଶ୍ରୀରାମଙ୍କ ମନ୍ଦିର ନୁହେଁ ବିଭିନ୍ନ ଦେବାଦେବୀଙ୍କ ମନ୍ଦିରର ଅର୍ଥ, ଅଳଙ୍କାର ଓ ଭୂସମ୍ପତ୍ତି ମଧ୍ୟ ହଡପ କରିବା ଘଟଣା ଘଟୁଛି । ଆମ ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରର ଭୂସମ୍ପତ୍ତି ହଡ଼ପକାରୀ ପାପୀମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତିବିଧାନ କରି ଠାକୁରଙ୍କ ସମ୍ପତ୍ତି ଫେରାଇ ଆଣିବାକୁ ପଦକ୍ଷେପ ନିଆଯାଉ ।

**ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ, ଖରସ୍ରୋତା ମହାବିଦ୍ୟାଳୟ ,ସିଂହପୁର, ଯାଜପୁର**

**ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ-ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗ୍ଲୋବାଲ...

ସମୁଦାୟ ନିବେଶ ମୂଲ୍ୟ ପ୍ରାୟ ୬୭,୦୦୦ କୋଟି ଟଙ୍କା ଏବଂ ଏହା ଦ୍ୱାରା ୭,୬୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଏହି ପ୍ରକଳ୍ପ ଗୁଡିକ ହେଲା ଗୋପାଳପୁରରେ ୦.୪ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଆମୋନିଆ ପ୍ରକଳ୍ପ । ଏଥିରେ ୨୦,୦୦୦ କୋଟି ଟଙ୍କା ନିବେଶ ହେବ ଏବଂ ଏହାଦ୍ୱାରା ୩,୪୦୦ ନିଯୁକ୍ତି ସୃଷ୍ଟି ହେବ । ଏହା ସହିତ ଏହି ପ୍ରକଳ୍ପରେ ଅତିରିକ୍ତ ୧,୦୦୦ କୋଟି ଟଙ୍କା ନିବେଶରେ ଏକ ଜେଟି ବିହୀନ ଫ୍ଲୋଟିଂ ଟର୍ମିନାଲ୍ ଭିତ୍ତିଭୂମି ସୃଷ୍ଟି କରାଯିବ ।

ଏହା ସହିତ ପାରାଦୀପରେ ୩୪,୦୦୦ କୋଟି ଟଙ୍କା ବିନିଯୋଗରେ ୦.୮ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା କରାଯିବ । ଏହାଦ୍ୱାରା ୩,୬୦୦ ନିଯୁକ୍ତି ସୃଷ୍ଟି ହେବ । ତୃତୀୟ ପ୍ରକଳ୍ପଟି ହେଉଛି ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ପାରାଦୀପରେ ୦.୧ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ମିଥାନଲ୍ ପ୍ରକଳ୍ପ କରାଯିବ । ଏହା ଦ୍ୱାରା ୬୦୦ ନିଯୁକ୍ତି ସୃଷ୍ଟି ହେବ । ଏହି ଅବସରରେ ଦେଶର ଅନ୍ୟତମ ବୃହତ୍ତମ ଗ୍ରୀନ୍ ହାଇଡ୍ରୋଜେନ୍ ଇକୋସିଷ୍ଟମ ପ୍ରତିଷ୍ଠା ନେଇ ଓଡ଼ିଶାର ଦୂରଦୃଷ୍ଟି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଛନ୍ତି । ଗତକାଲି ମଧ୍ୟପ୍ରାଚ୍ୟର ନିବେଶକଙ୍କ ସହ ୧୧ ବିଲିୟନ ଡଲାରର ଚୁକ୍ତି ପରେ ଆଜି ଦୂର ପ୍ରାଚ୍ୟ ବନ୍ଧୁ ଜାପାନ ସହିତ ହୋଇଥିବା ଏହି ସହଭାଗିତା ରାଜ୍ୟର ଶିଳ୍ପ କ୍ଷେତ୍ରକୁ ଆହୁରି ଉଜ୍ଜ୍ୱଳ କରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୧୨ଟି ପ୍ରମୁଖ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ପ୍ରକଳ୍ପକୁ ମଞ୍ଜୁରୀ ଦେଇସାରିଛି । ଏହାଦ୍ୱାରା ରାଜ୍ୟକୁ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ଆସିବା ସହ ୩୬ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ପାରାଦୀପ, କେନ୍ଦ୍ରାପଡ଼ା ଓ ଗୋପାଳପୁରକୁ ନେଇ ଦୁଇଟି ସବୁଜ ଶିଳ୍ପ କରିଡର ବିକାଶ କରାଯାଉଛି, ଯାହା ଭାରତର 'ଇସ୍ପାତ ରାଜଧାନୀ' ଓଡ଼ିଶାକୁ ଗ୍ରୀନ୍ ଷ୍ଟିଲ୍ ଉତ୍ପାଦନରେ ବିଶ୍ୱସ୍ତରୀୟ ଅଗ୍ରଣୀ କରାଇବ ।

ଏହି କାର୍ଯ୍ୟକ୍ରମରେ ଏସିଏମ୍‌ଇ, ଆଇଏଚ୍‌ଆଇ ଓ ମିତ୍ସୁବିସି ଆଦି ଅନ୍ତର୍ଜାତୀୟ ସ୍ତରର କମ୍ପାନୀର ପ୍ରତିନିଧିମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଇଏଚ୍‌ଆଇ କର୍ପୋରେସନ୍‌କୁ ରାଜ୍ୟରେ ଏକ 'ଜାପାନୀ ଗ୍ରୀନ୍ ଇଞ୍ଜିନିୟରିଂ ଏବଂ ଇନୋଭେସନ୍ ସେଣ୍ଟର' ଏବଂ ମିତ୍ସୁବିସି କର୍ପୋରେସନ୍‌କୁ ଗ୍ରୀନ୍ କେମିକାଲ୍ସ ଓ ସ୍ଥାୟୀ ଇନ୍ଧନ କ୍ଷେତ୍ରରେ ନିବେଶ ପାଇଁ ବିଶେଷ ଆମନ୍ତ୍ରଣ ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ବର୍ଷ ଜାନୁଆରୀର 'ଉତ୍କର୍ଷ ଓଡ଼ିଶା' ପରଠାରୁ ରାଜ୍ୟରେ ଦ୍ୱିତୀୟ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି ଏବଂ ବିଗତ ଦେଢ଼ ବର୍ଷ ମଧ୍ୟରେ ଓଡ଼ିଶା ସରକାର ୧୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି । ରାଜ୍ୟର ୨୯ ଟି ଜିଲ୍ଲାରେ ଶିଳ୍ପାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହିତ ଆଗାମୀ କିଛି ଦିନ ମଧ୍ୟରେ ରାଜ୍ୟର ସବୁ ଜିଲ୍ଲାରେ ଉଦ୍ୟୋଗ ପ୍ରତିଷ୍ଠା କରାଯାଇ ସମାବେଶୀ ଶିଳ୍ପାୟନର ଲକ୍ଷ୍ୟକୁ ହାସଲ କରାଯିବ ।

ଏହି ଆଲୋଚନାରେ, ଆଇଏଚ୍‌ଆଇ କର୍ପୋରେସନ୍ର ପ୍ରେସିଡେଣ୍ଟ ଓ ସିଇଓ ହିରୋସି ଆଇଡିଇ ଓଡ଼ିଶାର ସବୁଜ ଶକ୍ତି ନୀତି ଏବଂ ପୁଞ୍ଜିନିବେଶ ପରିବେଶକୁ ଉଚ୍ଚ ପ୍ରଶଂସା କରି କହିଥିଲେ ଯେ ଓଡ଼ିଶାରେ ଶକ୍ତି କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ସହଯୋଗ ଓ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଶକ୍ତି ନୀତି ବେଶ୍ ପ୍ରଶଂସନୀୟ । ଜାପାନ ପାଇଁ ସବୁଜ ଶକ୍ତି (ଗ୍ରୀନ୍ ଏନର୍ଜି) କ୍ଷେତ୍ରରେ ବୃହତ ପୁଞ୍ଜିନିବେଶ କରିବା ନିମନ୍ତେ ଓଡ଼ିଶା ଏକ ସର୍ବୋତ୍ତମ ଏବଂ ସୁଦୃଢ଼ ମାଧ୍ୟମ ସାଜିଛି ବୋଲି ସେ କହିଥିଲେ । ମିତ୍ସୁବିସି ଗ୍ୟାସ୍ କେମିକାଲ୍ କମ୍ପାନୀର ପ୍ରତିନିଧି ଓଡ଼ିଶାର ଏକ ସବୁଜ ଓ ସୁଦୃଢ଼ ଭବିଷ୍ୟତ ଗଠନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ।

ଏସିଏମଇ ଗ୍ରୁପ୍‌ର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡିରେକ୍ଟର ମନୋଜ କୁମାର ଉପାଧ୍ୟାୟ ଓଡ଼ିଶାର ଶିଳ୍ପାନୁକୂଳ ପରିବେଶକୁ ପୁଞ୍ଜିନିବେଶର ଶ୍ରେଷ୍ଠ ଗନ୍ତବ୍ୟସ୍ଥଳ ବୋଲି କହିଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନ ସମୟରେ ସବୁଜ ଶକ୍ତି କ୍ଷେତ୍ରରେ ନିବେଶ ପାଇଁ ଓଡ଼ିଶା ସବୁଠାରୁ ଅନୁକୂଳ ଏବଂ ଆକର୍ଷଣୀୟ ସ୍ଥାନ ଭାବେ ଉଭା ହୋଇଛି । ଭୌଗୋଳିକ ଦୃଷ୍ଟିକୋଣରୁ ଓଡ଼ିଶା ଜାପାନର ଅଧିକ ନିକଟତର । ତେଣୁ ଓଡ଼ିଶାରେ ଉତ୍ପାଦିତ ସବୁଜ ଶକ୍ତିକୁ ଖୁବ୍ ସହଜରେ ଜାପାନକୁ ରପ୍ତାନି କରାଯାଇପାରିବ ଏବଂ ଆଗାମୀ ଦିନରେ ଓଡ଼ିଶା ସଫଳତାର ସହ ଜାପାନକୁ ଶକ୍ତି ରପ୍ତାନୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ।

ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ଜାପାନୀ ପ୍ରତିନିଧିମଣ୍ଡଳ ସମେତ ଟି.ଆର୍.ଏଲ୍. କ୍ରୋସାକି, ଟି.ୱାଇ.କେ. କର୍ପୋରେସନ୍, ଇଣ୍ଡୋ ନିସିନ୍, ଏ.ସି.ଏମ୍.ଇ. ଗ୍ରୁପ୍, ଆଇ.ଏଚ୍.ଆଇ. କର୍ପୋରେସନ୍ ଓ ମିତ୍ସୁବିଶିର ପ୍ରତିନିଧିବୃନ୍ଦ ଏବଂ ବିଶ୍ୱ ବ୍ୟାଙ୍କ, ଆନ୍ତର୍ଜାତୀୟ ଅର୍ଥ ନିଗମ ଓ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କର ପ୍ରତିନିଧିମାନେ ମଧ୍ୟ ଏହି ଆଲୋଚନାରେ ସାମିଲ ହୋଇଥିଲେ । ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଆବୋଲି ସୁନୀଲ ନରଭାଣେ ଆଲୋଚନା ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ରୋଗୀ...

ତୃତୀୟ ଦିନରେ ରାଜ୍ୟବ୍ୟାପି ଆନ୍ଦୋଳନ କରିଛନ୍ତି ଓଏମ୍‌ଏଚ୍‌ଏସ୍ କ୍ୟାଡରର ଡାକ୍ତର । ସିଡିଏମଓ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି ।

ଡାକ୍ତରଙ୍କ ସୁରକ୍ଷା, କ୍ୟାଡର ପୁନର୍ଗଠନ, ଲେବୁଲ ୧୫ ପେ' ସ୍କେଲ ଉଚ୍ଛେଦ, ସ୍ୱଚ୍ଛ ବଦଳି ନୀତି, କେବିକେ ଏଗଜିଟ୍ ପଲିସି, ବୀମା, ଦନ୍ତ ଡାକ୍ତରଙ୍କୁ ଇନ୍ସେଣ୍ଟିଭ୍ ସମେତ ୧୦ ଦଫା ଦାବି ତୁରନ୍ତ ପୂରଣ ଜିଦରେ ଅଡ଼ି ବସିଛନ୍ତି ଡାକ୍ତରମାନେ । ମୁଖ୍ୟମନ୍ତ୍ରୀ ଡାକିଲେ ଡାକ୍ତର ସଂଘ ଆଲୋଚନା କରିବ ବୋଲି କହିଛନ୍ତି । ଏସମା ବଳବତ୍ତର ଥିବା ସତ୍ତ୍ୱେ ଡାକ୍ତର ମାନୁନଥିବାରୁ ରୋଗୀଙ୍କୁ ସେବା ଯୋଗାଇବା ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହୋଇଛି । ସ୍ଥିତିର ମୁକାବିଲା ପାଇଁ ଆୟୁଷ ଡାକ୍ତର ଓ ଠିକା ଡାକ୍ତରଙ୍କୁ ନିୟୋଜିତ କରାଯାଇଛି । ଆନ୍ଦୋଳନ ଛାଡି କାର୍ଯ୍ୟରେ ଯୋଗଦେବା ପାଇଁ ଡାକ୍ତରଙ୍କୁ ବୁଝାଯାଉଛି । ତେବେ ସରକାରଙ୍କ ନିର୍ଦ୍ଦେଶ ନମାନିଲେ, ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବାଧ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ।

ଜାନୁଆରୀ ୬ତାରିଖରୁ ରାଜ୍ୟରେ ଏସମା ଲାଗୁ କରିଛନ୍ତି ସରକାର । ଏବେ ବି ଏହି କଟକଣା ବଳବତ୍ତର ରହିଛି । ତଥାପି ସରକାରଙ୍କୁ ଚ୍ୟାଲେଞ୍ଜ ଦେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ସରକାରୀ ଡାକ୍ତର । ଫଳରେ ଛଟପଟ ହେଉଛନ୍ତି ରୋଗୀ ।

## ଆଜି...

ଓମସା ଆନ୍ଦୋଳନ ପ୍ରତ୍ୟାହାର କରିବ କି ନାହିଁ, ନା ଆନ୍ଦୋଳନ ଆହୁରି ତୀବ୍ର ହେବ, ତାହା ବୈଠକର ଫଳାଫଳ ଉପରେ ନିର୍ଭର କରିବ । ରାଜ୍ୟର ସ୍ୱାସ୍ଥ୍ୟସେବା ସ୍ୱାଭାବିକ କରିବା ଦିଗରେ ଏହି ବୈଠକକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଦେଖାଯାଉଛି ।

## ୧୦ ଅଧିକାରୀଙ୍କୁ...

କରାଯାଇପାରିବ । ୫ ଜୁଲାଇ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ିପାରିବେ, ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରିପାରିବେ ।

ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ-ତଥା-ସ୍ୱତନ୍ତ୍ର ସଚିବ ସୁଶାନ୍ତ କୁମାର ମିଶ୍ରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ଆଇଏଏସ୍ ତଥା କମିଶନର ତଥା ସମବାୟ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲଙ୍କୁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲାର ପର୍ଯ୍ୟବେକ୍ଷକ, ଆଇଏଏସ୍ କମିଶନର ତଥା ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ, କମିଶନର ତଥା ପର୍ଯ୍ୟଟନ ବିଭାଗ ସଚିବବଳବନ୍ତ ସିଂହଙ୍କୁ କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, କମିଶନର ତଥା ଅନୁସୂଚିତ ଜନଜାତି ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ସଚିବ ବି. ପରମେଶ୍ୱରନଙ୍କୁ ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟଙ୍କୁ ଦେବଗଡ଼, ସମ୍ବଲପୁର, ବରଗଡ଼, ପ୍ରବନ୍ଧ ନିର୍ଦ୍ଦେଶକ ଡି. ପ୍ରସନ୍ନ କୁମାର ରେଡ୍ଡୀଙ୍କୁ ଗଞ୍ଜାମ, ଗଜପତି, ରାୟଗଡ଼ା, ଆରଡିସି, କେନ୍ଦ୍ରାଞ୍ଚଳ ସୁଧାଂଶୁ ମୋହନ ସାମଲଙ୍କୁ କଟକ, ଢେଙ୍କାନାଳ, ଅନୁଗୋଳ, କମିଶନର ତଥା ଏମଏସଏମଇ ବିଭାଗ ସଚିବ ରଶ୍ମିତା ପଣ୍ଡାଙ୍କୁ ପୁରୀ, ଖୋରଧା ,ନୟାଗଡ଼, ଭୁବନେଶ୍ୱର, କମିଶନର ତଥା ସାଧାରଣ ଉଦ୍ୟୋଗ ବିଭାଗ ସଚିବ ମହମ୍ମଦ ସାଦିକ ଆଲମଙ୍କୁ ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ ଆରଡିସି, ଉତ୍ତରାଞ୍ଚଳ/ଦକ୍ଷିଣାଞ୍ଚଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି ।

ଏହି ସମସ୍ତ ପର୍ଯ୍ୟବେକ୍ଷକ ଭୋଟର ତାଲିକା ସଂଶୋଧନ ଅବଧି ମଧ୍ୟରେ ଦାୟିତ୍ୱ ଦିଆଯାଇଥିବା ନିଜ ନିଜ ଜିଲ୍ଲାକୁ ଅତିକମରେ ୩ଥର ଗସ୍ତ କରି ସ୍ଥିତି ସମୀକ୍ଷା କରିବେ । ପର୍ଯ୍ୟବେକ୍ଷକମାନେ କେବଳ ଜିଲ୍ଲା ମୁଖ୍ୟାଳୟ ମଧ୍ୟରେ ନିଜର ଗସ୍ତକୁ ସୀମିତ ନ ରଖି, ବିଭିନ୍ନ ବିଧାନସଭା ମଣ୍ଡଳୀର ମତଦାନ କେନ୍ଦ୍ରଗୁଡ଼ିକୁ ନିଜେ ପରିଦର୍ଶନ କରିବେ । ଗସ୍ତ ସମୟରେ ସେମାନେ ସେହି ଅଞ୍ଚଳର ସାଂସଦ, ବିଧାୟକ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ କରିବେ । ଏହି ବୈଠକରେ ସେମାନଙ୍କର ଅଭିଯୋଗ ଓ ସମସ୍ୟା ଶୁଣିବା ସହ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସେମାନଙ୍କର ସକ୍ରିୟ ସହଯୋଗ ଲୋଡ଼ିବେ । ଭୋଟର ତାଲିକା ସମ୍ବନ୍ଧୀୟ ଯେକୌଣସି ସମସ୍ୟା ବା ଅଭିଯୋଗ ପାଇଁ ସାଧାରଣ ଜନତାଙ୍କୁ ମଧ୍ୟ ପର୍ଯ୍ୟବେକ୍ଷକଙ୍କୁ ସାକ୍ଷାତ କରିବାର ସୁଯୋଗ ଦିଆଯିବ ।

ପର୍ଯ୍ୟବେକ୍ଷକମାନଙ୍କର ଗସ୍ତ ସୂଚୀ, ଟେଲିଫୋନ/ମୋବାଇଲ୍ ନମ୍ବର ଇତ୍ୟାଦି ସମ୍ପୃକ୍ତ ଜିଲ୍ଲାଗୁଡ଼ିକରେ ବ୍ୟାପକ ଭାବେ ପ୍ରଚାର ଓ ପ୍ରସାର କରାଯିବ । ଯେପରି ସାଧାରଣ ଲୋକେ ସହଜରେ ଯୋଗାଯୋଗ କରିପାରିବାର ସୁଯୋଗ ପାଇବେ । ଯେଉଁ ବିଧାନସଭା ମଣ୍ଡଳୀଗୁଡ଼ିକରେ ଭୋଟରଙ୍କ ନାମ ବାଦ୍ ପଡ଼ିବା କିମ୍ବା ନୂଆ ନାମ ସଂଯୋଗ ହେବାର ହାର ଜିଲ୍ଲାର ହାରାହାରି ତୁଳନାରେ ୧%ରୁ ଅଧିକ ଥିବ କିମ୍ବା କୌଣସି ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀରେ ଏହା ୩% ରୁ ଅଧିକ ଥିବ, ସେଠାରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟ ଓ କାରଣକୁ ପର୍ଯ୍ୟବେକ୍ଷକମାନେ ବ୍ୟକ୍ତିଗତ ଭାବେ ତୀକ୍ଷ୍ଣ ଯାଞ୍ଚ କରିବେ କ୍ଷେତ୍ର ପରିଦର୍ଶନ ଏବଂ ସମୀକ୍ଷା ପରେ ସମସ୍ତ ପର୍ଯ୍ୟବେକ୍ଷକ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ଏକ ବିସ୍ତୃତ ରିପୋର୍ଟ ପଠାଇବେ । ଯାହା ଫଳରେ କେହି ଜଣେ ବି ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡିବେ ନାହିଁ ଓ ଅଯୋଗ୍ୟ ଭୋଟର ସାମିଲ ହେବେ ନାହିଁ ଏବଂ ସମସ୍ତ ପ୍ରକ୍ରିୟା ସ୍ୱଚ୍ଛତାର ସହିତ ହେବ ତା ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଗୁରୁତ୍ୱାରୋପ କରିଛନ୍ତି ।

## ଆତଙ୍କବାଦ...

ପ୍ରଧାନମନ୍ତ୍ରୀ କହିଥିଲେ ଯେ ରକ୍ତ ଓ ପାଣି ଏକସଙ୍ଗେ ବୋହି ପାରିବ ନାହିଁ । ପାକିସ୍ତାନ ଏବେ ଭାରତର ଏହି ନିଷ୍ପତ୍ତିକୁ ବେଆଇନ ବୋଲି ଦର୍ଶାଉଛି ।

## ଲଗାଣ...

କରାଯାଇଛି । ଶୁକ୍ରବାର ସକାଳ ୮.୩୦ ସୁଦ୍ଧା ନୟାଗଡ଼ ଜିଲ୍ଲାର ଭାପୁର ଠାରେ ୧୧୦ ମିମି ବର୍ଷା ରେକର୍ଡ଼ ହୋଇଥିବାବେଳେ ସୋନପୁର ଜିଲ୍ଲାର ତରଭାରେ ୧୧୦ ମିମି, ବରଗଡ଼ର ବିଜେପୁରରେ ୧୦୫ ମିମି, ବରଗଡ଼ରେ ୬୬.୮ ମିମି, ସମ୍ବଲପୁରର ବୁର୍ଲାରେ ୯୭.୬ ମିମି, ହୀରାକୁଦରେ ୯୦ ମିମି, କୁଚିଣ୍ଡାରେ ୬୫ ମିମି, ନାକଟିଦେଉଳରେ ୬୫ ମିମି, ରାୟଗଡ଼ାର କାଶୀପୁରରେ ୮୬ ମିମି, ଅନୁଗୋଳର ଟିକରପଡ଼ାରେ ୮୫ମିମି, ଭଦ୍ରକର ଆଖୁଆପଦାରେ ୭୪ ମିମି, ବୌଦ୍ଧର ଖଇରାମାଳରେ ୭୨ ମିମି., ହରଭଙ୍ଗାରେ ୬୫ ମିମି, କନ୍ଧମାଳର ବାଲିଗୁଡ଼ାରେ ୭୦ ମିମି, ଟିକାବାଲିରେ ୬୫ ମିମି, କଳାହାଣ୍ଡିର ମଦନପୁର-ରାମପୁରରେ ୬୭ ମିମି, ଜଗତସିଂହପୁରରେ ୬୬ ମିମି, ଗଞ୍ଜାମର ସୋରଡ଼ାଠାରେ ୬୬ ମିମି ବର୍ଷା ରେକର୍ଡ଼ ହୋଇଛି ।

ସେହିପରି ଶୁକ୍ରବାର ସକାଳ ୮.୩୦ରୁ ସନ୍ଧ୍ୟା ୫.୩୦ ସୁଦ୍ଧା ଛତ୍ରପୁରରେ ସର୍ବାଧିକ ୮୩ ମିମି ବର୍ଷା ହୋଇଥିବାବେଳେ ବରଗଡ଼ରେ ୫୪.୨ ମିମି, ନୟାଗଡ଼ରେ ୫୩ ମିମି, ଖୋର୍ଦ୍ଧା ଓ ଜଗତସିଂହପୁରରେ ୪୫ ମିମି, କଟକରେ ୪୪ ମିମି, ପୁରୀରେ ୨୮.୮ ମିମି, ଭୁବନେଶ୍ୱରରେ ୨୮.୬ ମିମି, ଚାନ୍ଦବାଲି ୩୧.୯ ମିମି, ସମ୍ବଲପୁରରେ ୨୫.୫ ମିମି, ଫୁଲବାଣୀ, ମାଲକାନଗିରି, ଢେଙ୍କାନାଳ, ବାରିପଦାରେ ୧୫ ମିମି, ଅନୁଗୋଳରେ ୨୧ ମିମି ବର୍ଷା ରେକର୍ଡ଼ ହୋଇଛି ।

ଆସନ୍ତାକାଲି (ଶନିବାର) ସମ୍ବଲପୁର, ଅନୁଗୋଳ, ସୋନପୁର, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ଣ୍ଣିଂ ଜାରି ହୋଇଥିଲାବେଳେ କଟକ, ଢେଙ୍କାନାଳ, କେନ୍ଦୁଝର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏଥିସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ଦେବଗଡ଼, ମୟୂରଭଞ୍ଜ, ନୂଆପଡ଼ା, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ସତର୍କତା ଜାରି ହୋଇଛି । ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ ଆଦି ଜିଲ୍ଲା ଲାଗି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଅନୁଗୋଳ ଓ ଢେଙ୍କାନାଳ ଆଦି ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

## ସପ୍ତାହରେ...

ଅଞ୍ଚଳରେ ରେଡ୍ ହିଟ୍ ଆଲର୍ଟ ଜାରି କରାଯାଇଥିଲା । ୟୁରୋପର ବିଭିନ୍ନ ଅଞ୍ଚଳରୁ ମଧ୍ୟ ମୃତ୍ୟୁ ସଂଖ୍ୟା ଆସିବାରେ ଲାଗିଛି । ବ୍ରିଟେନ୍‌ରେ ମଧ୍ୟ ତାପମାତ୍ରା ବୃଦ୍ଧି ପାଇଛି । ୟୁରୋପରେ ଏଭଳି ଏକ ସ୍ଥିତି ହୋଇଛି ଯେ ପର୍ଯ୍ୟଟକମାନେ ଆସିବାକୁ ଚାହୁଁନାହାନ୍ତି । ଜୁଲାଇର ଚତୁର୍ଥ ସାପ୍ତାହିକ ଛୁଟିକୁ ଆମେରିକୀୟମାନେ ସେଠାରେ କଟାଇଥାନ୍ତି । ମାତ୍ର ତାପମାତ୍ରା ଓ ଅତ୍ୟଧିକ ଆର୍ଦ୍ରତା ଯୋଗୁ ଏହା ବାଧାପ୍ରାପ୍ତ ହେବ ବୋଲି ଜଣାପଡ଼ିଛି । ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମଗ୍ର ବିଶ୍ୱରେ ପଡୁଥିବାବେଳେ ୟୁରୋପରେ ଏହାର ଅତ୍ୟଧିକ ପ୍ରଭାବ ଦେଖିବାକୁ ମିଳୁଛି । ବେଲ୍‌ଜିୟମରେ ଗ୍ରୀଷ୍ମ ପ୍ରବାହ ଯୋଗୁ ମୃତ୍ୟୁ ସଂଖ୍ୟା ୧୨୨୨ ହୋଇଛି । ସେଥିମଧ୍ୟରୁ ଅଧିକାଂଶ ୮୫ ବର୍ଷରୁ ଅଧିକ । ତେବେ ଫ୍ରାନ୍ସ ସବୁଠୁ ଅଧିକ ପ୍ରଭାବିତ ହୋଇଛି । ନେଦରଲାଣ୍ଡରେ ମଧ୍ୟ ୪୮୦ ଅଧିକ ମୃତ୍ୟୁ ଘଟିଛି । ସେଠାରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଛି । ଦକ୍ଷିଣ ଫ୍ରାନ୍ସରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବ ବୋଲି କୁହାଯାଉଛି ।

## ତଦନ୍ତକାରୀ...

ସରକାରଙ୍କ ମର୍ଜିରେ ଚାଲିଛି । ସିଇସି ନିଯୁକ୍ତି ଆଇନକୁ ମଧ୍ୟ ପରିବର୍ତ୍ତନ କରାଯାଇଛି । ଚିଠିରେ ଉଲ୍ଲେଖ କରାଯାଇଛି ଯେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ବିଜେପି ସରକାରକୁ ସହଯୋଗ କରୁଛନ୍ତି । କ୍ଷମତାସୀନ ଦଳ ପକ୍ଷରୁ ହେଉଥିବା ଆଚରଣବିଧି ଉଲ୍ଲଂଘନ ଅଭିଯୋଗର କାର୍ଯ୍ୟାନୁଷ୍ଠାନ ହେଉନି । ସାମ୍ପ୍ରଦାୟିକ ଉତ୍ତେଜନାମୂଳକ ବିଭ୍ରାନ୍ତ ସୃଷ୍ଟିକାରୀ ମନ୍ତବ୍ୟ ଦେଉଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନି । ବିହାରରେ ହୋଇଥିବା ଏସ୍‌ଆଇଆର୍‌ରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ କାଟିବା ପାଇଁ ବ୍ୟବସ୍ଥା କରାଗଲା । ମାତ୍ର ଏବେବି ସେମାନେ ଭୋଟର ତାଲିକାରେ ଅଛନ୍ତି । ତେବେ କେତେ ବାଂଲାଦେଶୀ ଅନୁପ୍ରବେଶକାରୀ ଅଛନ୍ତି ତାହାର ତଥ୍ୟ ନାହିଁ । ୱେବ୍‌ସାଇଟ୍‌ରେ ଭାରତରେ ଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଇସିଆଇ କିଛି ତଥ୍ୟ ଦେଉନାହାନ୍ତି । ଚିଠିରେ ଉଲ୍ଲେଖ କରାଯାଇଛି ଯେ ଯେତେବେଳେ ସବୁ କ୍ଷେତ୍ରରେ ବିଫଳ ହେବାପରେ ବିଚାର ବିଭାଗୀୟ ବ୍ୟବସ୍ଥା ଉପରେ ଭରସା କରନ୍ତି । ଯେତେବେଳେ ବିଚାର ବିଭାଗୀୟ ବ୍ୟବସ୍ଥା କୌଣସି ପଦକ୍ଷେପ ନନିଏ ତାହାଲେ ଗଣତନ୍ତ୍ର ଧ୍ୱଂସ ହୋଇଥାଏ । ବିରୋଧୀ ଦଳଗୁଡ଼ିକ ଆଶା କରିଛନ୍ତି ଯେ ୨୦୨୭ରେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଏସ୍‌ଆଇଆର୍ ଲାଗୁ ନକରାଯାଉ । ଯେତେବେଳେ କୌଣସି ରାଜ୍ୟର ବିଧାନସଭା ନିର୍ବାଚନ ୫ବର୍ଷ ଥିବ ସେହିଠାରେ ଏସ୍‌ଆଇଆର ପ୍ରକ୍ରିୟା ଚାଲୁ । ଏହାଛଡ଼ା ଇଭିଏମ୍ ପରିବର୍ତ୍ତେ ପେପର ବାଲାଟ୍‌ରେ ଭୋଟ ଗ୍ରହଣ କରାଯାଉ । ଏହା ଉପରେ ଗୁରୁତର ଭାବେ ବିଚାର କରାଯିବାକୁ ବିରୋଧୀ ଦଳ ପକ୍ଷରୁ ଅନୁରୋଧ କରାଯାଇଛି ।

## ମିଳିଲାନି...

ଖ୍ରୀଷ୍ଟ ଧର୍ମର ରୀତିନୀତି ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏହି ଘଟଣା ରାୟଗଡ଼ା ବ୍ଲକ ଅନ୍ତର୍ଗତ ଗାଜିଗାଁରେ ଘଟିଛି ।

ସୂଚନା ଅନୁସାରେ, ଗାଁର ବାସିନ୍ଦା ଜାକାକା ଦାମ (୬୫) ପ୍ରାୟ ୪ରୁ ୫ ବର୍ଷ ପୂର୍ବେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିଲେ । କିଛି ମାସ ଧରି ଅସୁସ୍ଥ ଥିବା ସେ ଗୁରୁବାର ସକାଳ ପ୍ରାୟ ୭ଟାରେ ପରଲୋକ ଗମନ କରିଥିଲେ । ପରିବାର ସଦସ୍ୟମାନେ ଖ୍ରୀଷ୍ଟ ଧର୍ମର ରୀତିନୀତି ଅନୁଯାୟୀ ସ୍ଥାନୀୟ ଶ୍ମଶାନରେ କବର ଦେବାକୁ ପ୍ରସ୍ତୁତି କରିଥିଲେ । କିନ୍ତୁ ଗ୍ରାମର କିଛି ଲୋକ ଏହାକୁ ବିରୋଧ କରିଥିଲେ । ସେମାନଙ୍କ ମତ ଥିଲା ଯେ, ଉକ୍ତ ଶ୍ମଶାନ ପାରମ୍ପରିକ ଭାବେ ଆଦିବାସୀ ସମ୍ପ୍ରଦାୟର ଶବଦାହ ପାଇଁ ବ୍ୟବହୃତ ହୋଇଆସୁଛି ଏବଂ କବର ଦେବା ପାଇଁ ଏହାର ବ୍ୟବହାର ପୂର୍ବରୁ ହୋଇନଥିଲା । ଏହି ପ୍ରସଙ୍ଗକୁ ନେଇ ବାରମ୍ବାର ଆଲୋଚନା ହୋଇଥିଲେ ମଧ୍ୟ ତୁରନ୍ତ କୌଣସି ସହମତି ହୋଇପାରିନଥିଲା । ଫଳରେ ପ୍ରାୟ ୨୮ ଘଣ୍ଟା ଧରି ମୃତଦେହର ଶେଷକୃତ୍ୟ ସମ୍ପନ୍ନ ହୋଇପାରିନଥିଲା । ଅନ୍ୟପଟେ ଗ୍ରାମର ପ୍ରଚଳିତ ପରମ୍ପରା ଅନୁଯାୟୀ କୌଣସି ବ୍ୟକ୍ତିଙ୍କ ଶେଷକୃତ୍ୟ ସମ୍ପନ୍ନ ନ ହେବା ପର୍ଯ୍ୟନ୍ତ କୌଣସି ଘରେ ରୋଷେଇ କରାଯାଏ ନାହିଁ । ଏହି କାରଣରୁ ସମଗ୍ର ଗ୍ରାମରେ ଚୁଲି ଜଳିନଥିଲା ଏବଂ ଛୋଟ ପିଲାଠାରୁ ବୃଦ୍ଧବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ଅପେକ୍ଷାରେ ସମୟ କାଟିଥିଲେ । ଘଟଣା ସମ୍ପର୍କରେ ଖବର ପ୍ରଚାର ପାଇବା ପରେ ଗଣମାଧ୍ୟମ ପ୍ରତିନିଧିମାନେ ଗାଁରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ପରବର୍ତ୍ତୀ ସମୟରେ ଗ୍ରାମ ନିକଟସ୍ଥ ସରକାରୀ ଜମିରେ ମୃତଦେହକୁ କବର ଦେବା ପାଇଁ ସହମତି ପ୍ରକାଶ ପାଇଥିଲା । ଦିନ ପ୍ରାୟ ୧୨ଟା ସମୟରେ ଖ୍ରୀଷ୍ଟ ଧର୍ମର ରୀତିନୀତି ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ ହେବା ପରେ ଗ୍ରାମବାସୀ ନିଜ ନିଜ ଘରେ ରୋଷେଇ କରିଥିଲେ । ଏହି ଘଟଣାକୁ ନେଇ ପ୍ରଶାସନର ତତ୍ପରତା ଉପରେ ମଧ୍ୟ ପ୍ରଶ୍ନ ଉଠିଛି । ଗ୍ରାମଠାରୁ ମାତ୍ର ୬ କିଲୋମିଟର ଦୂରରେ ଶେଷଖାଲ ଥାନା ଥିବା ସତ୍ତ୍ୱେ ଘଟଣାର ସୂଚନା ସମୟରେ ପୋଲିସ ନିକଟରେ ପହଞ୍ଚିନଥିବା ଅଭିଯୋଗ ହୋଇଛି । ଗାଁରେ ଗୃହରକ୍ଷୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ, ସରପଞ୍ଚ ଓ ସ୍କୁଲ ଶିକ୍ଷକ ଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଶୀଘ୍ର ହସ୍ତକ୍ଷେପ କରାଯାଇଥାନ୍ତା ହେଲେ ପରିସ୍ଥିତିର ସମାଧାନ ଆଗରୁ ହୋଇପାରୁଥାନ୍ତା ବୋଲି ଗ୍ରାମର ଯୁବକ ବି. ଶ୍ରୀନିବାସ କହିଛନ୍ତି । ତେବେ ପୋଲିସ ଗାଁରେ ପହଞ୍ଚିବା ବେଳକୁ ଶେଷକୃତ୍ୟ ସମ୍ପନ୍ନ ହୋଇସାରିଥିଲା । ଅନ୍ୟପଟେ ମୃତକଙ୍କ ପରିବାର ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ ଦାଖଲ କରାଯାଇନଥିବା ସୂଚନା ମିଳିଛି । ଘଟଣା ସମ୍ପର୍କରେ ପ୍ରଶାସନ କିମ୍ବା ପୋଲିସ ପକ୍ଷରୁ ଆନୁଷ୍ଠାନିକ ପ୍ରତିକ୍ରିୟା ମିଳିନାହିଁ ।

## ଓମ୍ର...

ତଦନ୍ତଭାର କ୍ରାଇମ୍‌ବ୍ରାଞ୍ଚ ନେଇଥିଲା । କ୍ରାଇମ୍‌ବ୍ରାଞ୍ଚ ତଦନ୍ତକାରୀ ଟିମ୍ ଇତିମଧ୍ୟରେ ୧୨ଜଣଙ୍କୁ ଗିରଫ କରିସାରିଲାଣି । ସମୁଦାୟ ୨୦ଜଣ ଗିରଫ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତକାରୀ ଟିମ୍ ୩ ଅଭିଯୁକ୍ତଙ୍କୁ ଦୁଇଦିନ ରିମାଣ୍ଡରେ ନେଇ ପଚରାଉଚରା କରିବା ପରେ ବହୁ ରହସ୍ୟଜନକ ତଥ୍ୟ ସଂଗ୍ରହ କରିଥିବା କୁହାଯାଉଛି । ସେ ତିନିଜଣଙ୍କୁ ପଚରାଉଚରା କରି କ'ଣ ଏଭଳି ତଥ୍ୟ କ୍ରାଇମ୍‌ବ୍ରାଞ୍ଚ ସଂଗ୍ରହ କଲା ଯେ, ଓମ୍ ଉପରେ ସନ୍ଦେହ ଦୃଢ଼ିଭୂତ ହେଲା । ଯାହା ଫଳରେ କୋର୍ଟର ଅନୁମତି କ୍ରମେ ଶୁକ୍ରବାର ଓମ୍ର ସତମିଛ ପରୀକ୍ଷା କରାଯାଇଛି । ଘଣ୍ଟାଏ ଦୁଇଘଣ୍ଟା ନୁହେଁ ଦୀର୍ଘ ୫ଘଣ୍ଟା ଧରି ଶତାଧିକ ପ୍ରଶ୍ନ ଓମ୍‌କୁ ପଚରା ଯାଇଛି । ବିଭିନ୍ନ ଦିଗକୁ ଆଧାର କରି ପ୍ରଶ୍ନ ପଚରା ଯାଉଥିବା ବେଳେ ଉତ୍ତର ଦେବା ପାଇଁ ଓମ୍ ବିଚଳିତ ହୋଇଯାଉଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି ।

ବିବାଦୀୟ ବରିଷ୍ଠ ଆଇପିଏସ୍ ଦୟାଲ ଗଙ୍ଗୱାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତାଙ୍କୁ ନିଲମ୍ବିତ କରାଯାଇଛି । କାରଣ ସେ ସୌମ୍ୟଙ୍କ ସମେତ ୮ଜଣଙ୍କୁ ନିଜ କ୍ୱାର୍ଟର୍ସରେ ଖଟାଉଥିଲେ । ଏପରିକି ସରକାରୀ କର୍ମଚାରୀଙ୍କୁ ବ୍ୟକ୍ତିଗତ କାମରେ ନିୟୋଜନ କରାଇ ସେମାନଙ୍କୁ ଦୁର୍ବ୍ୟବହାର କରୁଥିଲେ । ବରିଷ୍ଠ ଆଇପିଏସ୍ ଅରୁଣ ବୋଥ୍ରାଙ୍କୁ ସରକାର ଗଙ୍ଗୱାରଙ୍କ ଉପରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ ତଦନ୍ତ କରି ରିପୋର୍ଟ ଦେବା ପରେ ସରକାର ତାଙ୍କୁ ନିଲମ୍ବନ କରିଥିଲେ । ପରେ ମାମଲାର ତର୍ଜମା କରି ସରକାର ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଗଙ୍ଗୱାରଙ୍କ ଉପରେ ପୁଙ୍ଖାନୁପୁଙ୍ଖ କ'ଣ ପଦକ୍ଷେପ ନିଆଯାଇ ପାରିବ ତାହା ଜଣାଇବାକୁ । ସୌମ୍ୟରଞ୍ଜନଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଅଭିଯୋଗ କରିଆସୁଛି । କେବଳ ଗଙ୍ଗୱାର ନୁହଁନ୍ତି ପୂର୍ବରୁ ୪ଜଣ ପୋଲିସଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା । କାରଣ ସେମାନେ ଘଟଣାସ୍ଥଳରେ ତାଙ୍କ କାର୍ଯ୍ୟ ଠିକ୍ ଭାବେ ତୁଲାଇ ନପାରିବାରୁ ସୌମ୍ୟ ହତ୍ୟାର ଶିକାର ହେଲେ । ନିଲମ୍ବିତ ପୋଲିସଙ୍କ କାର୍ଯ୍ୟକୁ ନେଇ ପରିବାର ଓ ବହୁ ବିଶେଷଜ୍ଞ ଅଭିଯୋଗ କରିଥିଲେ । ସତମିଛ ପରୀକ୍ଷା ରିପୋର୍ଟ ଆସିଲେ ବହୁ ରହସ୍ୟଜନକ କଥାର ପର୍ଦ୍ଦାଫାସ ହେବା ସହ ସୌମ୍ୟଙ୍କ ସାଙ୍ଗରେ ଥିବା ଓମ୍‌ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖବର ମିଳିଛି ।


**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ ଚକ୍ରଧରପୁରର ଡିଭିଜନାଲ ରେଳ ପରିଚାଳକ (ଯାନ୍ତ୍ରିକ), ଦ. ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଏକକ ପ୍ୟାକେଟ ସିଷ୍ଟମରେ କାର୍ଯ୍ୟ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ବିପକ୍ଷରେ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି କୌଣସି ମାନୁଆଲ ପ୍ରସ୍ତାବକୁ ଅଣଦେଖା କରାଯିବ । **କ୍ର. ନଂ. ଏବଂ ଟେଣ୍ଡର ନୋଟିସ୍ ନଂ, କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ, ବିଡ୍ ସିକ୍ୟୁରିଟି: (୧) ମେକସିକେପି-୨୬-୨୭-୨୧, ତାରିଖ ୦୧.୦୭.୨୦୨୬**, ମାଲ ପରିବହନ ଡିପୋ ଟାଟାନଗର ଏବଂ ଆଦିତ୍ୟପୁର ପାଇଁ ୪.୫ ମେଟ୍ରିକ ଟନ୍ ଲୋଡିଂ କ୍ଷମତା ବିଶିଷ୍ଟ ଟ୍ରକ୍ ୦୩ ବର୍ଷ ପାଇଁ ଭଡ଼ା। ଟ.୨୬,୯୮,୯୪୩.୦୪ ଟଙ୍କା ୫୪,୦୦୦/- । (୨) **ମେକସିକେପି-୨୬-୨୭-୨୨, ତାରିଖ ୦୧.୦୭.୨୦୨୬**, ସିନିୟର ସେକ୍ସନ ଇଞ୍ଜିନିୟର/କ୍ୟାରେଜ୍ ଏବଂ ୱାଗନ/ଟାଟାନଗର ଅଧୀନରେ ପାଞ୍ଚ ବର୍ଷ ପାଇଁ ସିଏନସି ଅଣ୍ଡର ଫ୍ଲୋର ଚକ ଲେଥ୍ (ଡିଭି), ମେସିନ, ନଂ.ଏନଡବ୍ଲୁଏଫ-୧୦୩, ମଡେଲ ନଂ.ୱାଇଡବ୍ଲୁଏଲ-୦୮ଏମ, ମେକ୍ -ଏଚ୍‌ୱାଇଟି ପାଇଁ ବ୍ୟାପକ ଏଏମସି, ଟ.୧,୦୬,୨୦,୦୦୦/- , ଟ.୨,୧୨,୪୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ଉଭୟ ପାଇଁ ନାହିଁ । **ଟେଣ୍ଡର ଖୋଲିବାର ସ୍ଥାନ:** ବରିଷ୍ଠ ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ଚକ୍ରଧରପୁର, ଦ.ପୂ.ରେଳପଥ କାର୍ଯ୍ୟାଳୟ । ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୨୩.୦୭.୨୦୨୬ ଅପରାହ୍ଣ ୩ଟାରେ । ଟେଣ୍ଡର ୱେବସାଇଟ୍ ରେ ଦେଖାଯାଇପାରିବ: http://www.ireps.gov.in ଟେଣ୍ଡରଦାତା/ବିଡରଙ୍କ ଶ୍ରେଣୀ-୩ ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଆଇଆରଇପିଏସ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-416)



**Zilla Swasthya Samiti, Angul**
**Office of the Chief District Medical & Public Health Officer cum District Mission Director, Anugola, 759122, Odisha**
10001/329/2627 Mail Id - dpmusang@ymail.com

**Walk-in-interview for recruitment of Medical Officer (Fulltime) and empanelment of Part-Time Specialists.**

**Advt. No. 1941** **Date : 03.07.2026**

Walk-in-interview for the post of Medical Officer (Contractual) in UPHC Angula and empanelment of Part "Time Specialists (O&G, Paediatrics, Medicine, Skin & VD, ENT, Eye, Psychiatric Specialist, Surgery Specialist, Nutritionist and Physiotherapist) for AMA Clinic under NUHM for UPHC Angula & Talcher. The above positions are purely temporary and also co-terminus with the scheme. The actual number of vacancy may differ during the time of engagement. Canvassing in any form will render the candidate disqualified for the position, Details of Qualification, remuneration & job description of the post along with application form can be downloaded from the district website : **https://angul.odisha.gov.in.** The interested candidates may attend the Walk-in-Interview on **15.07.2026, 10:00 AM to 11:00 AM** on the scheduled date for registration. The candidates are requested to visit the district website on regular interval till completion of recruitment process and the undersigned reserves the right to cancel any or all the application without assigning any reason or communication thereof.

Sd/- CDM & PHO cum District Mission Director, Anugola

OIPR : 10001/10142/1/26-27/0010



**Office of the District Manager**
**Odisha State Civil Supplies Corporation Ltd. (OSCSC)**
7001/58/2627 **Kendrapara District Phone:9438200047**

1. Tender Call Notice of PADDY for the Unit of Aul Block T.No. 1517 dt.02.07.26, Derabish Block T.No. 1518 dt.02.07.26, Garadapur Block T.No. 1519 dt.02.07.26, Kendrapara Block/MPL T.No. 1520 dt.02.07.26, Mahakalapada Block T.No. 1521 dt.02.07.26, Marshaghai Block T.No. 1522 dt.02.07.26, Pattamundai Block/MPL T.No. 1523 dt.02.07.26, Rajakanika Block T.No. 1524 dt.02.07.26 & Rajanagar Block T.No. 1525 dt.02.07.26 of Kendrapara District (Cost of Tender Document: - Rs.1000/- Inclusive of GST).
2. Tender Call Notice of CMR for the Unit Of Aul, Rajakanika & Rajanagar Block T.No. 1526 dt.02.07.26, Derabish & Pattamundai Block/MPL T.No. 1527 dt.02.07.26, Kendrapara Block/ MPL T.No. 1528 dt.02.07.26, Garadpur, Mahakalapada & Marsaghai Block T.No. 1529 dt.02.07.26 of Kendrapara District (Cost of Tender Document: - Rs.1000/- Inclusive of GST).
3. Tender Call Notice for Level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC) vide T.No.1516 dt.02.07.26 of Kendrapara District (Cost of Tender Document: - Rs.11800/- Inclusive of GST).

District Manager, Odisha State Civil Supplies, Corporation Ltd., Kendrapara invites tenders in Double Cover System through ONLINE MODE ONLY for the work below:

| | | |
|---|---|---|
| 1 | Name of the Work | For selection and appointment of transport contractors for transportation of 1.Paddy from Paddy Purchase Centers (PPCs) / Mandis to Rice Mill points (within or outside district) 2.Custom Milled Rice (CMR) from Rice Mill points to Rice Receiving Centers (RRCs)/Depots (within or outside district) 3.Level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC) |
| 2 | Availability of tender documents in the Portal | From Date 04.07.2026 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 3 | Last date and time for online Submission of completed Tender Documents with enclosures | Through e-Procurement Portal: www.tendersodisha.gov.in **Dt. 20.07.2026 05:00PM** |
| 4 | Date, time and venue for opening of Technical Bid by the Tender Committee | **On dt 21.07.2026 at 11:00AM,** Place : Collectorate, Kendrapara |
| 5 | Name and Address of the Officer Inviting Tender | District Manager, OSCSC Ltd., Kendrapara. |

Tender Documents and other details can be seen from the e-Procurement Portal www.tendersodisha.gov.in, www.oscsc.in & www.foododisha.in along with District website. Amendments / corrigendum / cancellation / retenders etc. if any shall be published only in above websites.

Sd/- CSO-cum-District Manager OSCSC Ltd., Kendrapara

OIPR : 7001/7039/1/26-27/0001



**ODISHA HYDRO POWER CORPORATION LTD**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB H. E. PROJECT,**
**AT/P.O.: BARINIPUT; DIST.: KORAPUT(ODISHA) -764006**
Telephone: 06854 - 242 001 Fax: 06854 - 242 092
Email ID: sgmel.ukhep@gmail.com
4001/188/2627 CIN: U40101OR1995SGC003963

**TENDER CALL NOTICE NO UKHEP- 13/2026-27, DATED. 29 .06.2026**

Sealed tenders in two-part bid are invited from Govt, registered Agencies / Electrical Contractors having HT Electrical License issued by ELBO for the job as mentioned below in Semiskilled and High skilled Workmen on Job Contract basis for a Calendar year (12 Months).

| Sl. No. | Description of work | Cost of tender paper in Rs | EMD |
|---|---|---|---|
| 1 | Annual Maintenance Contract of 5 Nos. of 11/ 0.4 KV Sub-station with 11KV Lines and Illumination system, E.I of Residential and Non-Residential Building of UKHEP, Bariniput on Job Contract Basis for the year 2026-27. | 7080/- (Non-refundable) (Rs.6000/- +18% GST) | Rs.15,100/- |

| | |
|---|---|
| The sale of Tender Paper will be from | 10:00hrs of 06.07.2026 to 11.00 Hrs of 20.07.2026 |
| The last date & time of receipt of Tender | 12.00 Hrs of 21.07.2026 |
| The date and time of opening of Tender | 12.30 Hrs of 21 .07.2026 |

For details of tender documents, Terms & conditions, Eligibility criteria and downloading, please refer our website www.ohpc.co.in.

Sd/- C&P Head
Upper Kolab HEP, OHPC Limited, Bariniput

OIPR : 4001/4002/1/26-27/0014



**GOVERNMENT OF ODISHA**
**Department of Water Resources**
**Rengali Irrigation Project, Phase-II (JICA Assisted)**

**Advt. No. 01/2026** **Date. 01.07.2026**

32001/482/2627 **NOTICE**

The Chief Engineer, JICA Project, Brahmani Left Basin, Sukinda, At-Jamuposi, Po-Amploba, Dist. Jajpur, Pin-755 018, Odisha invites applications from suitable candidates for eventual engagement in the Agri-PIM Unit of the PMU for the following positions on contractual basis to meet the requirements of Rengali Irrigation Project, Phase-2.

| Name of the position | Qualifying Criteria |
|---|---|
| Additional Project Director, (One position) | Graduate in Agriculture/ Engineering/ any Social Sector discipline, Higher qualification is preferable |
| Deputy Director, Agriculture and PIM (One position) | Graduate in Agriculture /Civil Engineering/Any Social Sector Discipline, Higher qualification in agriculture/horticulture is preferable |
| Deputy Director, On Farm Water Management (One position) | Graduate in Civil Engineering or Agriculture Engineering or any Social Sector discipline, Higher qualification is preferable |
| Deputy Director, Multifunction (One position) | Graduate in Agriculture or any Social Sector discipline, Higher qualification is preferable |
| Deputy Director, Agri-Business (One position) | Graduate in Agriculture / Horticulture / Rural Management, Higher qualification is preferable |

The applicant should ensure that the application, in Speed Post or Registered Post should reach the addressee latest by **5 PM on 27.07.2026** The details of Qualification, Experience, Preference criteria, remuneration, application form, Terms & Conditions and Roles and Responsibilities are available on -www.odisha.gov.in under the link "advertisement" and www.dowr.odisha.gov.in

Sd/- Chief Engineer, JICA Project, Brahmani Left Basin, Sukinda

OIPR : 32001/32343/1/26-27/0001


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର-ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୬, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଏଏସ୍‌ଓ ପ୍ରଶ୍ନପତ୍ର ପ୍ରଘଟ ମାମଲା ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ,(ସବ୍ୟୁ): ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସଓ) ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇଥିବା ୧୪ ଜଣଙ୍କ ଜାମିନ ଆବେଦନର ଶୁଣାଣି ଶେଷ ହୋଇଛି । ସମସ୍ତ ଅଭିଯୁକ୍ତଙ୍କ ପକ୍ଷରୁ ଦାୟର ହୋଇଥିବା ଜାମିନ ଆବେଦନର ଶୁଣାଣି ଶେଷ କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ରାୟ ସଂରକ୍ଷିତ ରଖିଛନ୍ତି । ତେବେ ଆବେଦନକାରୀଙ୍କୁ ଲିଖିତ ଜବାବ ଦାଖଲ ଅନଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରକାଶ ଯେ, ଗତ ବର୍ଷ ଅନୁଷ୍ଠିତ ହୋଇଥିବା ଏଏସ୍ଓ ମୁଖ୍ୟ ଲିଖିତ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିବା ପରେ ହାଇକୋର୍ଟ ସେହି ପରୀକ୍ଷାକୁ ବାତିଲ କରିଦେଇଥିଲେ । ଏହାପରେ ପୁନର୍ବାର ମୁଖ୍ୟ ଲିଖିତ ପରୀକ୍ଷା କରାଯାଇ ଫଳାଫଳ ପ୍ରକାଶ ପାଇଥିଲା । ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଏକ ଆଉଟସୋର୍ସିଂ ଏଜେନ୍ସିର କାର୍ଯ୍ୟକଳାପରେ ତ୍ରୁଟି ଏବଂ ଅନିୟମିତତା ଜଣାପଡ଼ିବା ପରେ କଟକର ଲାଲବାଗ ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ତଦନ୍ତ ସମୟରେ ଖାତା ମୂଲ୍ୟାୟନରୁ ଜଣାପଡ଼ିଥିଲା ଯେ କେତେକ ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀ ମଡେଲ ଉତ୍ତରକୁ ନକଲ କରି ଅସ୍ୱାଭାବିକ ଭାବେ ଅଧିକ ମାର୍କ ରଖିଛନ୍ତି । ଏଥିସହିତ ଫୋନ୍ ରେକର୍ଡରୁ ଆଉଟ୍‌ସୋର୍ସିଂ ଏଜେନ୍ସିର ଅଧିକାରୀ, ଦଲାଲ ଏବଂ କେତେକ ପରୀକ୍ଷାର୍ଥୀଙ୍କ ମଧ୍ୟରେ ସନ୍ଦେହଜନକ ଯୋଗାଯୋଗ ଥିବା ପ୍ରମାଣ ମିଳିଥିଲା । ପୁଲିସ ଏହି ମାମଲାରେ ୧୪ ଜଣଙ୍କୁ ଗିରଫ କରିଥିଲା । ପରେ ନିମ୍ନ ଅଦାଲତ ସେମାନଙ୍କ ଜାମିନ୍ ଆବେଦନକୁ ଖାରଜ କରିଦେଇଥିଲେ । ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ବୁଦ୍ଧଦେବ ରାଉତରାୟ, ଆଇନଜୀବୀ ବିଭୁତି ଭୂଷଣ ଚୌଧୁରୀ ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି ।

## ଆନନ୍ଦ ମାର୍ଗ ପକ୍ଷରୁ ତିନିଦିନିଆ ସେମିନାର ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ) ଆନନ୍ଦ ମାର୍ଗର ଦ୍ୱିତୀୟ ପର୍ଯ୍ୟାୟ ଡାଏସିସ୍ ସ୍ତରୀୟ ସେମିନାର ନୂଆପଲ୍ଲୀ, ବେହେରାସାହି ସ୍ଥିତ "ଶ୍ରୀକୃଷ୍ଣ କ୍ଲବ' ପ୍ରାଙ୍ଗଣରେ (ଦମୟନ୍ତୀ ଆପାର୍ଟମେଣ୍ଟ ସମ୍ମୁଖରେ) ଶୁକ୍ରବାର ଠାରୁ ଆରମ୍ଭ ହୋଇଛି । ଏହା ଜୁଲାଇ ୬ରେ ସରିବା ଉକ୍ତ ସେମିନାରରେ କେନ୍ଦ୍ରୀୟ ସଚିବ ବରିଷ୍ଠ ଆଚାର୍ଯ୍ୟ ପ୍ରିୟକୃଷ୍ଣାନନ୍ଦ ଅବଧୂତ ପ୍ରଶିକ୍ଷକ ଭାବେ ଏବଂ ଆଚାର୍ଯ୍ୟ ଜପକୃଷ୍ଣାନନ୍ଦ ଅବଧୂତ ସଂଗଠକ ଭାବେ ଯୋଗ ଦେଇଛନ୍ତି ବୋଲି ଆଚାର୍ଯ୍ୟ ନଟବର ବେହେରା ଜଣାଇଛନ୍ତି ।

# ସାମାଜିକ ଗଣମାଧ୍ୟମରେ ଅଶାଳୀନ ମନ୍ତବ୍ୟ ବିରୋଧରେ ସାଇବର ଥାନାରେ ଏତଲା

## ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଅପମାନଜନକ ଟିପ୍ପଣୀକୁ ସହିବେ ନାହିଁ ଓଡ଼ିଶାବାସୀ : ଡ. ମହାନ୍ତି

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ଦିଆଯାଇଥିବା ଆପତ୍ତିଜନକ ମନ୍ତବ୍ୟକୁ ଓଡ଼ିଶାବାସୀ କଦାପି ସହ୍ୟ କରିପାରିବେ ନାହିଁ । ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟିଂ କରୁଥିବା ସୁନୀଲ ଜେନା ନାମକ ଜଣେ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବଦ୍‌ନାମ କରିବା ଉଦ୍ଦେଶ୍ୟରେ ସାମାଜିକ ଗଣମାଧ୍ୟମରେ ଅନେକ ଅପଶବ୍ଦ ବ୍ୟବହାର କରି ଗାଳିଗୁଲଜ କରୁଛନ୍ତି । ଅସାମ୍ବିଧାନିକ ଶବ୍ଦ ସହ ଅପମାନଜନକ ଓ ଅଶ୍ଳୀଳ ମନ୍ତବ୍ୟ ଦେଇ ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ସବୁ ପୋଷ୍ଟ କରୁଛନ୍ତି, ଯାହା ଏକ ଦଣ୍ଡନୀୟ ଅପରାଧ । ସାମ୍ବାଦିକତାର ମୂଲ୍ୟବୋଧ ଜାଣି ନଥିବା ଏଭଳି ବ୍ୟକ୍ତିଜଣକ ସାମାଜିକ ଗଣମାଧ୍ୟମରେ ଅସାମ୍ବିଧାନିକ, ଅପମାନଜନକ, ଅଶ୍ଳୀଳ ଏବଂ ଏଭଳି ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ପୋଷ୍ଟ କରି ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଭାବମୂର୍ତ୍ତିକୁ ନଷ୍ଟ କରିବାକୁ



ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ପୋଷ୍ଟ କରି ସମାଜରେ ଅପ୍ରୀତିକର ବାତାବରଣ ସୃଷ୍ଟି କରୁଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଡ. ଯତିନ ମହାନ୍ତି କହିଛନ୍ତି ଯେ, ସାମାଜିକ ଗଣମାଧ୍ୟମରେ ଅପଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ସାଇବର ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ । ସାମ୍ବାଦିକ ବୋଲି ନିଜକୁ ପରିଚୟ ଦେଇ ସାମ୍ବାଦିକତା ପେଶାକୁ ବଦ୍‌ନାମ କରୁଥିବା ଏଭଳି ବ୍ୟକ୍ତିଙ୍କୁ ଉପଯୁକ୍ତ ଦଣ୍ଡ ମିଳିବା ନିହାତି ଆବଶ୍ୟକ । ଭୁବନେଶ୍ୱର ସାଇବର ଥାନାରେ ସୁନୀଲ ଜେନାଙ୍କ ବିରୋଧରେ ବିଜେପି ତରଫରୁ ଏତଲା ଦିଆଯାଇଛି ଏବଂ ଏତଲା ଆଧାରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିନିଧିଦଳକୁ ଥାନାଧିକାରୀ ପ୍ରତିଶ୍ରୁତି ଦେଇଥିବାର ଡ.ମହାନ୍ତି ସୂଚନା ଦେଇଛନ୍ତି । ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତିଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ଓ ଭୁବନେଶ୍ୱର ଜିଲ୍ଲା ଉପସଭାପତି ସୁଶାନ୍ତ ଜେନାଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## କଂଗ୍ରେସର ଓଡ଼ିଶା ପ୍ରଭାରୀ ଲାଲ୍‌ଜୀ ଦେଶାଇଙ୍କ ରାଜନୈତିକ ବ୍ୟାପାର ବୈଠକ

# ଓଡ଼ିଶାବାସୀଙ୍କ ହୃଦୟ ଜିତିଲେ ନିର୍ବାଚନ ଜିତିପାରିବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): କଂଗ୍ରେସ ଭବନ ଠାରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ନୂତନ ନିଯୁକ୍ତ ଓଡ଼ିଶା କଂଗ୍ରେସ ପ୍ରଭାର ଲାଲଜୀ ଦେଶାଇଙ୍କ ପ୍ରଥମ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସର ରାଜନୈତିକ ବ୍ୟାପାର କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଯୋଗ ଦେଇ ଶ୍ରୀ ଦେଶାଇ କହିଲେ ଯେ, ଦଳ ଅନୁଶାସନ ହିସାବରେ ଚାଲିବ । ଯେତେ ବରିଷ୍ଠ ହେଲେ ମଧ୍ୟ ସଭାପତିଙ୍କ ପରାମର୍ଶ କ୍ରମେ କାର୍ଯ୍ୟ ନିର୍ଣ୍ଣୟ ହେବ । ଯେତେ ବଡ଼ ନେତା ହେଲେ ମଧ୍ୟ କ୍ଷେତ୍ରକୁ ଯିବାକୁ ହେବ । ସେ କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା ଉପରେ ପ୍ରକାଶ କରି କହିଲେ ଯେ କଂଗ୍ରେସ ଦଳକୁ ପ୍ରଥମେ ଓଡ଼ିଶାବାସୀଙ୍କ ହୃଦୟ ଜିତିବାକୁ ପଡିବ । ସରକାରର ପ୍ରତ୍ୟେକ ଦୁର୍ନୀତି ବିରୁଦ୍ଧରେ ଏକ ବଡ ଧରଣର ଲମ୍ବା ଆନ୍ଦୋଳନ କଂଗ୍ରେସ କରିବ ବୋଲି ସମ୍ୟକ ସୂଚନା ଦେଇଥିଲେ । ପିଏସି ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ବିଭିନ୍ନ ପ୍ରସଙ୍ଗ ବିଷୟରେ ସୂଚନା ଦେଇଥିଲେ । ଦଳଠାରୁ ଉର୍ଦ୍ଧ୍ୱରେ କେହି ନୁହନ୍ତି, ତେଣୁ ଦଳର ଅନୁଶାସନ ସମସ୍ତଙ୍କ ପାଇଁ ଅଗ୍ରାଧିକାର ବୋଲି ସହପ୍ରଭାରୀ ଜେଟି କୁସୁମ କୁମାର କହିଥିଲେ । ବରିଷ୍ଠ କଂଗ୍ରେସ ନେତା ନିରଂଜନ ପଟ୍ଟନାୟକ ଓଡ଼ିଶା ରାଜନୀତିରେ ସୃଷ୍ଟ ଶୂନ୍ୟସ୍ଥାନକୁ ପୂରଣ କରିବାକୁ ହେଲେ କଂଗ୍ରେସକୁ ବହୁତ ପରିଶ୍ରମ କରିବାକୁ ପଡ଼ିବ ବୋଲି କହିଥିଲେ । ବ୍ଲକ୍ ସଭାପତିମାନଙ୍କୁ ନେଇ ଏକ



ସମାବେଶ ଆୟୋଜନ କରିବାକୁ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ । କେନ୍ଦୁଝରେ ଡିଏମ୍‌ଏଫ୍ ପାଣ୍ଠିରେ ଥିବା ୧୪,୦୦୦ କୋଟି ଟଙ୍କାର ଏକ ଅଂଶ ଜନଜାତିଙ୍କ ବିକାଶ ପାଇଁ ବିନିଯୋଗ କରିଥିଲେ ଦାଦନ ସମସ୍ୟା ଦୂର ହୋଇଥାନ୍ତା ଓ ତେଲକୋଇର ୧୪ ମହିଳାଙ୍କୁ ତାମିଲନାଡୁରେ ମରିବାକୁ ପଡ଼ି ନ ଥାନ୍ତା ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ । ଖଣି ଉତ୍ତୋଳନ ଉପରେ ୫୦% ସେସ୍ ଲଗାଇଲେ ରାଜ୍ୟକୁ ବର୍ଷକୁ ଦେଢ଼ ଲକ୍ଷ କୋଟି ମିଳିପାରନ୍ତା ବୋଲି ସେ ମତ ଦେଇଥିଲେ । ବାହାରକୁ ଦାଦନ ଖଟିବାକୁ ଯାଇଥିବା ୧.୨୫ କୋଟି ଓଡ଼ିଆଙ୍କ ବିଷୟରେ ଶ୍ୱେତପତ୍ର ପ୍ରକାଶ କରିବାକୁ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଦାବି କରିଥିଲେ । ତେଲକୋଇର ପ୍ରତି ମୃତ ମହିଳାଙ୍କ ପରିବାରକୁ ୨୫ ଲକ୍ଷ ଦେବାସହ ଜଣକୁ ଚାକିରୀ ଦେବାକୁ ଦାବି କରିଥିଲେ । ଓଡ଼ିଶାର ବିଦ୍ୟୁତ ଶୁଳ୍କ ନେଇ ଲବଣ ସତ୍ୟାଗ୍ରହ ପରି ଏକ ଆନ୍ଦୋଳନ ଆବଶ୍ୟକ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ କହିଥିଲେ । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏକାଧିକ ପ୍ରସଙ୍ଗରେ କଂଗ୍ରେସର ସ୍ୱର ଆହୁରି ଶାଣିତ ହେବା ଦରକାର ବୋଲି ମତ ଦେଇଥିଲେ । ଦଳରେ ଅଧିକ ସଂଖ୍ୟକ ମହିଳା କାର୍ଯ୍ୟକର୍ତ୍ତା ଲୋଡ଼ା ବୋଲି କୋରାପୁଟ ସାଂସଦ ସପ୍ତଗିରି ଉଲାକା ମତ ଦେଇଥିଲେ । ଓଡ଼ିଶା କଂଗ୍ରେସରେ ଏକ ନବଚିନ୍ତନ ବୈଠକ କରିବାକୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ପ୍ରସ୍ତାବ ଦେଇଥିଲେ । ରାଜ୍ୟର ଜନସଂଖ୍ୟାର ୯୦ ପ୍ରତିଶତ ଆଦିବାସୀ-ଦଳିତ-ଓବିସି ସେମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଯୁକ୍ତି ବାଢ଼ିଥିଲେ । ପିଏସି କମିଟିର ବହୁ ସଦସ୍ୟ ନିଜ ମତାମତ ଉପସ୍ଥାପନ କରିଥିଲେ । ଆଗାମୀ ଦିନରେ କଂଗ୍ରେସରେ ଏକତା ପ୍ରତିଷ୍ଠା କରି ଏକ ଶକ୍ତିଶାଳୀ ରାଜନୈତିକ ଦଳ ଭାବରେ ରାଜ୍ୟ ଗଢି ତୋଳିବାକୁ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ ।

## ଗଡଦେଉଳିଆ ବିଦେଶୀ ମଦ ଦୋକାନ ମାମଲା ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ହେବ ମଦ ଦୋକାନ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡଦେଉଳିଆ ଠାରେ ବିଦେଶୀ ଠିପି ବନ୍ଦ ମଦ ଦୋକାନ ଖୋଲିବାକୁ ଗ୍ରାମବାସୀଙ୍କ ବିରୋଧ ନେଇ ଶୁକ୍ରବାର ରାତିରେ ରାସ୍ତା ଅବରୋଧ କରିବା ସହ ଦୋକାନ ଘେରିଥିଲେ । ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଘଟଣା ଶାନ୍ତ ପଡ଼ିଥିଲା । ଶୁକ୍ରବାର ଏନେଇ ବୈଶିଙ୍ଗା ଥାନାର ଅଭ୍ୟର୍ଥନା ଗୃହ ପରିସରରେ ଗଡଦେଉଳିଆ ଗ୍ରାମବାସୀ,ନୂତନ ଲାଇସେନ୍ସ ଧାରୀ ଅଜିତ ସିଂହ ଏବଂ ଅନ୍ୟ ଅଧିକାରୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା, ବେତନଟୀ ଅବକାରୀ ଥାନାଧିକାରୀ ପ୍ରଦୀପ ବେହେରା ,ବୈଶିଙ୍ଗା ଥାନାଧିକାରୀ ବାରିଣି ଦାସଙ୍କ ଉପସ୍ଥିତିରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା ।

## ବର୍ଷା ଋତୁରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ

# ବିତରଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କଲା ଟିପିଡବ୍ଲୁଓଡିଏଲ୍

ଭୁବନେଶ୍ୱର (ସବ୍ୟୁ): ଚଳିତ ବର୍ଷା ଋତୁରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ସୃଷ୍ଟି ହେବାକୁ ଥିବା ଆହ୍ୱାନ ଗୁଡ଼ିକକୁ ଦୃଷ୍ଟିରେ ରଖି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଇଅଛି । ଭିତ୍ତିଭୂମିର ଉନ୍ନତୀକରଣ, ପ୍ରତିଷେଧକ ରକ୍ଷଣାବେକ୍ଷଣ ଏବଂ ବ୍ୟାପକ ବର୍ଷାକାଳୀନ ପ୍ରସ୍ତୁତି ମାଧ୍ୟମରେ ବର୍ଷା ଋତୁରେ ନିରବଚ୍ଛିନ୍ନ, ସୁରକ୍ଷିତ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷା ଋତୁରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ସ୍ଥିରତା ବଜାୟ ରଖିବା ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ସମସ୍ତ କାର୍ଯ୍ୟକ୍ଷେତ୍ରରେ ବ୍ୟାପକ ପ୍ରତିଷେଧକ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପନ୍ନ କରାଯାଇଛି । ଏଥିଲାଗି ବିଭିନ୍ନ ୩୩ କେ.ଭି., ୧୧ କେ.ଭି. ଏବଂ ଲୋ-ଟେନସନ୍ ବିଦ୍ୟୁତ୍ ଲାଇନର ଯାଞ୍ଚ, କ୍ଷତିଗ୍ରସ୍ତ ଖୁଣ୍ଟ, ଇନସୁଲେଟର, ଜମ୍ପର ଓ ଅନ୍ୟାନ୍ୟ ଉପକରଣର ପରିବର୍ତ୍ତନ ସହ ବିଦ୍ୟୁତ୍ ଲାଇନ୍ ନିକଟବର୍ତ୍ତୀ ଗଛର ଡାଳ କାଟିବା କାର୍ଯ୍ୟ କରାଯାଇଛି । ଯାହାଦ୍ୱାରା ପ୍ରତିକୂଳ ପାଣିପାଗ ଯୋଗୁଁ ବିଦ୍ୟୁତ୍ ବିଭ୍ରାଟର ସମ୍ଭାବନା ହ୍ରାସ ପାଇପାରିବ । କମ୍ପାନୀ ପକ୍ଷରୁ ସମଗ୍ର କାର୍ଯ୍ୟକ୍ଷେତ୍ରରେ ୩,୪୨୬ଟି ମଧ୍ୟବର୍ତ୍ତୀ ଖୁଣ୍ଟ ସ୍ଥାପନ କରାଯାଇଛି । ଏହାସହ ସାଧାରଣ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମଗ୍ର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ସ୍ୱତନ୍ତ୍ର ଇଲେକ୍ଟ୍ରିକାଲ୍ ଲିକେଜ୍ ଟେଷ୍ଟିଂ ଡ୍ରାଇଭ୍ କରାଯାଇ ସମ୍ଭାବ୍ୟ ଲିକେଜ୍ ସ୍ଥାନଗୁଡ଼ିକୁ ଚିହ୍ନଟ ଓ ସମାଧାନ କରାଯାଇଛି । ବର୍ଷାଜନିତ ବିଦ୍ୟୁତ୍ ବିଭ୍ରାଟର ତୁରନ୍ତ ସମାଧାନ ପାଇଁ କମ୍ପାନୀ ପକ୍ଷରୁ ସମଗ୍ର କାର୍ଯ୍ୟକ୍ଷେତ୍ରରେ ସ୍ୱତନ୍ତ୍ର ଜରୁରୀକାଳୀନ ଟିମ୍ ମୁତୟନ କରାଯାଇଛି । ଏହାସହ ସମ୍ବଲପୁର, ହୀରାକୁଦ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ଆଧୁନିକୀକରଣ ପାଇଁ ମା' ଶକ୍ତିନଗର, ପ୍ରଧାନପଡ଼ା, ବୁଢ଼ାରାଜା ହିଲ୍ଟପ୍, ଖେତରାଜପୁର ମାର୍କେଟ୍, ଚିତ୍ରଗୁପ୍ତ, ହୀରାକୁଦର ଚକ୍ରବର୍ତ୍ତୀପଡ଼ା ଏବଂ ଝଙ୍କାରପଡ଼ା, ଜାମଯୋରୀ ଓ ବୈଷ୍ଣବଝୁଲି ଗ୍ରାମରେ ଏକାଧିକ ନେଟୱର୍କ ସୁଦୃଢ଼ୀକରଣ ପ୍ରକଳ୍ପ ସଫଳତାର ସହ ସମ୍ପନ୍ନ କରାଯାଇଛି ।

## ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ର୍‍ୟାକେଟ୍‌ର ୪ ଗିରଫ , ୫୦.୫କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର, (ସବ୍ୟୁ) : ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ର୍‍ୟାକେଟ୍‌ର ୪ଜଣ ସଦସ୍ୟଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ । ସେମାନେ ବଡଗଡ ଥାନା ଅନ୍ତର୍ଗତ ପାଣ୍ଡବନଗରରେ ଗୋଦାମ କରିଥିବା ଗୁଇନ୍ଦା ସୂଚନା ଆଧାରରେ ଏସ୍‌ଟିଏଫ୍ ଖବର ପାଇଥିଲା । ସେଠାରେ ଚଢାଉ କରିବା ବେଳକୁ ର୍‍ୟାକେଟର ୪ଜଣ ଉପସ୍ଥିତ ରହିବା ସହ ଗୋଦାମରେ ୫୦.୫କେଜି ଗଞ୍ଜେଇ ଥିଲା । ସେହି ଗଞ୍ଜେଇକୁ ଏସ୍‌ଟିଏଫ୍ ଟିମ୍ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଥିଲା । ଗିରଫ ୪ଜଣ ହେଲେ କନ୍ଧମାଳର ଚନ୍ଦନ ଦିଗାଲ (୨୩), ରଶ୍ମିରଞ୍ଜନ ଦିଗାଲ (୨୬), କେରଳର ମହମ୍ମଦ ଆସିଫ୍ (୨୭) ଓ ବାଲେଶ୍ୱରର ଶୁଭ୍ରାଂଶୁ ଶେଖର ପଣ୍ଡା (୨୨) । ଏହି ର୍‍ୟାକେଟ୍ କେରଳ, ପଶ୍ଚିମବଙ୍ଗ, ଝାଡଖଣ୍ଡ, ବେଙ୍ଗାଲୁରୁ, ମହାରାଷ୍ଟ୍ର, କର୍ଣ୍ଣାଟକ ପ୍ରଭୃତି ରାଜ୍ୟକୁ ଭୁବନେଶ୍ୱର ଗୋଦାମରୁ ଗଞ୍ଜେଇ ଚାଲାଣ କରନ୍ତି ବୋଲି ଏସ୍‌ଟିଏଫ୍ କହିଛି । ଚନ୍ଦନ ଓ ରଶ୍ମିରଞ୍ଜନ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱର ଗୋଦାମରେ ପହଞ୍ଚାଇଥାନ୍ତି । ଏହାପରେ ମାଷ୍ଟରମାଇଣ୍ଡ ମହମ୍ମଦ ଆସିଫ୍ ଚାଲାଣ ବ୍ୟବସ୍ଥା କରିଥାଏ । ଏହି ଗଞ୍ଜେଇ ସିଣ୍ଡିକେଟ୍ ଦୀର୍ଘଦିନ ହେବ ଚାଲିଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ସୂଚନା ପାଇ ତାଙ୍କୁ କାବୁ କରିବାରେ ସମର୍ଥ ହେଲା । ଗିରଫ ୪ଜଣଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ରଥଯାତ୍ରା ସମୀକ୍ଷା ବୈଠକ

ପୁରୀ, (ସବ୍ୟୁ): ରଥଯାତ୍ରା ପାଇଁ ରାଜ୍ୟର ନଗର ଉନ୍ନୟନ ବିଭାଗ ପାଇଁ ଅନେକ ଆହ୍ୱାନ ରହିଥାଏ । ପୁରୀ ମହାନଗର ନିଗମ ବହୁ ପୂର୍ବରୁ ଚଳିତ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ସମସ୍ତଙ୍କ ସହଯୋଗ ଓ ସମ୍ମିଳିତ ଭାବେ କାର୍ଯ୍ୟ କରି, ଉନ୍ନତ ସେବା ଯୋଗାଇ ଶୃଙ୍ଖଳିତ ରଥଯାତ୍ରାକୁ ସଫଳ କରିବା ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ । ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅପରାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ସୁସ୍ଥ ଓ ସୁରକ୍ଷିତ ଦର୍ଶନ ପାଇଁ ନଗର ଉନ୍ନୟନ ବିଭାଗ ଏକ ପ୍ରମୁଖ ମାଧ୍ୟମ । ସହରକୁ ସଫା ସୁତୁରା ରଖିବା, ସୁସ୍ଥ ପରିବେଶ ସୃଷ୍ଟି କରିବା, ଶୌଚାଳୟ ବ୍ୟବସ୍ଥା କରିବା,ପାର୍କିଂ, ଆଲୋକିକରଣ ଇତ୍ୟାଦି ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ



ଦେଇଥିଲେ । ବର୍ତ୍ତମାନ ସୁଦ୍ଧା ସହରର ସମସ୍ତ ନଳାକୁ ସଫା କରାଯାଇଛି । ବଡଦାଣ୍ଡର ଉଭୟ ପାର୍ଶ୍ୱ ଡ୍ରେନ ଗୁଡିକ ଜାଗୃତି ୱେଲଫେୟାର ସଂସ୍ଥା ଦ୍ୱାରା ସଫା ସରିଛି । ୨୪ ଗୋଟି ପାର୍କିଂ ସ୍ଥଳ ପାଇଁ ବ୍ୟବସ୍ଥା କରାଯାଇଛି,ସହରର ସମସ୍ତ ସାହି,ଗଳି ରାସ୍ତା ମରାମତି କାମ ଓ ପଟ ହୋଲ ମରାମତି କାମ ସମ୍ପୂର୍ଣ୍ଣ ହୋଇଛି, ବୁଲା ଗାଈଗୋରୁ ଙ୍କୁ ନିୟନ୍ତ୍ରଣ କରିବା ପାଇଁ କାଞ୍ଜିଆହୁଦାଳ ବ୍ୟବସ୍ଥା କରାଯାଇଛି,ବର୍ଷା କୁ ଆଖି ଆଗରେ ରଖି ୩୦ ଟି ଖାଲୁଆ ଅଞ୍ଚଳ ଚିହ୍ନଟ କରାଯାଇ ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ପମ୍ପ ସେଟ ରଖାଯାଇଛି, ଏନଫୋର୍ସମେଣ୍ଟ କାର୍ଯ୍ୟ ନିୟମିତ କରାଯାଇଉଛି । ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ଅନୁସାରେ ପୁରୀ ମହାନଗର ନିଗମର ବିବିଧ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ସର୍ବାଧିକ ଗୁରୁତ୍ୱ ସ୍ୱଚ୍ଛତା ଉପରେ ଦିଆଯିବା ସହ ସମସ୍ତ ନାଗରିକ ମାନଙ୍କୁ ସଚେତନ କରାଯିବ । କେହି ସ୍ୱଚ୍ଛତା ନିୟମ ଉଲ୍ଲଘଂନ କରୁଥିଲେ ତାଙ୍କୁ ଫାଇନ କରାଯିବ ବୋଲି ସ୍ଥିର ହୋଇଛି । ଚଳିତ ରଥଯାତ୍ରା ରେ ବଡଦାଣ୍ଡରେ ଆଦୌ ରନ୍ଧା ଖାଦ୍ୟ ଦିଆଯିବ ନାହିଁ । ଶୁଖିଲା ଖାଦ୍ୟ ବଣ୍ଟା ଯାଇ ପାରିବ । ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ,ବିଭିନ୍ନ ସାଇନଏଜ ବା ସୂଚନା ଫଳକ ଲଗାଯାଇ ଖାଦ୍ୟ, ପାନୀୟ, ଚିକିତ୍ସା ଇତ୍ୟାଦି ସମ୍ପର୍କରେ ଲୋକଙ୍କୁ ସୂଚିତ କରାଯିବ ବୋଲି ସ୍ଥିର ହୋଇଛି । ସମୀକ୍ଷା ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାସ,ଅତିରିକ୍ତ ସଚିବ ଶୁଭାନନ୍ଦ ମହାପାତ୍ର, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା,ମହାନଗର ନିଗମର ଯୁଗ୍ମ ସଚିବ ଅଭିମନ୍ୟୁ ବେହେରା, ମହାନଗର ନିଗମର ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ତରଙ୍ଗ ଟେଲରିଂ ସେଣ୍ଟର ଉଦ୍‌ଘାଟିତ



ଭୁବନେଶ୍ୱର (ସବ୍ୟୁ): ମହିଳା ସଶକ୍ତିକରଣ ଏବଂ ସ୍ଥାୟୀ ଜୀବିକା ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇର ସିଏସ୍‌ଆର ଶାଖା, ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍, ସମ୍ବଲପୁରର ଜେଏସ୍‌ଡବ୍ଲ୍ୟୁ ଟାଉନସିପରେ ତରଙ୍ଗ ଟେଲରିଂ ସେଣ୍ଟର ଉଦଘାଟନ କରିଛି । ଏହି ପଦକ୍ଷେପର ଲକ୍ଷ୍ୟ ଗ୍ରାମୀଣ ମହିଳାମାନଙ୍କ ସିଲେଇ କୌଶଳକୁ ବୃଦ୍ଧି କରିବା ଏବଂ କେନ୍ଦ୍ରିତ ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀତା ମାଧ୍ୟମରେ ସ୍ଥାୟୀ ଆୟ-ଉତ୍ପାଦନକାରୀ ସୁଯୋଗ ସୃଷ୍ଟି କରିବା । କ୍ଲବ ସଦସ୍ୟା ଶ୍ରୀମତୀ ସନ୍ଧ୍ୟା ସପ୍ରା, ଶ୍ରୀମତୀ ସାରିକା ଜୈନ ଏବଂ ଶ୍ରୀମତୀ ମନିଷା ଚାଣ୍ଡେଲଙ୍କ ଉପସ୍ଥିତିରେ ଆକାଂକ୍ଷା ଲେଡିଜ୍ କ୍ଲବର ସଭାପତି ଶ୍ରୀମତୀ ପ୍ରିତି ରାୟ ଏହି କେନ୍ଦ୍ରର ଉଦଘାଟନ କରିଥିଲେ । ପ୍ରକଳ୍ପ ପରିଧିର ଗ୍ରାମରୁ ମୋଟ ୪୧ ଜଣ ମହିଳା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କୁ ତରଙ୍ଗ ଟେଲରିଂ ସେଣ୍ଟରର ଉଦ୍ଦେଶ୍ୟ ଏବଂ କାର୍ଯ୍ୟକାରିତା ସହିତ ପରିଚିତ କରାଯାଇଥିଲା ।

## ବିଦ୍ୟାଳୟରେ ପୁସ୍ତକ ତ୍ରୁଟି ପ୍ରସଙ୍ଗ

# ଦୋଷୀଙ୍କ ବିରୋଧରେ ମାମଲା ରୁଜୁ ପାଇଁ ପ୍ରାର୍ଥନା

କଟକ,(ସବ୍ୟୁ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପୁସ୍ତକରେ ବହୁ ପରିମାଣର ତ୍ରୁଟି ଥିବାବେଳେ ଏହି ଘଟଣା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରାର୍ଥନା କରି ଲାଲବାଗ ଥାନାରେ ଏତଲା ଦେଇଛନ୍ତି ହାଇକୋର୍ଟର ଆଇନଜୀବୀ ନିଶିକାନ୍ତ ମିଶ୍ର । ଏଭଳି ତ୍ରୁଟି ଦ୍ୱାରା ରାଜ୍ୟର ଭବିଷ୍ୟତଙ୍କ ଭବିଷ୍ୟତକୁ ନଷ୍ଟ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଶ୍ରୀ ମିଶ୍ର ଏତଲାରେ ଦର୍ଶାଇଛନ୍ତି ଯେ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ଛପା ଯାଇଥିବା ବିଭିନ୍ନ ପୁସ୍ତକରେ ପ୍ରାୟ ୨ହଜାର ୬୦୦ ଭୁଲ୍ ଥିବା ଜଣାପଡ଼ିଛି । ଏହି ଘଟଣା ଜଣାପଡ଼ିବା ପରେ ସମଗ୍ର ରାଜ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ଘଟଣାକୁ ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ସ୍ୱୀକାର କରିଛନ୍ତି । ଏହି ପୁସ୍ତକ ତ୍ରୁଟି ପଛରେ ଷଡ଼ଯନ୍ତ୍ର ରହିଥିବା ସେ କହିଛନ୍ତି । ଏହି ଘଟଣା ପଛରେ ସରକାରୀ ଅଧିକାରୀ, ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସମ୍ପୃକ୍ତି ରହିଛି । କିଛି ସରକାରୀ ଅଧିକାରୀ ତ୍ରୁଟିପୂର୍ଣ୍ଣ ଡିଜାଇନ କରିଛନ୍ତି । ଏଭଳି ତ୍ରୁଟିପୂର୍ଣ୍ଣ ପୁସ୍ତକ ଦ୍ୱାରା ରାଜ୍ୟର ଛୋଟ ପିଲାଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି । ଏଭଳି କାର୍ଯ୍ୟରେ ଦାୟୀ ଅଧିକାରୀଙ୍କ ବିରୋଧରେ ବିଏସ୍‌ଏସ୍‌ର ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବାକୁ ଶ୍ରୀ ମିଶ୍ର ଏତଲାରେ ଦର୍ଶାଇଛନ୍ତି । ଏହି ଏତଲାରେ ପୁସ୍ତକରେ ରହିଥିବା ପ୍ରତ୍ୟେକଟି ତ୍ରୁଟି ସଂକ୍ରାନ୍ତରେ ମଧ୍ୟ ଶ୍ରୀ ମିଶ୍ର ଉଲ୍ଲେଖ କରିଛନ୍ତି ।

## ଦୁର୍ଘଟଣାରେ ସ୍ୱାମୀ ଅକର୍ମଣ୍ୟ : ଜୀବନ ହାରିଲା ସ୍ତ୍ରୀ

ବାଲେଶ୍ୱର, (ସବ୍ୟୁ): ଚାରିବର୍ଷ ପୂର୍ବେ ସାହାଦା ଗ୍ରାମର ମଣିଷ କୁମାର ସାହୁ(୨୨) ହର୍ଷପୁରା ଗ୍ରାମର ମମତା ମହାଳିକ (୨୧) କୁ ଭଲପାଇ ବାହା ହୋଇଥିଲେ । କିଛି ଦିନ ପୂର୍ବରୁ ସ୍ୱାମୀ ମଣିଷ ଦୁର୍ଘଟଣାରେ ବିଛଣାଶାୟୀ ହୋଇଛନ୍ତି । ଚଲାବୁଲା କିଛି କରି ନପାରିବାରୁ ପାରିବାରିକ ଅବସ୍ଥା ବହୁତ ଖରାପ ହୋଇପଡ଼ିଛି । ଏପରିଅବସ୍ଥା ଦେଖି ଦୁଃଖରେ ଭାଙ୍ଗି ପଡ଼ି ମମତା ଗୁରୁବାରଦିନ ଘରେ ଫାଶୀ ଦେଇଦେଇଥିଲା । ବାଲେଶ୍ୱର ଡାକ୍ତରଖାନାକୁ ଆଣିବା ପରେ ଚାନ୍ଦିପୁର ପୁଲିସ ଏବଂ ସାଇଣ୍ଟିଫିକ ଟିମ ଉପସ୍ଥିତ ରହି ଆଜି ବ୍ୟବଚ୍ଛେଦ କରିବା ସାଙ୍ଗେ, ଚାନ୍ଦିପୁର ପୁଲିସ ୧୩୬/୨୬ର ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

## ଚିକିତ୍ସା ବାହାନାରେ ୧୫ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ


ଭୁବନେଶ୍ୱର, (ସବ୍ୟୁ) : ହୃଦ୍‌ରୋଗ ଚିକିତ୍ସା କଥା କହି ୧୫ଲକ୍ଷ ଟଙ୍କା ଋଣ ନେଇ ନଫେରାଇବାରୁ ଅଭିଯୁକ୍ତକୁ ଗିରଫ କରିଛି ଭରତପୁର ଥାନା ପୋଲିସ । ଗିରଫ ଅଭିଯୁକ୍ତ ମନୋଜ କୁମାର ସାହୁ (୬୦) କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି ।

ଅଭିଯୋଗକାରୀ ନାରାୟଣ ଚନ୍ଦ୍ର ପଣ୍ଡା ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀରେ ରୁହନ୍ତି । ୨୦୨୧ ମସିହାରେ ଅଭିଯୁକ୍ତ ମନୋଜ ତାଙ୍କ ଭାଇଁ ବିନାୟକ ଦ୍ୱିବେଦୀ ଓ ସଞ୍ଜୟ କୁମାର ଖିଲାରଙ୍କ ମାଧ୍ୟମରେ ହୃଦ୍‌ରୋଗ ଚିକିତ୍ସା କଥା କହି ୧୫ଲକ୍ଷ ଟଙ୍କା ଋଣ ନେଇଥିଲା । ୬ ମାସ ମଧ୍ୟରେ ପରିଶୋଧ କରିବାକୁ କହି ଚୁକ୍ତି କରି ଚେକ୍ ମଧ୍ୟ ଦେଇଥିଲା । ଚୁକ୍ତି ଅନୁଯାୟୀ ସେହି ଚେକ୍ ବ୍ୟାଙ୍କରେ ଲଗାଇବା ପରେ ତାହା ବାଉନ୍ସ ହୋଇଯାଇଥିଲା ।

୨୦୨୧ ମସିହାରୁ ୨୦୨୬ ମସିହା ମଧ୍ୟରେ ଅଭିଯୁକ୍ତ ବାରମ୍ବାର ପ୍ରତିଶ୍ରୁତି ଦେଇ ଟଙ୍କା ନଦେବାରୁ ନାରାୟଣ ଚନ୍ଦ୍ର ପଣ୍ଡା ଭରତପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ହେବା ପରେ ପ୍ରମାଣ ଅନୁଯାୟୀ ଅଭିଯୁକ୍ତ ମନୋଜ ସାହୁଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ବିଏସ୍‌ଇ ଓ ଏନ୍‌ଏସ୍‌ଇର ମେନବୋର୍ଡରେ ତାଲିକାଭୁକ୍ତ ହେଲା ସିଏସ୍‌ଏମ୍ ଟେକ୍ନୋଲୋଜିଜ୍

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ମୁଖ୍ୟାଳୟ ବିଶିଷ୍ଟ ବହୁରାଷ୍ଟ୍ରୀୟ ଗଭ୍‌ଟେକ୍ କମ୍ପାନୀ ସିଏସଏମ୍ ଟେକ୍ନୋଲୋଜିଜ୍ ଲିମିଟେଡ୍ ନିଜର ପ୍ରାରମ୍ଭିକ ସାର୍ବଜନୀନ ଶେୟାର୍ ନିର୍ଗମ ସଫଳତାର ସହ ସମ୍ପନ୍ନ କରିବା ପରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ ଏବଂ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ ର ମେନବୋର୍ଡରେ ତାଲିକାଭୁକ୍ତ ହୋଇଛି । ବିଏସଇରେ ଆୟୋଜିତ ଔପଚାରିକ ତାଲିକାଭୁକ୍ତି ସମାରୋହରେ ପାରମ୍ପରିକ ଲିଷ୍ଟିଂ ଗଙ୍ଗ୍ ବଜାଇ ଏହି ଐତିହାସିକ କ୍ଷଣକୁ ଉଦ୍‌ଯାପନ କରାଯାଇଥିଲା । ଏହି ଅବସରରେ ସିଏସଏମ୍ ଟେକ୍ନୋଲୋଜିଜ୍‌ର ନେତୃତ୍ୱବର୍ଗଙ୍କ ସହ ବିଶିଷ୍ଟ ଅତିଥି, ନିର୍ଦ୍ଦେଶକମଣ୍ଡଳୀର ସଦସ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହା କେବଳ କମ୍ପାନୀର



ସଫଳତାର ଉତ୍ସବ ନୁହେଁ, ବରଂ ଓଡ଼ିଶାର ଦ୍ରୁତ ବିକାଶଶୀଳ ପ୍ରଯୁକ୍ତି ଓ ଉଦ୍ୟୋଗୀ ପରିବେଶ ପାଇଁ ମଧ୍ୟ ଏକ ଗର୍ବର ମୁହୂର୍ତ୍ତ । ଏହି ଅବସରରେ ସିଏସଏମ୍ ଟେକ୍ନୋଲୋଜିଜ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟଦର୍ଶୀ ପାଣି କହିଥିଲେ, "ଆଜିର ଏହି ତାଲିକାଭୁକ୍ତି କେବଳ ଶେୟାର ବଜାରରେ ପ୍ରବେଶ ନୁହେଁ; ଏହା ଓଡ଼ିଶାର ପ୍ରଯୁକ୍ତିଗତ ଆକାଂକ୍ଷାର ପରିପକ୍ୱତାର ପ୍ରତୀକ । ଭୁବନେଶ୍ୱରରେ ଆମର ଛୋଟ ଯାତ୍ରାରୁ ଆରମ୍ଭ କରି ଆଜି ବିଶ୍ୱର ବିଭିନ୍ନ ଦେଶର ସରକାର ଓ ଉଦ୍ୟୋଗଗୁଡ଼ିକୁ ସେବା ପ୍ରଦାନ କରିବା ପର୍ଯ୍ୟନ୍ତ ଆମର ଏହି ସଫଳ ଯାତ୍ରା ଆମର ଗ୍ରାହକ, ନିବେଶକ, କର୍ମଚାରୀ ଏବଂ ସହଭାଗୀମାନଙ୍କ ଅତୁଟ ବିଶ୍ୱାସ ଯୋଗୁଁ ସମ୍ଭବ ହୋଇଛି ।

## ପେଟ୍ରୋଲରେ ଇଥାନଲ ମିଶ୍ରଣ

# ମିଥ୍ୟା ଅପପ୍ରଚାରକୁ ସରକାରଙ୍କ ଖଣ୍ଡନ

- ୧ ଲିଟର ପେଟ୍ରୋଲ ଉତ୍ପାଦନରେ ମାତ୍ର ୩ରୁ ୫ ଲିଟର ପାଣି ଖର୍ଚ୍ଚ
- ମାଇଲେଜ ହ୍ରାସ ଦାବି ଅମୂଳକ, ଇଞ୍ଜିନ କ୍ଷତି ଓ କଳଙ୍କି ଲାଗିବାର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ

**ନୂଆଦିଲ୍ଲୀ:** ଇ୨୦ ପେଟ୍ରୋଲରେ ଗାଡ଼ିର ମାଇଲେଜ ହ୍ରାସ ପାଉଥିବା ନେଇ ହେଉଥିବା ଚର୍ଚ୍ଚାକୁ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ସ୍ୱୀକାର କରିଛନ୍ତି। ଏହାଦ୍ୱାରା ମାଇଲେଜ ଅଳ୍ପ କମୁଛି। କିନ୍ତୁ ମାଇଲେଜ କମିବାର ଅନେକ କାରଣ ରହିଛି। ଇ୨୦ ତେଲରେ ତ୍ୱରଣ ଓ ଇଞ୍ଜିନ ପ୍ରଦର୍ଶନରେ ଉନ୍ନତି ଆସିଥିବା ସେ ଦାବି କରିଛନ୍ତି। ଦେଶବ୍ୟାପୀ ପେଟ୍ରୋଲରେ ଇଥାନଲ ମିଶାଇ ବିକ୍ରି କରିବା ପାଇଁ ଜାରି ରହିଥିବା କାର୍ଯ୍ୟକ୍ରମକୁ ସେ ଦୃଢ଼ ଭାବେ ସମର୍ଥନ କରିଛନ୍ତି। ଦେଶର ସବୁ ପେଟ୍ରୋଲ ପମ୍ପରେ ଇ୨୦ ପେଟ୍ରୋଲ



ବିକ୍ରି ହେଉଛି। ଗାଡ଼ି ନିର୍ମାତା ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା କରି ସରକାର ଏହି ତେଲ ଆଣିଛନ୍ତି। ଖୁବ୍‌ଶୀଘ୍ର ଇ୨୫ ତେଲ ବିକ୍ରି ପାଇଁ ଯୋଜନା ରହିଛି। ସେ ଦିଗରେ କାମ ଜୋରସୋରେ ଚାଲିଛି। ପେଟ୍ରୋଲ୍‌ରେ ଇଥାନଲ ମିଶାଇବା କିଛି ନୂଆ କଥା ନୁହେଁ।କିଂବଦନ୍ତୀ କାର୍ ନିର୍ମାତା ହେନରି ଫୋର୍ଡ ଏହାକୁ 'ଭବିଷ୍ୟତର ତେଲ' ଆଖ୍ୟା ଦେଇଥିଲେ। ଏଭଳିକି ରେସିଂ କାର୍ଗୁଡ଼ିକରେ ମଧ ଇଥାନଲ୍ ମିଶା ତେଲ ପଡୁଛି ବୋଲି ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି।ପୂର୍ବରୁ ଦେଶରେ ଇ୧୦ ତେଲ ବିକ୍ରି ହେଉଥିଲା। କିନ୍ତୁ ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ଇ୨୦ ତେଲ ବିକ୍ରିକୁ ଦେଶବ୍ୟାପୀ ସରକାର ବାଧ୍ୟତାମୂଳକ କରିଥିଲେ। ଏହି ତେଲ ପକାଇଲେ ଗାଡ଼ିର ମାଇଲେଜ ହ୍ରାସ ପାଇବା, ଇଞ୍ଜିନର କ୍ଷତି ହେବା ଆଦି ପ୍ରସଙ୍ଗକୁ ନେଇ ବ୍ୟାପକ ଆଲୋଚନା ହେଉଛି। ସବୁଠୁ ବଡ଼ ସମସ୍ୟା ହେଉଛି ଇ୨୦ ତେଲ ପକାଇବାକୁ ଚାହୁଁନଥିବା ଗ୍ରାହକମାନଙ୍କ ପାଇଁ ପେଟ୍ରୋଲ ପମ୍ପରେ କେବଳ ପେଟ୍ରୋଲ୍‌ର ବିକଳ୍ପ ନାହିଁ। ବ୍ରାଜିଲ ଓ ଆମେରିକାର କିନ୍ତୁ ଗାଡ଼ି ଚାଳକମାନେ ବିକଳ୍ପ ଇନ୍ଧନ ପାଉଛନ୍ତି। ଇ୨୦ ତେଲକୁ ନେଇ ପୁରୁଣା ଗାଡ଼ି ମାଲିକମାନେ ଅଧିକ ଚିନ୍ତିତ ହୋଇପଡ଼ିଛନ୍ତି। କାରଣ ସେହି ଗାଡ଼ିଗୁଡ଼ିକର ଇଞ୍ଜିନକୁ ତାହା ଅଧିକ କ୍ଷତି କରିବା ଆଶଙ୍କା ରହିଛି। ଏବେ ତିଆରି ହେଉଥିବା ନୂଆ ଗାଡ଼ିର ଇଞ୍ଜିନକୁ ଅଧିକ ଇଥାନଲ ମିଶା ତେଲ ପାଇଁ ସ୍ୱତନ୍ତ୍ର ଭାବେ ବିକାଶ କରାଯାଉଛି।ନିକଟରେ କେନ୍ଦ୍ର ସରକାର ଇ୨୦ ଏକ ପରୀକ୍ଷଣ ବୋଲି ସୁପ୍ରିମକୋର୍ଟଙ୍କୁ କହିଥିବା ଖବର ପ୍ରକାଶ ପାଇଥିଲା। ତେବେ ସେହି ଖବରକୁ ସରକାର ଦୃଢ଼ ଭାବେ ଖଣ୍ଡନ କରିଥିଲେ। ଅଧିକ ଇଥାନଲ ମିଶା ପେଟ୍ରୋଲ ଆଣିବା କାର୍ଯ୍ୟକ୍ରମକୁ ସମର୍ଥନ କରିଥିଲେ। ସରକାରଙ୍କ ଯୁକ୍ତି ହେଉଛି ପେଟ୍ରୋଲରେ ଅଧିକ ଇଥାନଲ ମିଶାଇ ବିକ୍ରି କଲେ ଦୁଇଟି ଲାଭ ମିଳିବ। ଗୋଟିଏ ହେଉଛି ଅଶୋଧିତ ତେଲ ମଗାଇବାରେ ହେଉଥିବା ବିଦେଶୀ ମୁଦ୍ରା ଖର୍ଚ୍ଚ କମିଯିବ। ଦ୍ୱିତୀୟଟି ହେଉଛି ଇଥାନଲ ଉତ୍ପାଦନ ପାଇଁ ଆବଶ୍ୟକ କୃଷିଜାତ ସାମଗ୍ରୀ ଯୋଗାଇ ଚାଷୀମାନେ ଉପକୃତ ହୋଇପାରିବେ।

## ଖାଇକୁ ଖସିଲା ଯାତ୍ରୀବାହି ବସ୍, ୪୦ ମୃତ , ୮ ଆହତ

**ଇସଲାମାବାଦ:** ଦକ୍ଷିଣ- ପଶ୍ଚିମ ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଶୁକ୍ରବାର ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୪୦ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ଯାତ୍ରୀମାନଙ୍କୁ ନେଇ ଯାଉଥିବା ବସଟି ଗଭୀର ଖାଇକୁ ଖସି ପଡ଼ିଥିଲା। ବସରେ କ୍ଷମତାଠାରୁ ଅଧିକ ଯାତ୍ରୀ ଥିବା କୁହାଯାଉଛି। ବସଟି କ୍ୱେଟାରୁ ଇସଲାମାବାଦ ଯାଉଥିଲା। ବସରେ ମୋଟ ୪୮ ଜଣ ଯାତ୍ରୀ ଥିବା ଜଣାପଡ଼ିଛି। ବଲୁଚିସ୍ତାନ ସରକାରଙ୍କ ମୁଖପାତ୍ର ସହିଦ ରିନ୍ଦ କହିଛନ୍ତି ଯେ, ବଲୁଚିସ୍ତାନ ଓ ଖାଇବର ପଖତୁନଖ୍ୱା ପ୍ରଦେଶ ସୀମା ନିକଟରେ ଥିବା ଏକ



ଦୁର୍ଗମ ଅଞ୍ଚଳରେ ବସଟି ନିୟନ୍ତ୍ରଣ ହରାଇ ଏକ ଘାଟିରେ ଖସି ପଡ଼ିଥିଲା। ବସଟି କ୍ୱେଟାରୁ ୩୬ ଯାତ୍ରୀଙ୍କୁ ନେଇ ଆସୁଥିବାବେଳେ ରାସ୍ତାରେ ଖରାପ ହୋଇଯାଇଥିବା ଅନ୍ୟ ଏକ ବସର ଯାତ୍ରୀ ଏହି ଗାଡ଼ିକୁ ଚାଲି ଆସିବା ଯୋଗୁ ଗାଡ଼ି ଭିତରେ ଅଧିକ ଗହଳି ହୋଇଯାଇଥିଲା। ରିନ୍ଦ କହିଛନ୍ତି, ଉଦ୍ଧାରକାରୀ ଦଳ ମୃତକଙ୍କୁ ଚିହ୍ନଟ କରୁଛି। ପାକିସ୍ତାନରେ ରାସ୍ତାଘାଟ ଖରାପ ହୋଇଥିବାରୁ ସଡ଼କ ଦୁର୍ଘଟଣା ସାଧାରଣ କଥା ହୋଇଥାଏ। ମେ ମାସରେ ଉତ୍ତର ପଶ୍ଚିମ ପାକିସ୍ତାନରେ ରାସ୍ତାରେ ଛିଡା ହୋଇଥିବା ଏକ ବସ୍ ସହିତ ମିନିବସ୍ ଧକ୍କାରେ ୧୭ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ଅନ୍ୟ ପାଞ୍ଚ ଜଣ ଆହତ ହୋଇଥିଲେ। ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲ୍ଲି ଜର୍ଦ୍ଦାରୀ ଏହି ଦୁର୍ଘଟଣାକୁ ନେଇ ଶୋକ ପ୍ରକାଶ କରିଛନ୍ତି। ବଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ସରଫରାଜ ବୁଗ୍ତୀ ମଧ ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିବା ସହିତ ଆହତଙ୍କୁ ଡାକ୍ତରୀ ଚିକିତ୍ସା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମେଡିକାଲ୍ ଜରୁରୀକାଳୀନ ପ୍ରତିକ୍ରିୟା କେନ୍ଦ୍ର ଅନୁଯାୟୀ, ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳରୁ ୪୦ ଟି ମୃତଦେହ ଉଦ୍ଧାର କରିଛି। ଆଠ ଜଣ ଆହତ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ଝୋବ ଟ୍ରମା ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଦୁର୍ଘଟଣାର କାରଣ ତଦନ୍ତ କରୁଛି।

## ୩୧ ଲକ୍ଷ ଇପିଏଫ୍ ଆକାଉଣ୍ଟରେ ପଡ଼ିରହିଛି ୯୩୩୦ କୋଟି

**ନୂଆଦିଲ୍ଲୀ:** ଦେଶବ୍ୟାପୀ ୩୦.୯୧ ଲକ୍ଷରୁ ଅଧିକ ଅଚଳ ଇପିଏଫ୍ ଆକାଉଣ୍ଟରେ ୯,୩୩୦ କୋଟି ଟଙ୍କା ଜମା ହୋଇ ରହିଛି ।ଏହି ଟଙ୍କା ଉଠାଇବା ପାଇଁ ସଂପୃକ୍ତ ଆକାଉଣ୍ଟଧାରୀମାନେ ଦାବି କରି ନାହାନ୍ତି ।କର୍ମଚାରୀ ଭବିଷ୍ୟ ନିଧି ସଂଗଠନର ସୂଚନା ଅନୁଯାୟୀ, ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ସୁଦ୍ଧା ଦେଶରେ ୩୦,୯୧,୮୭୨ଟି ଅଚଳ ଇପିଏଫ୍ ଆକାଉଣ୍ଟ ଥିଲା, ଯେଉଁଥିରେ ୯,୩୩୦ କୋଟି ଟଙ୍କାର ଦାବିହୀନ ଅର୍ଥ ଜମା ରହିଥିଲା । ସଦ୍ୟତମ ଆରଟିଆଇ ତଥ୍ୟରୁ ଜଣାପଡ଼ିଛି ଯେ ଗତ

### ଆସୁନାହାନ୍ତି ଦାବିଦାର

ଆର୍ଥିକ ବର୍ଷ ତୁଳନାରେ ଏଥିରେ ସାମାନ୍ୟ ସୁଧାର ଆସିଛି ।୨୦୨୫ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଅଚଳ ଇପିଏଫ୍ ଆକାଉଣ୍ଟ ସଂଖ୍ୟା ୩୧.୮୩ ଲକ୍ଷ ଥିବାବେଳେ, ଏକ ବର୍ଷ ପରେ (୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା) ଏହା ପ୍ରାୟ ୯୨,୦୦୦ ହ୍ରାସ ପାଇ ୩୦.୯୧ ଲକ୍ଷରେ ପହଞ୍ଚିଛି । ସେହିପରି ଦାବିହୀନ ଅର୍ଥର ପରିମାଣ ମଧ ୧୦,୧୮୧ କୋଟିରୁ ୮୫୧ କୋଟି ହ୍ରାସ ପାଇ ୯,୩୩୦ କୋଟି ଟଙ୍କା ହୋଇଛି ।ଏହି ହ୍ରାସ ସେ%ଂ ପ୍ରଦତ୍ତ ତଥ୍ୟ ସମସ୍ୟାର ଗମ୍ଭୀରତାକୁ ସ୍ପଷ୍ଟ କରୁଛି, ଯେଉଁଠି ପ୍ରାୟ ୩୧ ଲକ୍ଷ ଆକାଉଣ୍ଟ ନିଷ୍କ୍ରିୟ ହୋଇ ପଡ଼ିଛି ଏବଂ ଶ୍ରମିକମାନଙ୍କ ହଜାର ହଜାର କୋଟି ଟଙ୍କାର ଅବସରକାଳୀନ ସଞ୍ଚୟ ଏବେ ବି ଦାବି କରାଯିବା ଅପେକ୍ଷାରେ ରହିଛି ।

## ଇରାନର ସର୍ବୋଚ୍ଚ ନେତା ଖେମିନିଙ୍କ ଶେଷକୃତ୍ୟ ଆଜି

- ଗ୍ରାଣ୍ଡ ମୋସାଲ୍ଲାରେ ପହଞ୍ଚିଲା ପ୍ରାର୍ଥିବ ଶରୀର
- ଦେଶ ବିଦେଶରୁ ଯୋଗଦେବେ ଅଗଣିତ ନେତା

**ତେହେରାନ:** ଆମେରିକା ଓ ଇସ୍ରାଏଲର ମିଳିତ ଏୟାର ଷ୍ଟ୍ରାଇକ୍ (ବିମାନ ଆକ୍ରମଣ) ରେ ପ୍ରାଣ ହରାଇଥିବା ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖେମିନିଙ୍କ ପାର୍ଥିବ ଶରୀର ଶୁକ୍ରବାର ତେହେରାନର ପ୍ରସିଦ୍ଧ ""ଗ୍ରାଣ୍ଡ ମୋସାଲ୍ଲା"" କମ୍ପ୍ଲେକ୍ସରେ ପହଞ୍ଚିଛି। ଇରାନର ଜାତୀୟ ପତାକାରେ ଆବୃତ ହୋଇଥିବା ତାଙ୍କ କଫିନକୁ ଦେଖି ସେଠାରେ ଉପସ୍ଥିତ ଥିବା ହଜାର ହଜାର ଶୋକାକୁଳ ପ୍ରଶଂସକ ଓ କଳା ପୋଷାକ ପିନ୍ଧିଥିବା ଶ୍ରଦ୍ଧାଳୁ କାନ୍ଦି ପକାଇଥିଲେ। ଆସନ୍ତାକାଲି (ଶନିବାର) ଅନୁଷ୍ଠିତ ହେବାକୁ ଥିବା ଏହି ସରକାରୀ ଶେଷକୃତ୍ୟ କାର୍ଯ୍ୟକ୍ରମରେ ଦେଶବିଦେଶରୁ ଲକ୍ଷ ଲକ୍ଷ ଲୋକ ଏବଂ ଅନେକ ବିଦେଶୀ ନେତା ଯୋଗଦେବେ ବୋଲି ଆଶା କରାଯାଉଛି। ଇରାନର ମୁଖ୍ୟ ଆଲୋଚକ ତଥା ସଂସଦ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଦେଶବାସୀଙ୍କୁ ବହୁ ସଂଖ୍ୟାରେ ଏକାଠି ହେବାକୁ ନିବେଦନ କରି କହିଛନ୍ତି ଯେ,




ଏହି ମୃତ୍ୟୁର ପ୍ରତିଶୋଧ ପାଇଁ ସାରା ବିଶ୍ୱରେ ଇରାନର ସ୍ୱର ଗୁଞ୍ଜରିତ ହେବା ଉଚିତ। ୮୬ ବର୍ଷ ବୟସରେ ପ୍ରାଣ ହରାଇଥିବା ଖେମିନିଙ୍କ ଶେଷକୃତ୍ୟ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ବର୍ତ୍ତମାନ ଇରାନ ଓ ଆମେରିକା ମଧ୍ୟରେ ଏକ ଅସ୍ଥାୟୀ ଯୁଦ୍ଧବିରତି ଚାଲିଥିବା ବେଳେ ଏହି ଅନ୍ତିମ ସଂସ୍କାର ହେବାକୁ ଯାଉଛି। ପାକିସ୍ତାନର



ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ସମେତ ଚୀନ୍, ଆଫଗାନିସ୍ତାନ ଓ ଆଖପାଖର ପ୍ରାୟ ୩୦ଟି ଦେଶର ପ୍ରତିନିଧି ଏଥିରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧.୫ ରୁ ୨ କୋଟି ଲୋକ ସାମିଲ ହେବାର ସମ୍ଭାବନା ରହିଛି, ଯାହା ଦେଶ ଇତିହାସର ସବୁଠାରୁ ବଡ଼ ଶେଷକୃତ୍ୟ ହେବ। ଏଥିପାଇଁ ସରକାର ତେହେରାନ, କୁମ୍ ଏବଂ ମସାଦ୍ ସହରରେ ସରକାରୀ ଛୁଟି ଘୋଷଣା କରିଛନ୍ତି। ସୁରକ୍ଷା ଦୃଷ୍ଟିରୁ ସହରର କେନ୍ଦ୍ରାଞ୍ଚଳରେ ଗାଡ଼ି ଚଳାଚଳ ଉପରେ କଟକଣା ଲଗାଯାଇଛି ଏବଂ ଆକାଶମାର୍ଗକୁ ମଧ ଆଂଶିକ ବନ୍ଦ କରାଯାଇଛି ।ତେବେ ସୁରକ୍ଷା ଗ୍ୟାରେଣ୍ଟି ନଥିବାରୁ ଖେମିନିଙ୍କ ପୁଅ ତଥା ନୂଆ ସର୍ବୋଚ୍ଚ ନେତା ମୋଜତାବା ଖେମିନି ଏହି ସାଧାରଣ ସଭାରେ ସାମ୍ନାକୁ ଆସିବାର ସମ୍ଭାବନା କମ୍ ବୋଲି ଭାରତରେ ଥିବା ଇରାନର ପ୍ରତିନିଧି ଆୟାତୋଲ୍ଲା ହାକିମ ଇଲାହୀ ସୂଚନା ଦେଇଛନ୍ତି।

## ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଶସ୍ତା

### ଏବେ ଗ୍ରାହକଙ୍କୁ ମିଳିବନି ଫାଇଦା

**ନୂଆଦିଲ୍ଲୀ:** ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଶସ୍ତା ହୋଇଥିଲେ ମଧ ତାହାର ଲାଭ ଏତେଶୀଘ୍ର ଗ୍ରାହକମାନଙ୍କୁ ମିଳିବ ନାହିଁ। ପେଟ୍ରୋଲ ଦର ଏବେ କମିବନି ବୋଲି ତୈଳ ମନ୍ତ୍ରୀ ହରଦୀପ ସିଂହ ପୁରୀ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ଆଉ କିଛି ସପ୍ତାହ ପର୍ଯ୍ୟନ୍ତ ଅଶୋଧିତ ତେଲ ଦର ନିମ୍ନସ୍ତରରେ ରହିଲେ ହିଁ ତେଲ ଦର ହ୍ରାସ ସମ୍ପର୍କରେ ବିଚାର କରାଯାଇପାରିବ ।ସେ କହିଛନ୍ତି ଯେ ଇରାନ ଯୁଦ୍ଧ ଦ୍ୱାରା ସାରା ବିଶ୍ୱର ଉର୍ଜା କ୍ଷେତ୍ରରେ ବିଭ୍ରାଟ ଦେଖାଦେଇଥିଲା। ଭାରତ କିନ୍ତୁ ଏହାର ତୈଳ, ଏଲ୍‌ପିଜି ଓ ଏଲ୍‌ଏନ୍‌ଜି ଗ୍ରାହକମାନଙ୍କୁ ଯଥା ସମ୍ଭବ ସୁରକ୍ଷା ଦେବାରେ ସଫଳ ହୋଇଥିଲା। ବିଭିନ୍ନ ଦେଶ ତେଲ ଦର ବଢ଼ାଇଦେଲେ। ଯୁଦ୍ଧ ହେବାର ୭୬ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ କ୍ଷତି ଅସହ୍ୟ ହେବାକୁ ତୈଳ କମ୍ପାନିଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦରକୁ ଚାରି ଥରରେ ଲିଟର ପ୍ରତି ୮ଟଙ୍କା ପର୍ଯ୍ୟନ୍ତ ବଢ଼ାଇଥିଲେ। ସେହି ଦରବୃଦ୍ଧି ବିଶ୍ୱର ଅନ୍ୟତମ ସର୍ବନିମ୍ନ ଥିଲା ବୋଲି ଶ୍ରୀ ପୁରୀ କହିଛନ୍ତି। ଯୁଦ୍ଧ ବନ୍ଦ କରିବା ନେଇ ଇରାନ ଓ ଆମେରିକା ମଧ୍ୟରେ ଅନ୍ତରୀଣ ଚୁକ୍ତି ସ୍ୱାକ୍ଷର ହେବା ପରଠାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଯଥେଷ୍ଟ ଶସ୍ତା ହୋଇଛି। ଯୁଦ୍ଧ ପରେ ପ୍ରାୟ ଅଢ଼େଇ ମାସ ପର୍ଯ୍ୟନ୍ତ ଏହାର ଦାମ ୧୦୦ ଡଲାର ଉପରେ ଥିଲା। କିନ୍ତୁ ଶାନ୍ତି ଚୁକ୍ତି ହେବା ପରେ ତାହା ଦ୍ରୁତ ଗତିରେ ତଳକୁ ଖସିଛି। ଗତକାଲି ବ୍ରେଣ୍ଟ କ୍ରୁଡ୍ର ଦାମ ବ୍ୟାରେଲ୍‌କୁ ୭୦.୯୧ ଡଲାର, ଆମେରିକାର ୱେଷ୍ଟ ଟେକ୍ସାସ୍ ଇଣ୍ଟରମେଡିଆରିଜ୍‌ର ଦାମ୍ ୬୭.୮୩ ଡଲାର ଓ ମୁର୍ବାନ୍‌ର ଦାମ୍ ୬୪.୩୩ ଡଲାର ରହିଥିଲା।

## ୧୦ରେ ନ୍ୟୁଜିଲାଣ୍ଡ ଗସ୍ତରେ ଯିବେ ମୋଦୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ମୋଦୀ ଜୁଲାଇ ୧୦ ତାରିଖରେ ନ୍ୟୁଜିଲାଣ୍ଡ ଗସ୍ତରେ ଯିବେ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ ମୋଦୀ ପ୍ରଥମ ଥର ନ୍ୟୁଜିଲାଣ୍ଡ ଗସ୍ତ କରିବେ। ଗତ ୪୦ ବର୍ଷରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ନ୍ୟୁଜିଲାଣ୍ଡ ଗସ୍ତ ହେବ। ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଶୁକ୍ରବାର ଘୋଷଣା କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀ ଆସନ୍ତା ସପ୍ତାହରେ ତାଙ୍କର ପ୍ରଥମ ସରକାରୀ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରିବେ। ଲକ୍ସନ କହିଛନ୍ତି ଯେ, ନ୍ୟୁଜିଲାଣ୍ଡ-ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସହିତ ଦୁଇ ଦେଶ ସେମାନଙ୍କ ସମ୍ପର୍କକୁ ପରବର୍ତ୍ତୀ ସ୍ତରକୁ ନେଇଯିବେ। ଏହାଦ୍ୱାରା ନ୍ୟୁଜିଲାଣ୍ଡରେ ଅଧିକ ନିଯୁକ୍ତି, ଅଧିକ ରପ୍ତାନୀ ଓ ଅଧିକ ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି ହେବ ବୋଲି କହିଛନ୍ତି।

## ସୋନମଙ୍କ ଜାମିନ ଉପରେ ସ୍ଥଗିତାଦେଶ ଦେବାକୁ ମନା କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ:** ସୁପ୍ରିମକୋର୍ଟ ସ୍ୱାମୀ ରାଜା ରଘୁବଂଶୀଙ୍କ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସୋନମ ରଘୁବଂଶୀଙ୍କୁ ଦିଆଯାଇଥିବା ଜାମିନ ଉପରେ ସ୍ଥଗିତାଦେଶ ଦେବାକୁ ମନା କରିଦେଇଛନ୍ତି। ଗତବର୍ଷ ମେ ମାସରେ ରାଜା ରଘୁବଂଶୀଙ୍କ ହତ୍ୟା ପରେ ପୁଲିସ ତାଙ୍କ ପତ୍ନୀ ସୋନମଙ୍କ ସମେତ ୫ ଜଣଙ୍କୁ ଗିରଫ କରିଥିଲା । ପୁଲିସ ଦାବି କରିଥିଲା ଯେ ସୋନମ ନିଜ ପ୍ରେମୀ ଏବଂ କିଛି ସୁପାରି କିଲରଙ୍କ ସହାୟତାରେ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ହତ୍ୟା ଭଳି ସଂଗୀନ ଅପରାଧରେ ସମ୍ପୃକ୍ତ ଥାଇ ମାତ୍ର ୧୧ ମାସ ମଧ୍ୟରେ ଅଭିଯୁକ୍ତ ସୋନମ ଜାମିନ ପାଇବା ପରେ ବିଭିନ୍ନ ମହଲରେ ଅସନ୍ତୋଷ ବାତାବରଣ ରହିଛି ।ସୋନମଙ୍କ ଜାମିନ ସ୍ଥଗିତ ରଖିବାକୁ ବିଭିନ୍ନ ମହଲରେ ଦାବି କରାଯାଉଥିବା ବେଳେ ଶୁକ୍ରବାର ଜାମିନ ଉପରେ ସ୍ଥଗିତାଦେଶ ଦେବାକୁ ମନା କରିଦେଇଛନ୍ତି। କୋର୍ଟଙ୍କ କହିବାନୁସାରେ, ସୋନମ ଜେଲରୁ ଜାମିନ ପାଇ ବାହାରି ସାରିଛନ୍ତି। ଏଭଳି ସମୟରେ ତାଙ୍କ ଜାମିନକୁ ନେଇ ବାଟ ଓଗାଳିବା ଉଚିତ ହେବ ନାହିଁ। ଏହି ମାମଲାର ଆଗାମୀ ଶୁଣାଣି ଗୁରୁବାର ହେବ। ସେ ପର୍ଯ୍ୟନ୍ତ ସୋନମ ଜାମିନରେ ରହିବେ।

## ଆଧାର ଆପରେ ମାଗଣାରେ ମିଳିବ ଇ-ମେଲ୍ ଅପଡେଟ ସୁବିଧା

**ନୂଆଦିଲ୍ଲୀ:** ଆଧାର ଆପ୍ ଜରିଆରେ ଲୋକମାନେ ମାଗଣାରେ ଇମେଲ୍ ଆଇଡି ଯୋଡ଼ିପାରିବେ ଓ ତାହାକୁ ଅପଟେଡ ମଧ କରିପାରିବେ। ଏଥିପାଇଁ ସେମାନଙ୍କୁ ନିକଟସ୍ଥ ଆଧାର କେନ୍ଦ୍ର ଦୌଡ଼ିବାକୁ ପଡ଼ିବନାହିଁ ବୋଲି ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ପକ୍ଷରୁ କୁହାଯାଇଛି ।ଏହି ସୁବିଧା ଆସନ୍ତା ୬ ମାସ ପାଇଁ ମିଳିବ। ଚଳିତ ମାସ ୧ରୁ ଏହି ସେବା ଆରମ୍ଭ ହେବା ପରେ ଦୁଇ ଦିନ ମଧ୍ୟରେ ୨,୫୦,୦୦୦ ଲୋକ ସେମାନଙ୍କ ଇମେଲ୍ ଠିକଣା ଅପଡେଟ୍ କରିଛନ୍ତି। ଆଧାର ସହିତ ଇମେଲ୍ ଲିଙ୍କ୍ କଲେ ଆଧାର ପ୍ରମାଣୀକରଣ ସମୟରେ ବାସ୍ତବ ସମୟ ସୂଚନା ପହଞ୍ଚିପାରିବ। ଆଧାର ଆପ୍ ଜରିଆରେ ଲୋକମାନେ ନିଜ ସ୍ମାର୍ଟଫୋନ୍ ଜରିଆରେ ମୋବାଇଲ୍ ନମ୍ବର ଓ ଠିକଣା ମଧ ଅପଡେଟ୍ କରିପାରିବେ। ବର୍ତ୍ତମାନ ସୁଦ୍ଧା ୪୦ ଲକ୍ଷରୁ ଅଧିକ ଲୋକ ନିଜର ମୋବାଇଲ୍ ନମ୍ବର ଅପଡେଟ୍ କରିସାରିଛନ୍ତି। ୧୦ ଲକ୍ଷ ଲୋକ ଠିକଣା ଅପଡେଟ୍ କରିଥିବା ୟୁଆଇଡିଏଆଇ ପକ୍ଷରୁ ସୂଚନା ଦିଆଯାଇଛି।

### ଦାମାସ୍କସ୍ କାଫେରେ ବିସ୍ଫୋରଣ: ୯ ମୃତ

**ଦାମାସ୍କସ୍:** ସିରିଆର ରାଜଧାନୀ ଦାମାସ୍କସ୍ର ଏକ କାଫେରେ ଗୁରୁବାର ଭୟଙ୍କର ବୋମା ବିସ୍ଫୋରଣ ଘଟି ୯ ଜଣଙ୍କର ମୃତ୍ୟୁ ହୋଇଛି ଓ ୨୦ ଜଣ ଆହତ ହୋଇଛନ୍ତି। ଦଶନ୍ଧିରୁ ଅଧିକ ସମୟ ଧରି ଯୁଦ୍ଧ ପରେ ସ୍ଥିରତା ଖୋଜୁଥିବା ଦେଶର ଇସଲାମିକ ନେତାମାନଙ୍କ ପାଇଁ ଏହା ଏକ ସଦ୍ୟତମ ଚ୍ୟାଲେଞ୍ଜ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଗତବର୍ଷ ଏକ ଚର୍ଚ୍ଚ ଉପରେ ହୋଇଥିବା ଆତ୍ମଘାତୀ ଆକ୍ରମଣ ପରେ ଏହି ବିସ୍ଫୋରଣ ସବୁଠାରୁ ଭୟଙ୍କର ଥିଲା। ତେବେ ବିସ୍ଫୋରଣ ପାଇଁ କେହି ନିଜକୁ ଦାୟୀ କରିନାହାନ୍ତି। ସୁରକ୍ଷା ବାହିନୀ ବିସ୍ଫୋରଣ ଘଟିଥିବା ସ୍ଥାନକୁ ଘେରାବନ୍ଦୀ କରିଥିଲେ। ଦାମାସ୍କସ୍ର ନ୍ୟାୟ ଭବନ ନିକଟରେ ଥିବା ଏକ କାଫେରେ ଘଟିଥିବା ବିସ୍ଫୋରଣ ସେହି ସ୍ଥାନରେ ରଖାଯାଇଥିବା ଏକ ବିସ୍ଫୋରକ ଉପକରଣ ଯୋଗୁଁ ହୋଇଥିଲା ବୋଲି ସରକାରୀ ଟେଲିଭିଜନ କହିଛି।

## ଅମରନାଥ ଯାତ୍ରୀଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ୫ଟି ସଂକଳ୍ପ ବାର୍ତ୍ତା

**ନୂଆଦିଲ୍ଲୀ:** ପବିତ୍ର ଅମରନାଥ ଯାତ୍ରା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦେଶର ସମସ୍ତ ଶିବଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଏକ ସ୍ୱତନ୍ତ୍ର ବାର୍ତ୍ତା ସେୟାର କରିଛନ୍ତି। ବାବା ବର୍ଫାନୀଙ୍କ ଏହି ପବିତ୍ର ଯାତ୍ରାକୁ ଭାରତର ଆଧ୍ୟାତ୍ମିକ ପରମ୍ପରା ଏବଂ ସାଂସ୍କୃତିକ ଏକତାର ଏକ ଅମର ଅଧ୍ୟାୟ ଭାବେ ବର୍ଣ୍ଣନା କରିଛନ୍ତି ପ୍ରଧାନମନ୍ତ୍ରୀ। ସୋସିଆଲ ମିଡିଆ ପ୍ଲାଟଫର୍ମ "ଏକ୍ସ"ରେ ପୋଷ୍ଟ କରି ସେ ଲେଖିଛନ୍ତି ଯେ, ବାବା ବର୍ଫାନୀଙ୍କ ଦର୍ଶନ ସହ ଜଡ଼ିତ ଅମରନାଥ ଯାତ୍ରା ଆମ ଆଧ୍ୟାତ୍ମିକ ଚେତନାର ପ୍ରତୀକ ଏବଂ ଏହି ପବିତ୍ର ଅବସରରେ ସେ ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖି "୫ଟି ସଂକଳ୍ପ" ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଏହି ଯାତ୍ରା କେବଳ ଏକ ଧାର୍ମିକ ଯାତ୍ରା ନୁହେଁ, ବରଂ ଏହା "ଏକ ଶ୍ରେଷ୍ଠ ଭାରତ" ର ଭାବନାକୁ ଦର୍ଶାଏ, ଯେଉଁଠାରେ ବିଭିନ୍ନ ରାଜ୍ୟ, ଭାଷା ଓ ପରମ୍ପରାର ଲୋକ ଏକାଠି ହୁଅନ୍ତି। ସେ ଜାମ୍ମୁ-କାଶ୍ମୀରର ସ୍ଥାନୀୟ ଲୋକଙ୍କ ଆତିଥେୟତା ଏବଂ ଯାତ୍ରାକୁ ସଫଳ କରିବାରେ ଦିନରାତି ଏକ କରିଥିବା ଭାରତୀୟ ସେନା, ସୁରକ୍ଷା ବଳ, ପୋଲିସ, ସ୍ୱାସ୍ଥ୍ୟକର୍ମୀ ଓ ପ୍ରଶାସନିକ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଚିଠିରେ ସେ ଶ୍ରଦ୍ଧାଳୁମାନଙ୍କୁ ପରିବେଶ ସୁରକ୍ଷା ଓ ସାମାଜିକ ବିକାଶ ପାଇଁ ୫ଟି ବିଶେଷ ସଂକଳ୍ପ ନେବାକୁ କହିଛନ୍ତି, ଯେଉଁଥିରେ ହିମାଳୟ ଅଞ୍ଚଳକୁ ସ୍ୱଚ୍ଛ ରଖିବା, ପ୍ରଶାସନର ସମସ୍ତ ସୁରକ୍ଷା ନିୟମ ମାନିବା, ସ୍ଥାନୀୟ ଲୋକଙ୍କ ଆର୍ଥିକ ସ୍ଥିତି ମଜବୁତ କରିବା ପାଇଁ ସେଠାକାର



ସାମଗ୍ରୀ କିଣିବା, ଯାତ୍ରାରୁ ଫେରିବା ପରେ ନିଜ ପ୍ରିୟଜନଙ୍କ ନାଁରେ ଗୋଟିଏ ଗଛ ଲଗାଇବା ଏବଂ ସମ୍ପୂର୍ଣ୍ଣ ଯାତ୍ରା ସମୟରେ ପରସ୍ପର ମଧ୍ୟରେ ଭାଇଚାରା ଓ ଏକତା ବଜାୟ ରଖିବା ସାମିଲ ରହିଛି।

## ୟୁଜରନେମ୍ ପାଇଁ ଟେଲିଗ୍ରାମ ଓ ସିଗନାଲକୁ ନୋଟିସ୍

**ନୂଆଦିଲ୍ଲୀ:** ୟୁନେରମେନ ସେବା ଆରମ୍ଭ କରିବାକୁ ଯାଉଥିବା 'ମେଟା' ମାଲିକାନା ଅଧୀନସ୍ଥ ମେସେଜିଂ ଆପ୍ ହ୍ୱାଟସ୍‌ଆପ୍‌କୁ ନୋଟିସ୍ ପଠାଇବା ପରେ କେନ୍ଦ୍ର ସରକାର ଟେଲିଗ୍ରାମ୍ ଓ ସିଗନାଲ ମଧ ନୋଟିସ୍ ଜାରି କରିଛନ୍ତି। ପରିଚୟ ଲୁଚାଇବା ଓ ଠକେଇ ଭଳି ସମସ୍ୟା ମୁକାବିଲା କରିବାକୁ କମ୍ପାନି କଣ ସବୁ ବ୍ୟବସ୍ଥା କରିଛନ୍ତି ତାହା ଜାଣିବାକୁ ସରକାର ଚାହିଁଛନ୍ତି। ତେବେ, ୟୁଜରନେମ୍ ପ୍ରସଙ୍ଗରେ ହ୍ୱାଟସ୍‌ଆପ୍ ପକ୍ଷରୁ ସରକାରଙ୍କୁ ଉତ୍ତର ଦିଆଯାଇଛି। ହ୍ୱାଟସ୍‌ଆପ୍ କହିଛି ଯେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ନାମରେ ସେମାନଙ୍କ ବ୍ୟତୀତ ଅନ୍ୟ କେହି ୟୁଜରନେମ୍ ସୃଷ୍ଟି କରିପାରିବେ ନାହିଁ। ଏହି ସୁବିଧା ସମ୍ପୂର୍ଣ୍ଣ ଇଚ୍ଛାଧୀନ ରହିବ। କୌଣସି ଅଜଣା ବ୍ୟକ୍ତି ତାହାକୁ ଖୋଜି ବାହାର କରିପାରିବେ ନାହିଁ। ଏଥି ସହିତ ବ୍ୟବହାରକାରୀମାନେ ଚାହିଲେ 'ୟୁଜରନେମ୍ କି' ସୃଷ୍ଟି କରିପାରିବେ। କୌଣସି ଅଜଣା ବ୍ୟକ୍ତି ଯୋଗାଯୋଗ କରିବା ପୂର୍ବରୁ ତାଙ୍କୁ ଉଭୟ ୟୁଜରନେମ୍ ଓ ତାହାର କି ଦରକାର ପଡ଼ିବ। ହ୍ୱାଟସ୍‌ଆପ୍ ପକ୍ଷରୁ ଗତ ସପ୍ତାହରେ 'ୟୁଜରନେମ୍' ସୁବିଧା ଘୋଷଣା କରାଯାଇଥିଲା। ଅଜଣା ବ୍ୟକ୍ତିଙ୍କୁ ନିଜ ମୋବାଇଲ୍ ନମ୍ବର ଦେବାକୁ ଚାହୁଁ ନଥିବା ଲୋକମାନେ ୟୁଜରନେମ୍ ଜରିଆରେ ହ୍ୱାଟସ୍‌ଆପକୁ ବ୍ୟବହାର କରିପାରିବେ ବୋଲି କମ୍ପାନି ଜଣାଇଥିଲା। କିଛି ମାସ ପରେ ଏହି ସେବା ଉପଲବ୍ଧ ହେବାକୁ ଯାଉଛି। ତାପୂର୍ବରୁ ନିଜର ୟୁଜରନେମ ସଂରକ୍ଷିତ କରିବାକୁ କମ୍ପାନୀ ବ୍ୟବହାରକାରୀମାନଙ୍କୁ କହିଥିଲା। ଏହି ସେବା ସମ୍ପର୍କରେ ଘୋଷଣା ହେବା ପରେ ପରିଚୟ ଲୁଚାଇ ଯେକୌଣସି ବ୍ୟକ୍ତି ଲୋକଙ୍କୁ ଠକିପାରିବେ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ସୋସିଆଲ ମିଡିଆରେ ସେନେଇ ବ୍ୟାପକ ପ୍ରଚାର ହେବା ପରେ ସରକାର ତାହାକୁ ଗମ୍ଭୀରତାର ନେଇଥିଲେ ଓ ୟୁଜରନେମ୍ ବ୍ୟବସ୍ଥାକୁ ବନ୍ଦ କରିବାକୁ କମ୍ପାନିକୁ କହିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ନାଁରେ ଆପତ୍ତିଜନକ ମନ୍ତବ୍ୟ: ଡିଏମକେ ବିଧାୟକ ଗିରଫ

**ଚେନ୍ନାଇ:** ଟିଭିକେ ଅଧ୍ୟକ୍ଷ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ମାମଲାରେ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ଡିଏମକେ ବିଧାୟକ ଅନିତା ଆର ରାଧାକୃଷ୍ଣନଙ୍କ ଆଗୁଆ ଜାମିନ ଆବେଦନ ଖାରଜ



କରିବା ପରେ ତାମିଲନାଡୁ ପୁଲିସ ତାଙ୍କୁ ଗିରଫ କରିଛି। ଅଭିଯୋଗ ହୋଇଛି ଯେ, ବିଧାୟକ ସାର୍ବଜନୀନ ମଞ୍ଚରୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ବିରୋଧରେ ଆପତ୍ତିଜନକ ଓ ଅପମାନଜନକ ମନ୍ତବ୍ୟ ଦେଇଥିଲେ।ଜୁନ୍ ୨୦ ତାରିଖରେ ଅଥୁରରେ ପୂର୍ବତନ ମୁଖ୍ୟମନ୍ତ୍ରୀ କରୁଣାନିଧିଙ୍କ ଜୟନ୍ତୀ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଷଣ ଦେବାସମୟରେ ରାଧାକ୍ରିଷ୍ଣନ୍ ବିଜୟଙ୍କ ନାଁରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଏକ ମାମଲା ରୁଜୁ ହୋଇଥିଲା। ଗିରଫ ହେବା ଆଶଙ୍କା କରି ରାଧାକ୍ରିଷ୍ଣନ ମାଡ୍ରାସ ହାଇକୋର୍ଟରେ ଆଗୁଆ ଜାମିନ୍ ଆବେଦନ କରିଥିଲେ। ତେବେ କୋର୍ଟ ଶୁକ୍ରବାର ତାଙ୍କ ଆବେଦନ ଖାରଜ କରିଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପରେ ବିଧାୟକ ବିକାଶ କାର୍ଯ୍ୟ ଯାଞ୍ଚ କରିବାକୁ ସରକାରୀ କାର୍ଯ୍ୟାଳୟକୁ ଯାଇଥିବା ବେଳେ ପୁଲିସ ତାଙ୍କୁ ଗିରଫ କରିଥିଲା। ପୁଲିସ ତାଙ୍କୁ ଗିରଫ କରିବା ସମୟରେ ଡିଏମକେ କର୍ମୀମାନେ ପୁଲିସ କର୍ମଚାରୀଙ୍କୁ ଘେରି ଯାଇଥିଲେ ଏବଂ ତାଙ୍କୁ ପୁଲିସ ଗାଡ଼ିରେ ନେଇଯିବାରୁ ବାରଣ କରିବାକୁ ଚେଷ୍ଟା କରିଥିଲେ। ଦଳୀୟ କର୍ମୀମାନେ ଟିଭିକେ ସରକାରଙ୍କ ବିରୋଧରେ ମଧ ସ୍ଲୋଗାନ ଦେଇଥିଲେ। ପରେ ରାଧାକୃଷ୍ଣନଙ୍କୁ ତିରୁଚେନ୍ଦୁର ନିକଟସ୍ଥ ଅଥୁର ପୁଲିସ ଷ୍ଟେସନରେ ଅଟକ ରଖାଯାଇଥିଲା। ନିକଟରେ ଟିଭିକେ ସରକାର ରାଜ୍ୟପାଳ ଆର୍‌ଏନ୍ ରବି ଆର୍ଲେକରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟଦ୍ୱାରା ରୁଜୁ ମନି ଲଣ୍ଡରିଂ ମାମଲାରେ ରାଧାକ୍ରିଷ୍ଣନ ଓ ଭି ସେନ୍ଥିଲ ବାଲାଜୀଙ୍କ ବିରୋଧରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ।

ଫିଫା ବିଶ୍ୱକପ୍

# ଆଗେଇଲା ସ୍ୱିଜରଲାଣ୍ଡ




ନୂଆଦିଲ୍ଲୀ,୩।୭(ଏଜେନ୍ସି): ସ୍ୱିଜରଲାଣ୍ଡ ଫିଫା ବିଶ୍ୱକପର ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ସ୍ଥାନୀୟ ବିସି ପ୍ଲେସରେ ଅନୁଷ୍ଠିତ ମ୍ୟାଚରେ ସ୍ୱିଜରଲାଣ୍ଡ ୨-୦ ଗୋଲରେ ଆଲଜେରିଆକୁ ପରାସ୍ତ କରିଥିଲା। ଏହି ପରାଜୟ ସହ ଆଲଜେରିଆର ବିଶ୍ୱକପ ଅଭିଯାନ ଶେଷ ହୋଇଛି। ମ୍ୟାଚର ୧୦ ମିନିଟରେ ବ୍ରିଲ ଏମ୍ବୋଲୋଙ୍କ ଗୋଲରେ ସ୍ୱିଜରଲାଣ୍ଡ ଅଗ୍ରଣୀ ହାସଲ କରିଥିଲା। ଏହି ଗୋଲ ବଳରେ ସ୍ୱିଜରଲାଣ୍ଡ ପ୍ରଥମାର୍ଦ୍ଧକୁ ନିଜ ନିୟନ୍ତ୍ରଣରେ ରଖିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭର ୪୭ ସେକେଣ୍ଡରେ ସ୍ୱିଜରଲାଣ୍ଡ ଆଉ ଏକ ଗୋଲ ଦେଇ ୨-୦ରେ ଆଗକୁ ରହିଥିଲା। ଏହି ଗୋଲଟି ଡାନ ଏନଡୋୟେ ୪୬ ମିନିଟରେ ଗୋଲ ଦେଇଥିଲେ। ଏହି ଦୁଇ ଗୋଲ ପରେ ସ୍ୱିଜରଲାଣ୍ଡ ରକ୍ଷଣାତ୍ମକ ଖେଳିଥିଲା। ଆଲଜେରିଆକୁ ଗୋଲ ପରିଶୋଧର ସୁଯୋଗ ଦେଇନଥିଲା। ବ୍ରିଲ ଏମ୍ବୋଲୋଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

## ମାଡ୍ରିକଙ୍କ ଦୁଃଖଦ ବିଦାୟ

ଟରଣ୍ଟୋ,୩।୭(ଏଜେନ୍ସି): ନାଟକୀୟ ଭାବେ ଇଞ୍ଜୁରୀ ସମୟରେ ରାମଶଙ୍କର ହେଡର ବଳରେ ପର୍ତ୍ତୁଗାଲ ୨-୧ ଗୋଲରେ କ୍ରୋଏସିଆକୁ ପରାସ୍ତ କରିଛି। ଏହି ବିଜୟ ସହ ପର୍ତ୍ତୁଗାଲ ପ୍ରି-କ୍ୱାର୍ଟରଫାଇନାଲରେ ପହଞ୍ଚି ଯାଇଛି। ସୋମବାର କ୍ୱାର୍ଟରଫାଇନାଲ ସ୍ଥାନ ପାଇଁ କ୍ରିଷ୍ଟିଆନୋ ରୋନାଲ୍ଡୋ ଦଳ ସ୍ପେନକୁ ଭେଟିବ।

ଟରୋଣ୍ଟୋ ଷ୍ଟାଡିୟମରେ ଏହି ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ୫୩ତମ ମିନିଟରେ ଜୋଶିଫ ଷ୍ଟାନେସିକଙ୍କ ଏକ ସୁନ୍ଦର ପାସକୁ ଭେଟେରାନ ୱିଙ୍ଗର ଇଭାନ ପେରିସିକ ଗୋଲରେ ପରିଣତ କରି କ୍ରୋଏସିଆକୁ ଅଗ୍ରଣୀ କରାଇଥିଲେ। ୬୮ତମ ମିନିଟରେ ପର୍ତ୍ତୁଗାଲକୁ ମିଳିଥିବା ପେନାଲ୍ଟିକୁ ରୋନାଲ୍ଡୋ ଗୋଲରେ ପରିଣତ କରି ସ୍ଥିତି ୧-୧ କରିଥିଲେ। ଏହି ଗୋଲ ସହ ୪୧ ବର୍ଷୀୟ ରୋନାଲ୍ଡୋ ଫିଫା ବିଶ୍ୱକପ ଇତିହାସରେ ନକଆଉଟରେ ଗୋଲ ଦେବାରେ ସବୁଠାରୁ ବୟସ୍କ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ସେ ୪୧ ବର୍ଷ ୧୪୭ ଦିନ ବୟସରେ ଗୋଲ କରିଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ବୋସନିଆ ଓ ହର୍ଜ ଗୋଭାନା ଅଧିନାୟକ ଏଡିନ ଜେକୋ ୪୦ ବର୍ଷ ୧୬୦ ଦିନ ବୟସରେ ଅମେରିକା ବିପକ୍ଷରେ ଗୋଲ କରିଥିଲେ। ମ୍ୟାଚର ୮୨ତମ ମିନିଟରେ ରୋନାଲ୍ଡୋଙ୍କୁ ବାହାରକୁ ଆଣି ବଦଳ ଖେଳାଳି ଭାବେ ପଡିଆକୁ ଯାଇଥିବା ମାର୍ଟିନେଜ ୯୪ ମିନିଟରେ କମାଲ କରିଥିଲେ। ରାଫେଲ ଲିଓଙ୍କ ପାସକୁ ରାମୋସ ହେଡର ଜରିଆରେ ଗୋଲ କରି ପର୍ତ୍ତୁଗାଲକୁ ୨-୧ରେ ଅଗ୍ରଣୀ କରିଥିଲେ। ଏହି ବ୍ୟବଧାନ ଶେଷ ପର୍ଯ୍ୟନ୍ତ ବଳବର୍ତ୍ତର ରହିଥିଲା। ପର୍ତ୍ତୁଗାଲ ବିଜୟଲାଭ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିବା ବିଶ୍ୱକପ ଅଭିଯାନ ଶେଷ ହୋଇଛି। ବିବାଦରେ ଶେଷ ହୋଇଥିବା ଏହି ମ୍ୟାଚ ପରେ ଲୋକା ମାଡ୍ରିକଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ହୃଦୟ ବିଦାରକ ଅବସାନ ଘଟିଛି। ୫ଟି ବିଶ୍ୱକପ ଖେଳିଥିବା ୪୦ ବର୍ଷୀୟ ମାଡ୍ରିକଙ୍କ ନେତୃତ୍ୱରେ ଦଳ ୨୦୧୮ ରେ ଉପବିଜେତା ଏବଂ ୨୦୨୨ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ।



## ଅବସର ନେବେ କି ରୋନାଲ୍ଡୋ

ନୂଆଦିଲ୍ଲୀ,୩।୭(ଏଜେନ୍ସି): ପର୍ତ୍ତୁଗାଲର ମହାନ ଫୁଟବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ବଡ଼ ରେକର୍ଡ ନିଜ ନାଁରେ କରିଛନ୍ତି। ବିଶ୍ୱକପ ନକଆଉଟରେ ସବୁଠାରୁ ବୟସ୍କ (୪୧ ବର୍ଷ) ଖେଳାଳି ଭାବେ ସେ ଖେଳିଛନ୍ତି। ରାଉଣ୍ଡ-୩୨ ପର୍ଯ୍ୟାୟରେ ପର୍ତ୍ତୁଗାଲ ୨-୧ ଗୋଲରେ କ୍ରୋ-ଏସିଆକୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛି। ଇତିମଧ୍ୟରେ ରୋନାଲ୍ଡୋଙ୍କ ଅବସର ଖବର ବେସ ଚର୍ଚ୍ଚାର କାରଣ ସାଜିଛି। ତାଙ୍କ ଭଉଣୀ କ୍ୟାଟିୟେ ଏଭେରୀ ଏଭଳି ସୂଚନା ଦେଇଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ମୋ ପାଖରେ ଯେଉଁ ଖବର ଅଛି ରୋନାଲ୍ଡୋଙ୍କ ଏହା ଶେଷ ବିଶ୍ୱକପ ହେବ। ସେ ଅବସର ନେବା କଥା ଚିନ୍ତା କରୁଛନ୍ତି। ସେ ପର୍ଯ୍ୟନ୍ତ ଖେଳୁଛନ୍ତି ତାଙ୍କ ମ୍ୟାଚକୁ ଉପଭୋଗ କରନ୍ତି। ୨୦୦୩ରେ ରୋନାଲ୍ଡୋ ପର୍ତ୍ତୁଗାଲ ପକ୍ଷରୁ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେତେବେଳକୁ ତାଙ୍କୁ ୧୮ ବର୍ଷ ହୋଇଥିଲା। ସେ ବିଶ୍ୱକପର ତୃତୀୟ ଖେଳାଳି ଭାବେ ୬ଟି ବିଶ୍ୱକପ ଖେଳିଛନ୍ତି। ସେ ଖେଳିଥିବା ସମସ୍ତ ବିଶ୍ୱକପରେ ପ୍ରଥମ ଖେଳାଳି ଭାବେ ଗୋଲସ୍କୋର କରିଛନ୍ତି। ତରବରିଆ ଭାବେ ଅବସର ନେଉ ନାହିଁ ବୋଲି ରୋନାଲ୍ଡୋ କହିଛନ୍ତି। ବିଶ୍ୱକପ ଶେଷ ହେବା ପର୍ଯ୍ୟନ୍ତ ମୁଁ ଏସମ୍ପର୍କରେ ଚିନ୍ତା କରୁନି। ଅବସର ନେବା ପୂର୍ବରୁ ପରିବାର ଓ ନିକଟତମ ବ୍ୟକ୍ତିଙ୍କ ପରାମର୍ଶ ନେବି ବୋଲି ରୋନାଲ୍ଡୋ କହିଛନ୍ତି।



# ଅଷ୍ଟ୍ରେଲିଆ-ଇଂଲଣ୍ଡ ଫାଇନାଲ

## ମହିଳା ବିଶ୍ୱକପ

ନୂଆଦିଲ୍ଲୀ,୩।୭(ଏଜେନ୍ସି): ଚଳିତ ମହିଳା ଟି-୨୦ ବିଶ୍ୱକପର ଫାଇନାଲ ମୁକାବିଲା ଚୂଡାନ୍ତ ହୋଇଛି। ଦୁଇ ଶକ୍ତିଶାଳୀ ଦଳ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ମହାଲଢ଼େଇ ହେବ। ରବିବାର ଫାଇନାଲ ମ୍ୟାଚ ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଖେଳାଯିବ। ପ୍ରଥମ ସେମିଫାଇନାଲରେ ୬ଥର ଚାମ୍ପିଅନ ଅଷ୍ଟ୍ରେଲିଆ ଦଳ ୱେଷ୍ଟଇଣ୍ଡିଜକୁ ହରାଇଥିବା ବେଳେ ଦ୍ୱିତୀୟ ସେମିରେ ଇଂଲଣ୍ଡ ଶକ୍ତିଶାଳୀ ଦ.ଆଫ୍ରିକାକୁ ପରାସ୍ତ କରିଥିଲା। ଏଥର ଆଇସିସି ପୁରସ୍କାର ରାଶି ବଢ଼ାଇଛି। ଚାମ୍ପିଅନ ଦଳ ୨୨ କୋଟି ଓ ରନର୍ସ ଅପ୍ ଦଳକୁ ୧୧ କୋଟି ଟଙ୍କା ପୁରସ୍କାର ମିଳିବ। ଦୁଇ ଦଳର ଅଧିନାୟକ ଫାଇନାଲ ମ୍ୟାଚର ଅଧଘଣ୍ଟା ପୂର୍ବରୁ ପଡିଆକୁ ଓହ୍ଲାଇବେ। ଇଂଲଣ୍ଡ ଘରୋଇ ପିଚରେ ୮ଥର ଫାଇନାଲରେ ପ୍ରବେଶ କରିଥିବା ଦଳକୁ ଭେଟୁଥିବାରୁ ମୁକାବିଲା ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି। ଇଂଲଣ୍ଡ ପଞ୍ଚମଥର ପାଇଁ ଫାଇନାଲ ଖେଳିବ। ୨୦୦୯ରେ ଇଂଲଣ୍ଡ ଟାଇଟଲ ହାସଲ କରିଥିବା ବେଳେ ୨୦୧୨, ୨୦୧୪ ଓ ୨୦୧୮ରେ ରନର୍ସ ଅପ୍ ହୋଇଥିଲା।



## ଶନିବାର ଦ୍ୱିତୀୟ ଟି-୨୦

# ବୈଭବଙ୍କୁ ମିଳିପାରେ ସୁଯୋଗ

ନୂଆଦିଲ୍ଲୀ,୩।୭(ଏଜେନ୍ସି):ଭାରତ ଓ ଇଂଲଣ୍ଡ ମଧ୍ୟରେ ଟି-୨୦ ଶୃଙ୍ଖଳା ଜାରି ରହିଛି। ୫ ମ୍ୟାଚ ବିଶିଷ୍ଟ ଏହି ଶୃଙ୍ଖଳାର ପ୍ରଥମ ମ୍ୟାଚ ବର୍ଷା ଯୋଗୁଁ ଅଧାରୁ ଦୋହିଯାଇଥିଲା। ଅର୍ଥାତ ଭାରତୀୟ ଇନିଂସ ୧୮୯/୭ରେ ଶେଷ ହେବା ପରେ ପ୍ରବଳ ବର୍ଷା ଯୋଗୁଁ ଆଉ ଖେଳ ସମ୍ଭବ ହୋଇପାରିନଥିଲା। ଏହି ମ୍ୟାଚରେ ଅଭିଶେକ ଶର୍ମା ଓ ଅଧିନାୟକ ଶ୍ରେୟାସ ଆୟର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏହି ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ ଶନିବାର ମାଞ୍ଚେଷ୍ଟରରେ ଖେଳାଯିବ। ବିଗତ କିଛି ଦିନ ହେବ ବିହାରର ୧୫ ବର୍ଷୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ଡେବ୍ୟୁ କରିବା ନେଇ ତର୍କବିତର୍କ ଜାରି ରହିଛି। ସମ୍ଭବତଃ ଏହି ମ୍ୟାଚରେ ବୈଭବଙ୍କୁ ସୁଯୋଗ ମିଳିପାରେ। ଆୟର୍ଲାଣ୍ଡ ବିପକ୍ଷ ଦୁଇଟି ଓ ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚରେ ୱିକେଟରକ୍ଷକ ସଞ୍ଜୁ ସାମସନ ବିଫଳ ହୋଇଥିଲେ। ତେଣୁ ତାଙ୍କ ସ୍ଥାନରେ ବୈଭବଙ୍କୁ ଖେଳାଯାଉ ବୋଲି ବହୁ ପୂର୍ବତନ କ୍ରିକେଟର ନିଜର ମତ ରଖିସାରିଛନ୍ତି। ରବି ଶାସ୍ତ୍ରୀ ଓ ସୁନୀଲ ଗାଭାସ୍କରଙ୍କ ପରି ମହାନ ତାରକା ଯୁବ ଖେଳାଳି ବୈଭବଙ୍କ ସପକ୍ଷରେ ମତ ରଖିଛନ୍ତି। ଯଦି ତାଙ୍କୁ ଦଳରେ ନିଆଯାଇଛି ତେବେ ଖେଳାଯାଉ। ନଚେତ ପରିସ୍ଥିତି ଅସମ୍ଭାଳ ହେବ ବୋଲି ଗାଭାସ୍କର କହିଥିଲେ। ଭଲ ଲୟରେ ଥିବାରୁ ବିଦେଶ ମାଟିରେ ବୈଭବଙ୍କ ଦକ୍ଷତାକୁ ପରଖି ହେବ। ଭଲ ମନ୍ଦର ବିଚାର ଜଣାନଥିବା ବୈଭବଙ୍କୁ ଅଧିକ ଦିନ ମ୍ୟାଚ ନଖେଳାଇ ବସାଇ ରଖିଲେ ସେ ଚାପଗ୍ରସ୍ତ ହେବେ। ତାଙ୍କ ଖେଳ ମଧ୍ୟ ପ୍ରଭାବିତ ହେବ। ପରୀକ୍ଷାମୂଳକ ଭାବେ ତାଙ୍କୁ ଗୋଟିଏ ଦୁଇଟି ମ୍ୟାଚରେ ଖେଳାଇଲେ କୌଣସି ଅସୁବିଧା ନାହିଁ ବୋଲି ଗାଭାସ୍କର କହିଛନ୍ତି। ତେଣୁ ସାନସନ କି ସୂର୍ଯ୍ୟବଂଶୀଙ୍କୁ ଚୂଡାନ୍ତ ଏକାଦଶରେ କାହାକୁ ସ୍ଥାନ ଦିଆଯିବ ସେ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତାରେ ପଡିଛି। ପ୍ରଭାବଶାଳୀ ତିଳକ ବର୍ମା ମଧ୍ୟଭାଗରେ ସେ ପରି କିଛି କରିପାରୁନାହାଁନ୍ତି। ଚଳିତ ବର୍ଷ ୧୨ ଟି-୨୦ ମ୍ୟାଚ ଖେଳି ମାତ୍ର ୧୨ଟି ଛକା ମାରିଛନ୍ତି। ଶିବମ ଦୁବେ ଗତ ମ୍ୟାଚରେ ଭଲ ଖେଳି ଫର୍ମକୁ ଫେରିଛନ୍ତି। ସ୍ଥାନୀୟ ୱାଲ୍ଡ ଟ୍ରାଫଡ ଟ୍ରାକ୍ ସ୍ପିନରଙ୍କୁ ସୁହାଇବ। ତେଣୁ ଭାରତୀୟ ସ୍ପିନ ବୋଲିଂ ବିଭାଗରେ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଇଂଲଣ୍ଡର ବ୍ୟାଟିଂ ଲାଇନ ଅତି ଚମତ୍କାର ରହିଛି। ଭାରତୀୟ ବୋଲରଙ୍କୁ ସାମ୍ନା କରିବାକୁ ଅଧିନାୟକ ହ୍ୟାରି ବ୍ରୁକ୍, ଫିଲ୍ ସଲ୍ଟ ଓ ଟମ୍ ବଣ୍ଟନ ରହିଛି। ପ୍ରଥମ ମ୍ୟାଚରେ ବିଶ୍ରାମ ନେଇଥିବା ଜୋଫ୍ରା ଆଚରଙ୍କୁ ଦ୍ୱିତୀୟ ମ୍ୟାଚରେ ସୁଯୋଗ ମିଳିପାରେ। ଏହି ମ୍ୟାଚ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ।



# ଭାରତ ବିପକ୍ଷ ଦିନିକିଆ ଶୃଙ୍ଖଳା : ଇଂଲଣ୍ଡ ଦଳ ଘୋଷିତ

ଲଣ୍ଡନ,୩।୭(ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳା ଜାରି ରହିଛି। ତେବେ ଜୁଲାଇ ୧୪ରୁ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଆରମ୍ଭ ହେବାକୁଯାଉଛି। ଗତ ଜୁନ ୨୧ ତାରିଖରେ ବିସିସିଆଇ ଭାରତୀୟ ଦଳ ଘୋଷଣା କରିଥିଲା। ତେବେ ଶୁକ୍ରବାର ଇଂଲଣ୍ଡର ୧୬ ଜଣିଆ ଦଳ ଘୋଷଣା ହୋଇଛି। ହ୍ୟାରି ବ୍ରୁକ ଟିମ୍ ଟିମର ନେତୃତ୍ୱ ନେବେ। ୨୭ ବର୍ଷୀୟ ହ୍ୟାରି ବ୍ରୁକଙ୍କୁ ଦିନିକିଆ ଶୃଙ୍ଖଳା ପାଇଁ ଅଧିନାୟକ ନିଯୁକ୍ତ କରାଯାଇଛି। ଗତବର୍ଷ ତାଙ୍କୁ ପ୍ରଥମଥର ପାଇଁ ଏହି ଦାୟିତ୍ୱ ଦିଆଯାଇଥିଲା। ସସେକ୍ ଅଲରାଉଣ୍ଡର ଜେମ୍ସ କୋଲ୍ସଙ୍କୁ ମଧ୍ୟ ପ୍ରଥମଥର ପାଇଁ ଦିନିକିଆ ଦଳରେ ସୁଯୋଗ ମିଳିଛି। ଜୋସ ଟଙ୍ଗଙ୍କ ଲାଗି ଦିନିକିଆ ଡେବ୍ୟୁ କରିବାର ସୁଯୋଗ ଅଛି। ସେ ଇଂଲଣ୍ଡ ପାଇଁ ୧୨ଟି ଟେଷ୍ଟ ମ୍ୟାଚ ଖେଳି ୫୭ ୱିକେଟ୍ ନେଇଛନ୍ତି।

**ଇଂଲଣ୍ଡ ଦଳ:** ହ୍ୟାରି ବ୍ରୁକ୍ (ଅଧିନାୟକ), ରେହାନ ଅହମ୍ମଦ, ଜୋଫ୍ରା ଆର୍ଚର, ଗସ ଆଟକିନସନ, ଟମ୍ ବଣ୍ଟନ, ଜ୍ୟାକବ ବେଥେଲ, ଜୋସ ବଟଲର, ଜେମ୍ସ କୋଲ୍ସ, ସାମ କୁରନ, ଲିଆମ ଡସନ, ବେନ ଡକଟ୍, ୱିଲ ଜ୍ୟାକ୍ସ, ସାକିବ ମହମ୍ମଦ, ଆଦିଲ ରସିଦ, ଜୋ ରୁଟ୍, ଜୋସ ଟଙ୍ଗ।

**ଭାରତୀୟ ଦଳ:** ଶୁଭମନ ଗିଲ୍, ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟାସ ଆୟର, ଲୋକେଶ ରାହୁଲ, ଇଶାନ କିଷାନ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ନୀତିଶ କୁମାର ରେଡ୍ଡୀ, କୁଲଦୀପ ଯାଦବ, ଯଶପ୍ରୀତ ବୁମରା, ପ୍ରସିଦ୍ଧ କ୍ରିଷ୍ଣା, ହର୍ସିତ ରାଣା, ଅର୍ଶଦୀପ ସିଂ, ଗୁରନୁର ବ୍ରାର।

## ଏସିଆନ୍ କନିଷ୍ଠ ବାଳକ ହ୍ୟାଣ୍ଡବଲ

# ଜାତୀୟ ଶିବିରରେ ଓଡ଼ିଶାର ଗୌରୀ ଶଙ୍କର, ସୁପ୍ରଜିତ

ଭୁବନେଶ୍ୱର,୩।୭(ସବ୍ୟୁ): ରାଜ୍ୟର ଜଣାଶୁଣା ହ୍ୟାଣ୍ଡବଲ କୋଚ୍ ଗୌରୀ ଶଙ୍କର ମିଶ୍ରଙ୍କ ପାଇଁ ଆଉ ଏକ ସୁଯୋଗ ଆସିଛି। ଚଳିତ ମାସ ୧୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଚୀନର ଚୁଜ ସହରରେ ଆୟୋଜିତ ହେବାକୁଯାଉଛି ୨୧ ବର୍ଷରୁ କମ୍ ଏସିଆନ୍ ବାଳକ ହ୍ୟାଣ୍ଡବଲ ବାଳକ ପ୍ରତିଯୋଗିତା। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଜାତୀୟ ଶିବିରକୁ ଓଡ଼ିଶାର କୋଚ ଗୌରୀ ଶଙ୍କର ମିଶ୍ର ଓ ହ୍ୟାଣ୍ଡବଲ ଖେଳାଳି ସୁପ୍ରଜିତ ବେହେରା ମନୋନୀତ ହୋଇଛନ୍ତି। ଏହି ଶିବିର ୩ରୁ ୧୨ ତାରିଖ ପର୍ଯ୍ୟନ୍ତ ଟାଟାନଗର ଜେଆରଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜିତ ହେବ। ଗୌରୀ ଶଙ୍କର ଓ ସୁପ୍ରଜିତ ଏହି ସଫଳତା ପାଇଁ ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ର ନାଥ ଦାସ ଓ ଭୁବନେଶ୍ୱର ହ୍ୟାଣ୍ଡବଲ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।





ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# ଧର୍ମଶାଳା ଷ୍ଟାଡିୟମ ପରିସରରେ କ୍ରୀଡା ଛାତ୍ରାବାସ ଉଦଘାଟିତ



ଧର୍ମଶାଳା, ୩। ୭( ସ ବୁ୍ୟ) : ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ପରିସରରେ ବହୁ ପ୍ରତିକ୍ଷୀତ କ୍ରୀଡାଛାତ୍ରାବାସର ଆଜି ଉଦଘାଟନ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ୧୫ ଗୋଟି କ୍ରୀଡା ଛାତ୍ରାବାସ ରହିଥିବା ବେଳେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉଦ୍ୟମକ୍ରମେ ଏଠାରେ ରାଜ୍ୟର ୧୬ ତମ କ୍ରୀଡାଛାତ୍ରାବାସ ସ୍ଥାପନ ହୋଇପାରିଛି। ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କରଙ୍କ ସଭାପତିତ୍ୱରେ ଆୟୋଜିତ ଶୁଭ ଉଦଘାଟନ ଉତ୍ସବରେ ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରାବାସର ଶୁଭ ଉଦଘାଟନ କରିବା ସହ ପୁର୍ବତନ ବିଧାୟକ ଉପରେ ବର୍ଷିଥିଲେ। ପୁର୍ବତନ ବିଧାୟକ ଷ୍ଟାଡିୟମକୁ ଏହ ବ୍ୟବସାୟରେ ପରିଣତ କରି ଏଠାରେ ଥିବା ହଲରେ ବାହାଘର, ବ୍ରତଘରରେ ବ୍ୟବହାର କରି ସେମାନଙ୍କ ଠାରୁ ହଜାର ହଜାର ଟଙ୍କା ଲୁଟୁଥିଲେ। କ୍ରୀଡାପ୍ରତି ଧ୍ୟାନ ନଦେଇ ପୁର୍ବତନ ବିଧାୟକ କେବଳ ନିଜ କର୍ମୀ ଓ ନିଜେ କିଭଳି ଲାଭବାନ ହେବେ ସେଥିପ୍ରତି ଦୃଷ୍ଟି ଦେଉଥିଲେ ବୋଲି ବିଧାୟକ ସେ କହିଥିଲେ। ସମ୍ମାନୀୟ ଅତିଥି ଭାବେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର,ଉପଜିଲ୍ଲାପାଳ ତାପସ ରଞ୍ଜନ ଦେଉରୀ, ଅର୍ଜୁନପୁରସ୍କାର ପ୍ରାପ୍ତ ଦୌଡରାଣୀ ଦୁତି ଚାନ୍ଦ,ଜିଲ୍ଲା କ୍ରୀଡା ଅଧିକାରୀ ଫକିର ଚରଣ ଟୁଡୁ ଓ ରାମକୋ ସିମେଂଟ କାରଖାନାର ଅଧିକାରୀ ଗୋବିନ୍ଦ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ କ୍ରୀଡାଛାତ୍ରବାସ ହେବା ଦ୍ୱାରା ଗ୍ରମାଂଚଳରେ ଖେଳକୁଦରେ ରୁଚି ରଖୁଥିବା କ୍ରୀଡାବିତମାନେ ମାନେ ଏଠାରେ ମାଗଣା ପ୍ରଶିକ୍ଷଣ ପାଇ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାଥମିକ ସ୍ତରରେ ଏଠାରେ ୫୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ କରାଯାଇଛି। ପରବର୍ତୀ ସମୟରେ ଏହାର ସଂଖ୍ୟା ବୃଦ୍ଧି କରାଯିବ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି। ଦୂର ଦୁରାନ୍ତରୁ ଅସୁଥିବା କ୍ରୀଡାବିତମାନେ ଛାତ୍ରାବାସରେ ରହିବାର ସୁଯୋଗ ପଇବା ସହିତ ସେମାନଙ୍କ ପାଠପଢା ଓ ଖାଇବା ବ୍ୟବସ୍ଥା ସ୍ଥାନୀୟ ରାମକୋ ସିମେଂଟ ପକ୍ଷରୁ କରାଯାଇଛି। ଛାତ୍ରାବାସ ବାଦ ଏଠାରେ ଆଡମିସନ ନେଇଥିବା କ୍ରୀଡାବିତମାନେ ଭଲି, ଫୁଟବଲ,କ୍ରିକେଟ ଓ ଆଥଲେଟ ଆଦି ଖେଳର ପ୍ରଶିକ୍ଷଣ ନେବେ। ପ୍ରଥମ ପର୍ଯ୍ୟାୟରେ ଏଠାରେ ଏବେ ଛାତ୍ରାବାସ କ୍ରୀଡାବିତଙ୍କ ସମେତ ୧୦୦ଜଣ କ୍ରିଡାବିତ ଆଡମିସନ କରି ବିଭିନ୍ନ ପ୍ରକାର ଖେଳର କୋଚ ନେଇପାରିବେ। କ୍ରିଡାବିତମାନଙ୍କ ମଧ୍ୟରେ ୬୫ ଜଣ ଛାତ୍ର ଓ ୩୫ ଜଣ ଛାତ୍ରୀ କ୍ରିଡାବିତ ଆଡମିସନ ନେବାର ବ୍ୟବସ୍ଥା ରହିଛି। ରାଜ୍ୟର ବଛାବଛା କୋଚମାନଙ୍କୁ ଏଠାରେ ନିଯୁକ୍ତି ଦିଆଯିବା ନେଇ ସୂଚନା ଦିଆଯାଇଛି। ଶିକ୍ଷକ ଦେବରାଜ ମିଶ୍ର ଅତିଥିପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ସୁଦୀପ୍ତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରାଜେଶ କୁମାର ପାଳ, ଅଭିଶେକ ରାଉତ,ସିବୁଲି ଧିର, ତପନ କୁମାର ମାହୁନ୍ତ, ଜିତେନ୍ଦ୍ର ରାଉତ, ଆଲୋକ ରାଉତ ପ୍ରମୁଖ ପରିଚାଳନାରେ ସହାୟତା କରିଥିବା ବେଳେ ଏଥିରେ ବହୁ କର୍ମୀ ଓ ସାଧାରଣ ଲୋକମାନେ ଯୋଗଦେଇଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି